RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR

◆VOLUME- 43 ◆ISSUE-68 ◆MONDAY ◆1 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୬୮ ◆ସୋମବାର ◆୧ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ଓଡ଼ିଶା ପ୍ରୋ ଟି-୨୦

## ବ୍ରେଟ୍ ଲି, ଦେବାଶିଷ ବ୍ରାଣ୍ଡ ଆମ୍ବାସାଡର୍

■ **କଟକ, ୩୧।୮ (ସମିସ):** ଐତିହାସିକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୫ ତାରିଖରୁ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ୍) ର ପ୍ରଥମ ସଂସ୍କରଣ ଖେଳାଯିବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଏହି ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍ ଆୟୋଜନ କରିବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ମହାନ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ବ୍ରେଟ୍ ଲି ଓ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ମହାନ୍ତି ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ପୁରୀରେ ରବିବାର ଆୟୋଜିତ ଓସିଏର ବାର୍ଷିକ ସାଧାରଣ ପରିଷଦ(ଏଜିଏମ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବ୍ରେଟ୍ ଲି'ଙ୍କ ଭଳି କିମ୍ବଦନ୍ତୀ କ୍ରିକେଟର୍‌ଙ୍କୁ ଆମ୍ବାସାଡର ନିଯୁକ୍ତ କରିବା ପରେ ଦେଶରେ ବିଭିନ୍ନ ରାଜ୍ୟରେ ଆୟୋଜିତ ହେଉଥିବା ଅନ୍ୟ ଲିଗ୍ ଭଳି ଏହାର ଗୁରୁତ୍ୱ ବେଶ୍ ବଢ଼ିବ ବୋଲି ଆଶା କରାଯାଉଛି। ୪୮ ବର୍ଷୀୟ ଲି ମଧ୍ୟ ଏହି ଲିଗ୍‌ର ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ବୋଲି ଜଣାପଡ଼ିଛି।

ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଲିଗ୍‌ରେ ୬ଟି ଦଳ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦିନ ୨ଟି ଲେଖାଏ ମ୍ୟାଚ୍ ଖେଳାଯିବ। ଆରିଭା ସ୍ପୋର୍ଟ୍ସ ଏହି ଲିଗ୍‌ର ପ୍ରାୟୋଜକ ରହିଛି। ସମସ୍ତ ମ୍ୟାଚ୍ ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କରେ ସିଧାପ୍ରସାରଣ କରାଯିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଅଂଶଗ୍ରହଣକାରୀ ୬ଟି ଦଳ ସେପ୍ଟେମ୍ବର ୩ରେ ଖେଳାଳି କ୍ରୟ କରିବେ ବୋଲି ଜଣାପଡ଼ିଛି। ପ୍ରତ୍ୟେକ ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କିଣାଯିବ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି।

## ବାଣ କାରଖାନାରେ ବିସ୍ଫୋରଣ; ୪ ମୃତ



**ମାଲିକ ଓ ପତ୍ନୀ ମୃତ**

■ **ଲକ୍ଷ୍ନୌ, ୩୧।୮ (ଏଜେନ୍ସି):** ରବିବାର ସକାଳେ ଲକ୍ଷ୍ନୌର ଗୁଡମ୍ବା ଥାନା ଅଞ୍ଚଳର ବେହଟା ଗାଁରେ ଏକ ବେଆଇନ୍ ବାଣ କାରଖାନାରେ ବିସ୍ଫୋରଣ ଘଟି ୪ ଜଣ ପ୍ରାଣ ହରାଇଛନ୍ତି। ଏହି ପ୍ରଚଣ୍ଡ ବିସ୍ଫୋରଣରେ ପୂରା କୋଠା ଉଡିଯିବା ସହ ପାଖରେ ଥିବା ଦୁଇଟି ଘର ମଧ୍ୟ ଭୁଶୁଡି ପଡିଛି। ଆଉ କିଛି ଲୋକ ଆବର୍ଜନା ତଥା ଧ୍ୱଂସାବଶେଷ ତଳେ ଦବି ରହିଥିବା କୁହାଯାଉଛି। ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି। ଏଥିରେ କାରଖାନାର ମାଲିକ ଓ ତାଙ୍କ ପତ୍ନୀ ମୃତ୍ୟୁବରଣ କରିଛନ୍ତି ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଗୁରୁତରଭାବେ ଆହତ ହୋଇଥିବା ଅନ୍ୟ ଦୁଇଜଣଙ୍କୁ କେଜିଏମ୍‌ୟୁ ଟ୍ରମା ସେଣ୍ଟରରେ ଚିକିତ୍ସା କରାଯାଉଛି। ସେମାନଙ୍କ ଶରୀର ପ୍ରାୟ ୭୦ ପ୍ରତିଶତ ଜଳିଯାଇଛି। ଫୋରେନସିକ ଟିମ୍ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିବା ସହ ପୁଲିସ ତଦନ୍ତ ଜାରି ରଖିଛି।

# ମାନବତା ପାଇଁ ଭାରତ-ଚୀନ୍ ସମ୍ବନ୍ଧ

## ଆତଙ୍କବାଦ ବିରୋଧୀ ଲଢ଼େଇରେ ସହଯୋଗ ମାଗିଲେ ମୋଦୀ



**୨.୮ ବିଲିୟନ ଲୋକଙ୍କ ହିତରେ ଭାରତ, ଚୀନ୍ ସମ୍ବନ୍ଧ: ମୋଦୀ**

- ମୋଦୀ-ଜିନପିଙ୍ଗ ୫୦ ମିନିଟ ଧରି ଆଲୋଚନା
- ଭାରତ ଆସିବାକୁ ଚୀନ୍ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ
- ଏସ୍‌ସିଓ ସମ୍ମିଳନୀରେ ଯୋଗଦେଲେ ପ୍ରଧାନମନ୍ତ୍ରୀ
- ଏର୍ଦୋଗାନ ଓ ଶାହବାଜଙ୍କୁ ଏଡ଼ାଇ ଗଲେ

**ଡ୍ରାଗନ ଓ ହାତୀ ଏକାଠି ହେବାର ସମୟ: ଜିନପିଙ୍ଗ**

■ **ବେଜିଂ, ୩୧।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ୭ ବର୍ଷ ପରେ ବେଜିଂରେ ପହଞ୍ଚିଛନ୍ତି। ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ମଜବୁତ କରିବା ପାଇଁ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ପୂର୍ବରୁ ଟିଆନଜିନରେ ସେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିଛନ୍ତି। ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୫୦ ମିନିଟ ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ଏହା ଦୁଇ ଦେଶର ସମ୍ବନ୍ଧକୁ ନୂଆ ଦିଗ ଦେଇଛି। ଭାରତ ଏବଂ ଚୀନ୍ ମଧ୍ୟରେ ସିଧାସଳଖ ବିମାନ ଉଡ଼ାଣ, କୈଳାସ ମାନସରୋବର ଯାତ୍ରା, ସୀମାପାର ବାଣିଜ୍ୟ କାରବାର ପୁଣିଥରେ ଆରମ୍ଭ କରିବା ପାଇଁ ସହମତି ପ୍ରକାଶ ପାଇଛି। ମୋଦୀ ଆତଙ୍କବାଦର ପ୍ରସଙ୍ଗ ଉଠାଇ ଏହାକୁ ବିଶ୍ୱ ସମସ୍ୟା କହିଥିଲେ। ଏହାର ମୁକାବିଲା ପାଇଁ ସେ ଜିନପିଙ୍ଗଙ୍କୁ ସହଯୋଗ ମାଗିଥିଲେ। ୨୦୨୬ରେ ଭାରତରେ ଆୟୋଜିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପାଇଁ ତାଙ୍କୁ ଆମନ୍ତ୍ରଣ କରିଛନ୍ତି। ମୋଦୀ କହିଥିଲେ ଯେ ଭାରତ ଏବଂ ଚୀନ୍ ସମ୍ବନ୍ଧ ୨.୮ ବିଲିୟନ ଲୋକଙ୍କ ହିତରେ। ଏହା କେବଳ ଦୁଇ ଦେଶ ନୁହେଁ; ବରଂ ମାନବତା ପାଇଁ ଉପଯୋଗୀ। ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସମ୍ବେଦନଶୀଳତା ଆଧାର କରି ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ମଜଭୁତ କରିବା ପାଇଁ ଆମେ ପ୍ରତିବଦ୍ଧ। ଏଥିପାଇଁ ସୀମାରେ ଶାନ୍ତି ଏବଂ ସ୍ଥିରତା ଜରୁରୀ।

ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟି ଖୁସି ଲାଗୁଛି ବୋଲି ଜିନପିଙ୍ଗ କହିଥିଲେ। ଡ୍ରାଗନ (ଚୀନ୍) ଏବଂ ହାତୀ (ଭାରତ) ଏକାଠି ହେବା ଉଚିତ। ଦୁଇ ଦେଶ ପ୍ରତିଦ୍ୱନ୍ଦ୍ୱି ନୁହେଁ, ବରଂ ସହଯୋଗୀ। ଏବେ ବନ୍ଧୁତାର ସଠିକ ସମୟ ଆସିଯାଇଛି। ଉଭୟ ଦେଶ ଉତ୍ତମ ପଡୋଶୀ ହେବା ଗୁରୁତ୍ୱପୂର୍ଣ୍ଣ। ପରସ୍ପରର ସଫଳତାରେ ଉଭୟ ଦେଶ ଖୁସି ହେବା ଉଚିତ। ଦୀର୍ଘକାଳୀନ ଏବଂ ରଣନୈତିକ ଦୃଷ୍ଟିରୁ ସମ୍ପର୍କକୁ ମଜବୁତ କରିବାକୁ ହେବ। ବହୁକେନ୍ଦ୍ରିକ ବ୍ୟବସ୍ଥା, ଅନ୍ତର୍ଜାତୀୟ ସଂସ୍ଥାରେ ଗଣତନ୍ତ୍ରକୁ ସଦୃଢ଼ ରଖି ଏସିଆ ଏବଂ ସାରା ବିଶ୍ୱରେ ଶାନ୍ତି ଓ ସମୃଦ୍ଧି ପାଇଁ ଦୁଇ ଦେଶକୁ ଏକାଠି କାମ କରିବାକୁ ହେବ। ନିଜର ଐତିହାସିକ ଦାୟିତ୍ୱକୁ ନିର୍ବାହ କରିବାକୁ ପଡ଼ିବ।

ମୋଦୀଙ୍କ ଏହି ଗସ୍ତ ଦ୍ୱାରା ଦୁଇ ଦେଶର ସମ୍ପର୍କ ସ୍ୱାଭାବିକ ହୋଇପାରେ। ୨୦୨୦ର ଗଲୱାନ ସଂଘର୍ଷ ପରେ ପ୍ରଥମ ଥର ପାଇଁ ବାଣିଜ୍ୟକୁ ନେଇ ଅନେକ ନିଷ୍ପତ୍ତି ନେଇଛନ୍ତି। ତେବେ ସୀମା ବିବାଦ ଏବଂ ପାଣି ସମସ୍ୟା ଏବେ ବି ପ୍ରମୁଖ ପ୍ରସଙ୍ଗ ହୋଇ ରହିଛି। ସୀମାରେ ୨୦୨୦ ଏପ୍ରିଲ ପୂର୍ବର ସ୍ଥିତିକୁ ଫେରିନାହିଁ। ଆର୍ଥିକ ଚାପ ଏବଂ ବୈଶ୍ୱିକ ସ୍ଥିତି ଦୁଇ ଦେଶକୁ ଏକାଠି ହେବାକୁ ବାଧ୍ୟ କରିଛି। ▶ପୃଷ୍ଠା-୭

**ଦାନା ବାନ୍ଧୁଛି ଲଘୁଚାପ**

## ଆଜିଠୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୩୧।୮ (ସମିସ):** ରାଜ୍ୟରେ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଭିନ୍ନ ଭିନ୍ନ ସ୍ଥାନରେ ପର୍ଯ୍ୟାୟ କ୍ରମେ ବର୍ଷା ଅନୁଭୂତ ହେବ। ଦୁଇ ତିନି ଦିନର ବ୍ରେକ୍ ପରେ ପୁଣି ବର୍ଷା ଆରମ୍ଭ ହେବ। ଆଗକୁ ଯୋଡ଼ି ଲଘୁଚାପର ସମ୍ଭାବନା ଥିବାରୁ ଏଭଳି ବର୍ଷା ନେଇ ଆକଳନ କରାଯାଉଛି। ବର୍ଷାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ସତର୍କ ସୂଚନା ମଧ୍ୟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି।



ସୋମବାରଠାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବା ସହ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ କେନ୍ଦ୍ର ଆକଳନ କରିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରବିବାର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମ୍ଭବତଃ ସୋମବାର କିମ୍ବା ମଙ୍ଗଳବାର ସୁଦ୍ଧା ଏକ ଲଘୁଚାପ ହୋଇ ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଆନ୍ଧ୍ର ଉପକୂଳ ବଙ୍ଗୋପସାଗରରେ ରହିବ। ଏହା ତିନିଦିନ ପର୍ଯ୍ୟନ୍ତ ସେହି ସ୍ଥାନରେ ରହିବା ସହ ସେପ୍ଟେମ୍ବର ୪ରେ କିଛି ଦୁର୍ବଳ ହୋଇ ୫-୬ରେ ଓଡ଼ିଶା ଉପକୂଳ ନିକଟତର ହେବ। ଆକଳନ କରାଯାଉଛି ଯେ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରୁ ସମ୍ବଲପୁର ସଂଯୋଗ କରୁଥିବା ସରଳରେଖାର ଦକ୍ଷିଣରେ ବର୍ଷା ହେବ। ଅବିଭକ୍ତ କୋରାପୁଟ, ▶ପୃଷ୍ଠା-୭

**ମହାନଦୀ ଜଳବିବାଦ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ**

## ନବୀନଙ୍କ ପ୍ରସ୍ତାବରେ ଏକମତ ମନମୋହନ



**ଆଲୋଚନାରେ ଅଂଶୀଦାରଙ୍କୁ ସାମିଲ କରିବାକୁ ଦାବି**

■ **ଭୁବନେଶ୍ୱର, ୩୧।୮ (ସମିସ):** ମହାନଦୀ ଜଳବିବାଦ ମାମଲା ପ୍ରସଙ୍ଗରେ ସର୍ବଦଳୀୟ ବୈଠକ ନିମନ୍ତେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦେଇଥିବା ପ୍ରସ୍ତାବରେ ସହମତ ହୋଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ରବିବାର ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରପ୍ରଦାନ ଅବସରରେ ଶ୍ରୀ ସାମଲ ମହାନଦୀ ପ୍ରସଙ୍ଗରେ ସବୁ ରାଜନୈତିକ ଦଳକୁ ଏକାଠି ହେବାକୁ ଆହ୍ୱାନ ଦେବା ସହ ଆମେ ସବୁ ରାଜନୈତିକ ଦଳକୁ ଆହ୍ୱାନ କରିବୁ ଓ ସମସ୍ତେ ଏକାଠି ବସନ୍ତୁ ଓ ଏକାଠି କାମ କରନ୍ତୁ ବୋଲି କହିଛନ୍ତି।

ମହାନଦୀ ଜଳ ବିବାଦ ମାମଲାରେ ରାଜ୍ୟ ସରକାର ଛତିଶଗଡ଼ ସହ ଆପୋସ ସମାଧାନ ଚାହୁଁଛନ୍ତି। ଏନେଇ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ଆସନ୍ତା ସେପ୍ଟେମ୍ବରରୁ ସାପ୍ତାହିକ ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏହାପରେ ସଚିବସ୍ତରୀୟ ଓ ଡ଼ିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକାଠି ବୈଠକ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ। ମାତ୍ର ଛତିଶଗଡ଼ ସହ ବୈଠକକୁ ନେଇ ରାଜ୍ୟ ସରକାର ଉତ୍ସାହିତ ଥିବାବେଳେ ଆପୋସ ସମାଧାନର ସର୍ତ୍ତାବଳୀ କଣ ତାହା କିନ୍ତୁ ସାର୍ବଜନୀନ କରୁନାହାନ୍ତି। ଯାହାକୁ ନେଇ ଗତ ଜୁଲାଇ ମାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ମହାନଦୀ କେବଳ ଏକ ନଦୀ ନୁହେଁ; ଓଡ଼ିଶାର ଆତ୍ମା ବୋଲି ଉଲ୍ଲେଖ କରି ଉଭୟ ▶ପୃଷ୍ଠା-୭

**ଉପହାର ପାଇଁ କଳି**

## ସ୍ତ୍ରୀ-ଶାଶୂଙ୍କୁ ହତ୍ୟା

■ **ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି):** ପୁଅର ଜନ୍ମଦିନ ଉପହାରକୁ ନେଇ ଦିଲ୍ଲୀର କେଏନ୍ କାଟଜୁ ଅଞ୍ଚଳରେ ଏକ ବଡ଼ ଅଘଟଣ ଘଟିଛି। ଯୋଗେସ ସହଗଲ ନାମକ ଜଣେ ବ୍ୟକ୍ତି ପୁଅ ଜନ୍ମଦିନ ଉପହାରକୁ ନେଇ ଯୁକ୍ତିତର୍କ ହେବା ଫଳରେ ନିଜ ପତ୍ନୀ ପ୍ରିୟା ଓ ଶାଶୂ କୁସୁମ ସିହ୍ନାଙ୍କୁ କଇଁଚିରେ ସାହାଯ୍ୟରେ ହତ୍ୟା କରିଛି। ଯୋଗେଶଙ୍କୁ ପୁଲିସ ରୋହିଣୀରୁ ଗିରଫ କରିଛି। ହତ୍ୟାକାଣ୍ଡ କାରଣ କଥା ଶୁଣି ପୁଲିସ ଚକିତ ହୋଇଥିଲା। ପୁଅ ପାଇଁ ଶାଶୁ ଆଣିଥିବା ଉପହାର ଯୋଗେଶଙ୍କ ପସନ୍ଦ ହୋଇ ନଥିଲା। ଏଥିପାଇଁ ଯୋଗେଶ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା ଓ ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ଏହି କାଣ୍ଡ ଘଟାଇଥିଲେ। ନାତି ଜନ୍ମଦିନ ପାଳନ କରିବାକୁ କୁସୁମ ଝିଅ ଘରକୁ ଆସିଥିଲେ। ଭଲ ଉପହାର ପରେ ଆଣିଦେବେ ବୋଲି କୁସୁମ କହୁଥିଲେ ମଧ୍ୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ▶ପୃଷ୍ଠା-୭

## ୧୬ ନୂଆ ଏନ୍‌ଏସି, ୭ ସହରକୁ ମ୍ୟୁନିସିପାଲିଟି ମାନ୍ୟତା

### ୪୪ଟି ପୌରାଞ୍ଚଳକୁ ସମ୍ପ୍ରସାରିତ ହେଲା 'ସହଯୋଗ' କାର୍ଯ୍ୟକ୍ରମ



**ବିଜେଡିର କଟାକ୍ଷ**

- ଓଡ଼ିଶା ପୁଣି ଦେଖିଲା ବିଜେପିର 'କପି-ପେଷ୍ଟ' ଶାସନର ଧାରା
- କିଛି ନୂଆ କରିବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ
- ମୁଖ୍ୟମନ୍ତ୍ରୀଙ୍କ ଘୋଷଣାରେ କୌଣସି ବାସ୍ତବତା ନାହିଁ

➡ ପୃଷ୍ଠା-୩

■ **ଭୁବନେଶ୍ୱର, ୩୧।୮ (ସମିସ):** ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଆଉ ୧୬ ସହରକୁ ଏନ୍‌ଏସି ଓ ୭ ସହରକୁ ମ୍ୟୁନିସିପାଲିଟି କରାଯିବା ନିମନ୍ତେ ଘୋଷଣା କରିଛନ୍ତି। ବଲାଙ୍ଗୀର ଜିଲ୍ଲାର ଲୋଇସିଂଘା, ବରଗଡ ଜିଲ୍ଲାର ସୋହେଲା, କଟକ ଜିଲ୍ଲାର ବଡମ୍ବା, ନରସିଂହପୁର, ସାଲେପୁର, ଢେଙ୍କାନାଳ ଜିଲ୍ଲାର ଗଁଦିଆ, ଗଞ୍ଜାମ ଜିଲ୍ଲାର ପାତ୍ରପୁର ଓ ଜଗନ୍ନାଥ ପ୍ରସାଦ, ଯାଜପୁର ଜିଲ୍ଲାର ଚଣ୍ଡୀଖୋଲ, କଳାହାଣ୍ଡି ଜିଲ୍ଲାର ନର୍ଲା ଓ ଜୟପାଟଣା, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଏବଂ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଯଶୀପୁର ଓ ରାସଗୋବିନ୍ଦପୁରଗୁଡ଼ିକ ଏନ୍‌ଏସି ହେବ। ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ, ବୌଦ୍ଧ ଜିଲ୍ଲାର ବୌଦ୍ଧ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ଆସ୍କା, ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା ସହରାଞ୍ଚଳଗୁଡ଼ିକୁ ମ୍ୟୁନିସିପାଲିଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସ୍ୱାଧୀନତା ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ୨୧ ଏନ୍‌ଏସି ସୃଷ୍ଟି ସମ୍ପର୍କରେ ଘୋଷଣା କରିଥିଲେ। ଏହାମଧ୍ୟରୁ ୧୨ଏନଏସି ଗଠିତ ହେବା ▶ପୃଷ୍ଠା-୭

## ହତ୍ୟାକରି ଜାଳିଦେଲେ



**ଜଙ୍ଗଲରୁ ଦରପୋଡ଼ା ଶବ ଉଦ୍ଧାର**

■ **କୋଇଡ଼ା, ୩୧।୮ (ସମିସ):** କୋଇଡ଼ା ଥାନା କାଶୀରା ଗ୍ରାମ ନିକଟସ୍ଥ ବ୍ରାହ୍ମଣୀପାଟ ମେଢ଼ ଜଙ୍ଗଲରୁ ଆଜି ପୁଲିସ୍ ଜଣଙ୍କ ଅର୍ଦ୍ଧଦଗ୍ଧ ଗଳିତ ଶବ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲ୍ଲା ହସ୍ପିଟାଲକୁ ପଠାଇଛି। ଏହାସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବଟିର ପରିଚୟ ଜାଣିବା ପାଇଁ ପୁଲିସ୍ ତନାଘନା ଆରମ୍ଭ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ▶ପୃଷ୍ଠା-୭

## ପାଣିପାଗ କେନ୍ଦ୍ରରେ ୨ ବର୍ଷ ହେଲା ପଡ଼ିଛି ରାଡାର



**ଗତ ୮ ମାସ ହେଲାଣି ଗୋପାଳପୁର ରାଡାର ଅଚଳ**

**ବାଲେଶ୍ୱର, ସମ୍ବଲପୁର ପ୍ରକଳ୍ପରେ ଅହେତୁକ ବିଳମ୍ବ**

**କ୍ଷୋଭ ପ୍ରକାଶ କଲା ରାଜ୍ୟସଭା ସଂସଦୀୟ କମିଟି**

■ **ଭୁବନେଶ୍ୱର, ୩୧।୮ (ସମିସ):** ସମ୍ବଲପୁର ଓ ବାଲେଶ୍ୱରରେ ଦୀର୍ଘଦିନ ହେବ ଏହି ରାଡାର୍ ସ୍ଥାପନ ନିମନ୍ତେ କୋଠା ନିର୍ମାଣ ଶେଷ ହୋଇସାରିଥିଲେ ମଧ୍ୟ ରାଡ଼ାର ବସି ପାରୁନାହିଁ। ଯାହାଫଳରେ ପାଣିପାଗ ଜନିତ ଅନେକ ଗୁରତ୍ୱପୂର୍ଣ୍ଣ ତଥ୍ୟ ଆଇଏମ୍‌ଡି ପାଇବାରୁ ବଞ୍ଚିତ ରହୁଛି ଓ ଏହାର କୁପରିଣାମ ଓଡ଼ିଶାବାସୀ ଭୋଗୁଛନ୍ତି। ସମ୍ବଲପୁରଠାରେ ରାଡାର ପାଇଁ ବିଲ୍ଡିଂ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ସାରିଛି ଓ ଗତ ଡିସେମ୍ବର ମାସରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏହାକୁ ଉଦ୍‌ଘାଟନ କରିଥିଲେ ଓ ଜୁଲାଇ ମାସ ସୁଦ୍ଧା ଏଠାରେ ରାଡାର କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ହେଲେ ଜୁଲାଇ ଯାଇ ସେପ୍ଟେମ୍ବର ହେଲାଣି ରାଡାର୍ ବସିବା ଦୂରର କଥା ସାରଞ୍ଜାମ ମଧ୍ୟ ସେଠାରେ ପହଞ୍ଚିପାରି ନାହିଁ। ସମ୍ବଲପୁରରେ ବସିବାକୁ ଥିବା ରାଡାରର ବୈଦ୍ୟୁତିକ ସରଞ୍ଜାମ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରଠାରେ ଦୁଇ ବର୍ଷା ହେବ ପଡ଼ି ରହିଛି। ଖରା ବର୍ଷା ଖାଇ ଦୀର୍ଘ ଦିନ ହେବ ପଡ଼ି ରହିଥିବା ଏହି ବୈଦ୍ୟୁତିକ ସାରଞ୍ଜାମ ଲାଗିବା ପରେ ସଠିକ୍ ଭାବେ କାର୍ଯ୍ୟକ୍ଷମ ହେବ କି ନାହିଁ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ଅନ୍ୟପଟେ ରାଡାର ପ୍ରସଙ୍ଗକୁ ନେଇ ରାଜ୍ୟସଭାର 'ଗଭର୍ଣ୍ଣମେଣ୍ଟ ଆସୁରାନ୍ସ' କମିଟି କ୍ଷୋଭ ପ୍ରକାଶ କରିଛି। ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଓଡ଼ିଶାର ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ ସହ ଅନ୍ୟ ରାଜ୍ୟର ବହୁ ସାଂସଦ ଉପସ୍ଥିତ ଥିଲେ। ମାତ୍ର ରାଡାର ବସିବା ନେଇ ଅହେତୁକ ବିଳମ୍ବକୁ ନେଇ ସାଂସଦ ଶ୍ରୀମତୀ ▶ପୃଷ୍ଠା-୭

**ଅନୁଗୋଳ-ତାଳଚେର ମୁଖ୍ୟରାସ୍ତାରେ ସିରିଜ୍ ଦୁର୍ଘଟଣା**

## ୧୫ ଜଣଙ୍କ ଉପରେ ମାଡ଼ିଗଲା କାର୍



■ **ତାଳଚେର, ୩୧।୮ (ସମିସ):** ଅନୁଗୋଳ ଜିଲ୍ଲା ତାଳଚେର ମୁଖ୍ୟ ରାସ୍ତା ବାଇପାସ୍ ଛକରୁ ହାଣ୍ଡିଧୂଆଁ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ କାର୍ ସିରିଜ୍ ଦୁର୍ଘଟଣା ଘଟାଇଛି। ବିଭିନ୍ନ ସ୍ଥାନରେ ୧୫ ଜଣଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଉଥିବା ବେଳେ ପୁଲିସ୍ ପିଛା କରି ଗୋଡ଼ିବନ୍ଧଠାରେ କାରକୁ ଜବତ କରିଛି। ଅନ୍ୟପଟେ ଦୁର୍ଘଟଣାର ଶିକାର ୧୫ ଜଣଙ୍କୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଳଚେର ମଣ୍ଡାପାଳ ଡାକ୍ତରଖାନା, ସେଣ୍ଟ୍ରାଲ ହସ୍ପିଟାଲ ଓ ଅନ୍ୟ ହସ୍ପଟାଲ ପଠାଇଛନ୍ତି। ପୁଲିସ୍ କାର୍‌କୁ ଜବତ କରି ତାଳଚେର ଟାଉନ ଥାନାକୁ ଆଣିଥିବା ବେଳେ ଚାଳକ ବ୍ରାଉନସୁଗର ସେବନ କିମ୍ବା ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ଏହି କାଣ୍ଡ ଭିଆଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ତାଳଚେର ପ୍ରସିଦ୍ଧ ଗଣେଶ ପୂଜା ପାଇଁ ପ୍ରତ୍ୟେକ ଅଞ୍ଚଳରେ ପୁଲିସ୍ ମୁତୟନ ହୋଇଥିବା ବେଳେ ଗହଳି ଭିତରେ କିପରି ଏହି କାର୍ ପଶିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସହରସାରା ପୁଲିସ୍ ଛାଉଣି ହୋଇଥିବା ବେଳେ କିପରି ଦ୍ରୁତ ଗତିରେ ଆସୁଥିବା ଏହି କାରକୁ ପୁଲିସ ଅଟକାଇ ପାରିଲା ନାହିଁ ତାହା ଚର୍ଚ୍ଚାର ବିଷୟ ପାଲଟିଛି।



## ରାମାନନ୍ଦ ସାଗରଙ୍କ ପୁଅ ପ୍ରେମଙ୍କ ପରଲୋକ



ମୁମ୍ବଇ,୩୧।୮(ଏଜେନ୍ସି): ପ୍ରସିଦ୍ଧ ଟିଭି ସିରିୟଲ ରାମାୟଣର ନିର୍ମାତା ତଥା ନିର୍ଦ୍ଦେଶକ ରାମାନନ୍ଦ ସାଗରଙ୍କ ପୁଅ ପ୍ରେମ୍ ସାଗର ରବିବାର ୮୪ ବର୍ଷ ବୟସରେ ପରାଲୋକଗମନ କରିଛନ୍ତି। ଗତକିଛି ଦିନଧରି ସେ ଅସୁସ୍ଥ ଥିଲେ। ତାଙ୍କୁ ମୁମ୍ବଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ଥାନୀୟ ପବନ ହଂସ ଶ୍ମଶାନରେ ଅପରାହ୍ନ ୩ଟାରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ଭାରତୀୟ ସିନେମା ଓ ଟେଲିଭିଜନ ଇଣ୍ଡଷ୍ଟ୍ରିରେ ସେ ସାଗର ପରିବାର ପରମ୍ପରାକୁ ଆଗେଇ ନେଇଥିଲେ। ଜଣେ ବରିଷ୍ଠ ନିର୍ମାତା ତଥା ସିନେମା ଅଟୋଗ୍ରାଫର ଭାବେ ସେ ସଫଳତା ହାସଲ କରିଥିଲେ। ପୁଣେସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏଫ୍‌ଟିଆଇଆଇ)ରେ ସେ ପ୍ରଶିକ୍ଷଣ ନେଇଥିଲେ। ୧୯୬୮ ବ୍ୟାଚ୍‌ର ଛାତ୍ର ପ୍ରେମ ଟିଭି ସିରିୟଲ 'ଅଲିଫ୍ ଲୈଲା' ସମେତ ଏକାଧିକ ଧାର୍ମିକ ସିରିୟଲର ନିର୍ଦ୍ଦେଶନା ଦେଇଥିଲେ ଓ ସେତେବେଳେ ଏଗୁଡିକ ଲୋକପ୍ରିୟତା ହାସଲ କରିଥିଲା।

## କ୍ୟାଣ୍ଟିନରେ ଗୋମାଂସ ନିଷିଦ୍ଧ କଲେ ବ୍ୟାଙ୍କ ମ୍ୟାନେଜର

**କର୍ମଚାରୀଙ୍କ ବିରୋଧ**

କୋଚି,୩୧।୮(ଏଜେନ୍ସି): କେରଳ ଏର୍ଣ୍ଣାକୁଲମ ଜିଲ୍ଲାର କୋଚି ସହରରେ ଥିବା କାନାଡା ବ୍ୟାଙ୍କର ମ୍ୟାନେଜର କ୍ୟାଣ୍ଟିନ୍‌ରେ ଗୋମାଂସକୁ ନିଷିଦ୍ଧ କରିବାରୁ ବିବାଦ ସୃଷ୍ଟି ହୋଇଛି। ବ୍ୟାଙ୍କର ଅନ୍ୟ କର୍ମଚାରୀମାନେ 'ବିଫ୍ ଫେଷ୍ଟିଭାଲ'ର ଆୟୋଜନ କରି ନିଆରା ଢ଼ଙ୍ଗରେ ଏହାର ବିରୋଧ କରିଛନ୍ତି। କର୍ମଚାରୀମାନେ ମ୍ୟାନେଜରଙ୍କ କେବିନ ସାମ୍ନାରେ ଗୋମାଂସ ଓ ପରଟା ଖାଇବା ସହ ପାର୍ଟି କରିଥିଲେ। ଅଗଷ୍ଟ ୨୮ରେ ଏହି ପାର୍ଟିର ଆୟୋଜନ ହୋଇଥିଲା। ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ମୂଳତଃ ବିହାରର ବାସିନ୍ଦା। କିଛି ଦିନ ତଳେ କେରଳରେ ତାଙ୍କର ନିଯୁକ୍ତି ହୋଇଥିଲା। ବ୍ୟାଙ୍କର କ୍ୟାଣ୍ଟିନରେ ବେଳେ ବେଳେ ଗୋମାଂସ ଖାଇବାକୁ ଦିଆଯାଇଥାଏ। କିନ୍ତୁ ମ୍ୟାନେଜର ଗୋମାଂସ ଉପରେ ରୋକ୍ ଲଗାଇଥିଲେ ଓ କ୍ୟାଣ୍ଟିନ କର୍ମଚାରୀଙ୍କୁ ଗୋମାଂସ ପ୍ରସ୍ତୁତ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବ୍ୟାଙ୍କ ଏମ୍ପ୍ଲୋଇଜ ଫେଡେରେସନ ଅଫ୍ ଇଣ୍ଡିଆ (ବିଇଏଫ୍ଆଇ) ନେତୃତ୍ୱରେ କିଛି କର୍ମଚାରୀ ବିରୋଧ ପ୍ରଦର୍ଶନ କରିଥିଲେ। ଭାରତର ସମ୍ବିଧାନ ଅନୁସାରେ ବିଇଏଫ୍ଆଇ କାର୍ଯ୍ୟକରୁଛି ବୋଲି କହିଛି। କିଏ କ'ଣ ଖାଇବ ଓ ନ ଖାଇବ ତାହା ବ୍ୟକ୍ତିଗତ ମାମଲା ବୋଲି ଫେଡେରେସନ ତରଫରୁ କୁହାଯାଇଛି।

## ଏୟାର ଇଣ୍ଡିଆ ବିମାନ ଇଞ୍ଜିନ୍‌ରେ ନିଆଁ



ନୂଆଦିଲ୍ଲୀ,୩୧।୮(ଏଜେନ୍ସି): ଦିଲ୍ଲୀରୁ ଇନ୍ଦୋର ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ୨୯୧୩ (ଏ ୩୨୦ ନିଓ ବିମାନ)କୁ ଦିଲ୍ଲୀ ଫେରାଇ ଅଣାଯାଇଛି। ପାଇଲଟଙ୍କୁ ଡାହାଣ ପଟ ଇଞ୍ଜିନ୍‌ରେ ନିଆଁ ଲାଗିଥିବାର ସୂଚନା ମିଳିଥିଲା। ଏହା ପରେ ବିମାନ ଦିଲ୍ଲୀରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ରବିବାର ସକାଳ ୬.୧୫ରେ ୯୦ ଜଣ ଯାତ୍ରୀଙ୍କୁ ନେଇ ଏହି ବିମାନ ଉଡ଼ାଣ ଆରମ୍ଭ କରିଥିଲା। କିନ୍ତୁ ଅଧ ଘଣ୍ଟା ପରେ ଇଞ୍ଜିନରେ ନିଆଁ ଲାଗିଥିବା ସୁଚନା ପାଇଲଟଙ୍କୁ ମିଳିଥିଲା। ସେ ନିୟମ ଅନୁସାରେ ଇଞ୍ଜିନକୁ ବନ୍ଦ କରି ଦେଇଥିଲେ। ଏହାପରେ ବିମାନ ଦିଲ୍ଲୀ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ସମସ୍ତ ୯୦ ଯାତ୍ରୀ ସୁରକ୍ଷିତ ଥିଲେ। ବିମାନର ଗ୍ରାଉଣ୍ଡ ଇନିସ୍ପେକସନ କରାଯିବ ବୋଲି ଏୟାରଲାଇନ୍ସ ତରଫରୁ କୁହାଯାଇଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)କୁ ଏହି ଘଟଣା ସମ୍ପର୍କରେ ଅବଗତ କରାଯାଇଛି।

## କେନ୍ଦ୍ରକୁ ୬୦ ହଜାର କୋଟି ମାଗିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩୧।୮(ଏଜେନ୍ସି): ପଞ୍ଜାବରେ ବନ୍ୟା ଉତ୍କଟ ସ୍ଥିତି ସୃଷ୍ଟି କରିଛି। ରାଜ୍ୟରେ ଭୟଙ୍କର ବନ୍ୟା ଦେଖିବାକୁ ମିଳିଛି। ତେଣୁ ଏହାର କ୍ଷତିପୂରଣ ବାବଦକୁ ପ୍ରଧାନମନ୍ତ୍ରୀଙ୍କୁ ୬୦, ୦୦୦ କୋଟି ଟଙ୍କାର ପାଣ୍ଠି ମାଗିଛନ୍ତି ମୁଖ୍ୟମନ୍ତ୍ରୀ ଭାଗୱନ୍ତ ମାନ। ଏ ନେଇ ସେ କେନ୍ଦ୍ରକୁ ଚିଠି ଲେଖିଛନ୍ତି। ବନ୍ୟା ଯୋଗୁ ୧,୦୦୦ ଗାଁ ଓ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ପ୍ରବଳ ବର୍ଷା କାରଣରୁ ସତଲେଜ, ବିଜ୍ ଓ ରାବି ନଦୀର ଜଳପତନ ବୃଦ୍ଧି ପାଇଛି। ଭୀଷଣ ବର୍ଷା ଯୋଗୁଁ ପଞ୍ଜାବର ୭ଟି ଜିଲ୍ଲାରେ ପ୍ରବଳ ବନ୍ୟା ଆସିଛି। ୩ ଲକ୍ଷ ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି।

## ହମାସ ମୁଖପାତ୍ର ଅବୁ ନିହତ

ତେଲ ଅଭିଭ,୩୧।୮(ଏଜେନ୍ସି): ଇସ୍ରାଏଲ୍ ଶନିବାର ମଧ୍ୟଗାଜା ଉପରେ ଆକ୍ରମଣ କରିଛି। ଏଥିରେ ହମାସର ସାମରିକ ବିଭାଗ ମୁଖପାତ୍ର ଅବୁ ଓବେଇଡା ନିହତ ହୋଇଛି ବୋଲି ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି। ତେବେ ତାଙ୍କ ମୃତ୍ୟୁ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଓବେଇଡା ଥିବା ଆପାର୍ଟମେଣ୍ଟ ଉପରେ ଆକ୍ରମଣ କରାଯାଇଥିଲା । ସେଠାରେ ରହୁଥିବା ଅନ୍ୟ ଲୋକ ଓ ପରିବାର ଲୋକ ମଧ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ହମାସ ମଧ୍ୟ ଇତିମଧ୍ୟରେ ଓବେଇଡାଙ୍କ ମୃତ୍ୟୁକୁ ସ୍ପଷ୍ଟ କରିଛି।

## କାନାଡ଼ାର ପ୍ରଥମ ଭାରତୀୟ ବଂଶୋଦ୍ଭବ ପୁଲିସ ମୁଖ୍ୟ ଡେଲ୍ ମାନକ୍‌ଙ୍କ ଅବସର



ଭିକ୍ଟୋରିଆ, ୩୧।୮ (ଏଜେନ୍ସି): କାନାଡାର ପ୍ରଥମ ଭାରତୀୟ ବଂଶୋଦ୍ଭବ ପୁଲିସ ମୁଖ୍ୟ ଡେଲ ମାନେକ୍ ଦୀର୍ଘ ବର୍ଷର ଚାକରି ପରେ ଅବସର ଗ୍ରହଣ କରିଛନ୍ତି। ସେ ଭାଙ୍କୋଭର ପୁଲିସ ବିଭାଗ (ଭିପିଡି)ରେ ୩୫ ବର୍ଷଧରି ନିଜର ଦାୟିତ୍ୱ ସଫଳତାର ସହ ସମ୍ପାଦନ କରିଥିଲେ। ସେ ୨୦୧୭ରେ ଭିକ୍ଟୋରିଆ ପୁଲିସ ମୁଖ୍ୟ ଭାବେ ଗୁରୁଦାୟିତ୍ୱ ଗ୍ରହଣ କରିଥିଲେ। ୧୬୮ ବର୍ଷ ଇତିହାସରେ ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ପୁଲିସ ବିଭାଗର ନେତୃତ୍ୱ ନେଇଥିଲେ। ଚାକିରିର ଅନ୍ତିମ ଦିବସରେ ସେ ନିଜେ ଗାଡ଼ି ଚଳାଇ ଭିକ୍ଟୋରିଆ ପୁଲିସ ବିଭାଗ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ସେ ନ୍ୟୁୟର୍କ ଆଇଲାଣ୍ଡର୍ସ ହକି ଟିମ୍‌ର ଥିମ୍ ଲାଗିଥିବା ଏକ ବିଏମ୍‌ଡବ୍ଲ୍ୟୁ କନଭେର୍ଟିବଲ୍‌ରେ କାର୍ଯ୍ୟାଳୟ ଛାଡ଼ିଥିଲେ।

## ବୁଲା କୁକୁର ରାୟ ମୋତେ ବିଶ୍ୱରେ ପ୍ରସିଦ୍ଧ କଲା: ଜଷ୍ଟିସ ବିକ୍ରମ ନାଥ

ତିରୁଅନନ୍ତପରମ, ୩୧।୮ (ଏଜେନ୍ସି): ଦୀର୍ଘ ଦିନ ହେଲା ଆଇନ ଜଗତରେ କାର୍ଯ୍ୟ କରି ଆସୁଛି। ଛୋଟମୋଟ କାର୍ଯ୍ୟ ପାଇଁ ପରିଚିତି ଥିଲି। କିନ୍ତୁ ବୁଲା କୁକୁର ଉପରେ ଦେଇଥିବା ରାୟ କେବଳ ଦେଶରେ ନୁହେଁ, ବିଦେଶରେ ବି ମୋତେ ପ୍ରସିଦ୍ଧ କରାଇ ଥିଲା ବୋଲି ସୁପ୍ରିମକୋର୍ଟ ବିଚାରପତି ବିକ୍ରମ ନାଥ କହିଛନ୍ତି। ସେ ଏଥିପାଇଁ ବୁଲା କୁକୁରଙ୍କୁ କୃତଜ୍ଞତା ଦେଇଛନ୍ତି। ବିଚାର ପାଇଁ ଏହି ମାମଲା ଦେଇଥିବାରୁ ସେ ଭାରତର ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ମଧ୍ୟ ଧନ୍ୟବାଦ୍ ଦେଇଛନ୍ତି। ତିରୁଅନନ୍ତପୁରମରେ ନ୍ୟାସନାଲ ଲିଗାଲ ସର୍ଭିସ ଅଥରିଟି (ନାଲସା) ପକ୍ଷରୁ ମନୁଷ୍ୟ ଏବଂ ବନ୍ୟଜନ୍ତୁ ସଂଘର୍ଷ ଉପରେ ଆୟୋଜିତ ଆଞ୍ଚଳିକ ସମ୍ମିଳନୀକୁ ସମ୍ବୋଧନ କରି ଜଷ୍ଟିସ ନାଥ ଏହି ଟିପ୍ପଣୀ ଦେଇଛନ୍ତି।

## କୋର୍ଟରେ ମହିଳା ବିଚାରପତିଙ୍କ ସଂଖ୍ୟା ବହୁତ୍ କମ୍: ଓକିଲ ସଂଘ

ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ସୁପ୍ରିମକୋର୍ଟ ଓକିଲ ସଂଘ (ଏସ୍‌ସିବିଏ) ପକ୍ଷରୁ ଶନିବାର ଏକ ପ୍ରସ୍ତାବ ପାରିତ ହୋଇଯାଇଛି। ଏଥିରେ ଦେଶର ଅଦାଲତ ଗୁଡିକରେ ମହିଳାଙ୍କ ସଂଖ୍ୟା ବହୁତ୍ କମ୍ ଥିବାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ପ୍ରସ୍ତାବରେ କୁହାଯାଇଛି ଯେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମହିଳା ବିଚାରପତିଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ନଗଣ୍ୟ ରହିଛି। ସୁପ୍ରିମକୋର୍ଟରେ ଜଷ୍ଟିସ ଆଲୋକ ଅରାଧେ ଏବଂ ବିପୁଳ ଏମ ପଞ୍ଚୋଲିଙ୍କ ନିଯୁକ୍ତି ପରେ ଓକିଲ ସଂଘ ଏଭଳି ପ୍ରସ୍ତାବ ପାରିତ କରିଛି। ଏହା ପୂର୍ବରୁ ଜଷ୍ଟିସ ପଞ୍ଚୋଲିଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ବିଚାରପତି ବି ଭି ନାଗରତ୍ନା ବିରୋଧ କରିଥିଲେ। ସୂଚନା ଅନୁଯାୟୀ ହାଇକୋର୍ଟ ଗୁଡିକରେ ୧୧୦୦ ବିଚାରପତି ପଦ ରହିଛି। ଏଥିରୁ ୬୭୦ ପଦରେ ପୁରୁଷ ଥିବାବେଳେ ମାତ୍ର ୧୦୩ ପଦରେ ମହିଳା ରହିଛନ୍ତି। ଉତ୍ତରାଖଣ୍ଡ, ମେଘାଳୟ, ତ୍ରିପୁରା ଏବଂ ମଣିପୁର ହାଇକୋର୍ଟରେ ଜଣେ ହେଲେ ବି ମହିଳା ବିଚାରପତି ନାହାନ୍ତି।

### ଇଣ୍ଡୋନେସିଆରେ ସାଂସଦଙ୍କ ଦରମା ବୃଦ୍ଧିକୁ ବିରୋଧ

# ସାରା ଦେଶରେ ହିଂସା; ଜାଳିଦେଲେ ସଂସଦ

ଜାକାର୍ତ୍ତା, ୩୧।୮ (ଏଜେନ୍ସି):



ସାଂସଦଙ୍କ ଦରମା ବୃଦ୍ଧିକୁ ନେଇ ଇଣ୍ଡୋନେସିଆ ଅଶାନ୍ତ ହୋଇପଡ଼ିଛି। ରାଜଧାନୀ ଜାକାର୍ତ୍ତା ସମେତ ଦେଶର ଅନେକ ଭାଗରେ ଭୟାବହ ହିଂସା ହୋଇଛି। ସରକାରଙ୍କ ଏକପାଖିଆ ନୀତିକୁ ବିରୋଧ କରି ଲକ୍ଷାଧିକ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଅନେକ ସ୍ଥାନରେ ନିଆଁ ଲଗାଇ ଦେଇଛନ୍ତି। ମକସାର ସହରରେ ଥିବା ପ୍ରାଦେଶିକ ସାଂସଦରେ ନିଆଁ ଲଗାଇ ଦେବାରୁ ତିନି ଜଣଙ୍କ ମୃତ୍ୟୁ ହୋଇଛି। ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିକ୍ଷୋଭ ଦମନ କରିବାକୁ ଆସିଥିବା ପୁଲିସ ସହ ପ୍ରଦର୍ଶନକାରୀ ମୁହାଁମୁହିଁ ହୋଇଛନ୍ତି। ସଂଘର୍ଷରେ ଅନେକ ଆହତ ହୋଇଛନ୍ତି। ବିକ୍ଷୋଭକାରୀ ପୁଲିସ ଗାଡ଼ିକୁ ପଲଟାଇ ଦେଇଛନ୍ତି। ଲୋକଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲୁହବୁହା ଗ୍ୟାସ ମାଡ଼ କରିଛି। ଏହା ସତ୍ତ୍ୱେ ବି ଲୋକେ ଅଟକି ନ ଥିଲେ। ରାଜଧାନୀ ଜାକାର୍ତ୍ତାରେ ଥିବା ଏକ ବସ୍ ଷ୍ଟାଣ୍ଡକୁ ଲୋକେ ଜାଳି ଦେଇଛନ୍ତି। ହିଂସାଗ୍ରସ୍ତ ଅଞ୍ଚଳକୁ ନ ଯିବା ପାଇଁ ପୁଲିସ ସାଧାରଣ ନାଗରିକଙ୍କୁ କହିଛି। ରାତିରେ ପାଟ୍ରୋଲିଂକୁ କଡ଼ା କରିଛି। ବିଭିନ୍ନ ସହରରେ ବାଇକ୍ ପାଟ୍ରୋଲିଂ କରୁଛି। ଏହା ସତ୍ତ୍ୱେ ଶୁକ୍ରବାରଠାରୁ ବିକ୍ଷୋଭ ଜାରି ରହିଛି। ପ୍ରଦର୍ଶନକାରୀଙ୍କ ମଧ୍ୟରେ ଛାତ୍ରଛାତ୍ରୀଙ୍କଠାରୁ ନେଇ ଟ୍ୟାକ୍ସି ଡ୍ରାଇଭର, ଚାକିରିଆ, ଶ୍ରମିକ ଆଦି ସାମିଲ ଅଛନ୍ତି। ସ୍ଥିତିକୁ ଦେଖି ରାଷ୍ଟ୍ରପତି ପ୍ରବୋୱେ ସୁବିଆଣ୍ଟୋ ନିଜ ଚୀନ୍ ଗସ୍ତକୁ ରଦ୍ଦ କରିଦେଇଛନ୍ତି। ସେ ଚୀନ୍‌ର ବିଜୟ ଦିବସ ପରେଡ୍‌ରେ ସାମିଲ ହେବାର ଥିଲା। ବର୍ଷେରୁ କମ୍ ସମୟ ହେବ କ୍ଷମତା ସମ୍ଭାଳିଥିବା ପୂର୍ବତନ ଜେନେରାଲ ପ୍ରବୋୱୋଙ୍କ ପାଇଁ ଏହା କାଠିକାର ପାଲଟି ଯାଇଛି।

ସରକାର ମାସିକ ଭତ୍ତା ବାବଦକୁ ସାଂସଦଙ୍କୁ ୩,୦୫୭ ଡଲାର ତଥା ୨.୬୯ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଥିଲେ। ଏହା ଜାକାର୍ତ୍ତାର ସର୍ବନିମ୍ନ ଦରମାଠାରୁ ୧୦ ଗୁଣ ଅଧିକ। ତେଣୁ ଲୋକେ ଏହି ନିଷ୍ପତ୍ତିକୁ ଘୋର ବିରୋଧ କରିଥିଲେ। ସେମାନେ ଚାହୁଁଛନ୍ତି ଯେ ସରକାର ଆଉଟସୋର୍ସିଂ ବନ୍ଦ କରି ଦରମା

### ଟ୍ୟାକ୍ସି ଚାଳକଙ୍କ ମୃତ୍ୟୁ ପରେ ବିଗିଡ଼ିଲା ସ୍ଥିତି

### ଚୀନ୍ ଗସ୍ତ ରଦ୍ଦକଲେ ରାଷ୍ଟ୍ରପତି ପ୍ରବୋୱୋ

ବଢ଼ାନ୍ତୁ, ନିଯୁକ୍ତି ହ୍ରାସ କରିବା ବନ୍ଦ କରାଯାଉ ଏବଂ ଟିକସ ନିୟମରେ ସୁଧାର ହେଉ। ଇଣ୍ଡୋନେସିଆରେ ଦରଦାମ ବୃଦ୍ଧି ପାଇ ଚାଲିଛି। ବେକାରୀ ହାର ବଢ଼ିବାରେ ଲାଗିଛି। ଏଥିପାଇଁ ସାଧାରଣ ଲୋକଙ୍କ ଜୀବନ କଷ୍ଟସାଧ ହୋଇଯାଇଛି। ଏପରି ସମୟରେ ଦରମା ବୃଦ୍ଧି ପାଇଁ ସରକାର ନେଇଥିବା ନିଷ୍ପତ୍ତିକୁ ଲୋକେ ସହ୍ୟ କରିପାରି ନ ଥିଲେ। ସରକାରୀ ଅଧିକାରୀ ଏବଂ ତାଙ୍କୁ ମିଳୁଥିବା ସୁବିଧା ବିରୋଧରେ ଜୋରଦାର ବିକ୍ଷୋଭ ଆରମ୍ଭ କରିଥିବାବେଳେ ମୋଟରସାଇକେଲ ଟ୍ୟାକ୍ସି ଚାଳକଙ୍କୁ ପୁଲିସ ଗାଡ଼ି ଚାପି ଦେଇଥିଲା। ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ବିକ୍ଷୋଭ ପ୍ରଦର୍ଶନ ଉଗ୍ର ହୋଇ ଯାଇଥିଲା। ପରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା।

ଡ୍ରାଇଭରଙ୍କ ମୃତ୍ୟୁ ମାମଲାରେ ୭ ଜଣ ଅଧିକାରୀଙ୍କୁ ଗିରଫ କରାଯାଇଛି। ଏହା ସତ୍ତ୍ୱେ ବାଲି ସ୍ଥିତ ପୁଲିସ ମୁଖ୍ୟାଳୟ ବାହାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଇଷ୍ଟ ଜାଭା ସ୍ଥିତ ପୁଲିସ ମୁଖ୍ୟାଳୟ ବାହାରେ ମଧ୍ୟ ଅନେକ ଛାତ୍ରଛାତ୍ରୀ ଧାରଣା ଦେଉଛନ୍ତି। ଏହାକୁ ଦେଖି ଟିକ୍‌ଟକ୍ ନିଜର ଲାଇଭ୍ ସେବାକୁ ସାମୟିକ ସମୟ ପାଇଁ ବନ୍ଦ କରିଦେଇଛି। ଏହା ମଧ୍ୟରେ ରାଷ୍ଟ୍ରପତି ଶାନ୍ତି ବଜାୟ ରଖିବାକୁ ନିବେଦନ କରିଛନ୍ତି। ସେ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇ ଡ୍ରାଇଭରଙ୍କ ପରିବାରକୁ ଭେଟିବେ ବୋଲି କହିଛନ୍ତି।

ଇଣ୍ଡୋନେସିଆର ଆଇନ ସହାୟତା ସଂସ୍ଥା (ୱାଇଏଲବିଏଚଆଇ) ପୁଲିସ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି। ପୁଲିସ ୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଗିରଫ କରି ହେପାଜତରେ ରଖିଛି। ପୁଲିସ ମାନବାଧିକାର ଉଲ୍ଲଙ୍ଘନ କରୁଥିବା ସଂଗଠନ ଅଭିଯୋଗ କରିଛି। ଗୋଳାବାରୁଦ ଚଳାଇ ଜୀବନ ନେଉଛି।

### ■ ବାୟୁସେନାକୁ ମିଳିବ ୨ ତେଜସ୍ ମାର୍କ-୧ଏ

## ହାଲ୍‌ଠାରୁ କିଣାଯିବ ୯୭ ଲଢୁଆ ବିମାନ



ନୂଆଦିଲ୍ଲୀ,୩୧।୮(ଏଜେନ୍ସି): ସେପ୍ଟେମ୍ବର ମାସରେ ଭାରତୀୟ ବାୟୁସେନାକୁ ଦୁଇଟି ଲଢୁଆ ତେଜସ୍ ମାର୍କ-୧ଏ ମିଳିବ। ପ୍ରତିରକ୍ଷା ସଚିବ ଆରକେ ସିଂ ଏ ନେଇ ସୂଚନା ଦେଇଛନ୍ତି। ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ (ହାଲ) ଏହି ଦୁଇଟି ବିମାନ ଦେବ। ଏହି ବିମାନରେ ଅସ୍ତ୍ରଶସ୍ତ୍ର ଯୋଡି ହୋଇ ରହିବ। ଖୁବଶୀଘ୍ର ତେଜସ୍ ବିମାନ ମିଗ୍-୨୧ ବିମାନର ସ୍ଥାନ ନେବ। ପୁଣି ସରକାର ହାଲ୍ ସହିତ ଏକ ନୂଆ ଚୁକ୍ତି କରିବାକୁ ଯାଉଛନ୍ତି। ଏହି ଚୁକ୍ତି ଅନୁସାରେ ହାଲ୍‌ଠାରୁ ୯୭ଟି ତେଜସ ବିମାନ କ୍ରୟ କରାଯିବ ଓ ଏଥିପାଇଁ ୬୭,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି। ବର୍ତ୍ତମାନ ୩୮ଟି ତେଜସ୍ ଲଢୁଆ ବିମାନ ଭାରତୀୟ ବାୟୁସେନାରେ ନିୟୋଜିତ ହୋଇଛି। ପୂର୍ବରୁ ୨୦୨୧ରେ ସରକାର ୮୩ଟି ତେଜସ ମାର୍କ-୧ଏ କ୍ରୟ କରିବାକୁ ୪୮,୦୦୦ କୋଟି ଟଙ୍କାର ଚୁକ୍ତି କରିଥିଲା। କିନ୍ତୁ ଆମେରିକୀୟ ଇଞ୍ଜିନ ପ୍ରାପ୍ତ ହେବାରେ ବିଳମ୍ବ ହେବା କାରଣରୁ ଏହି ବିମାନ ଏପର୍ଯ୍ୟନ୍ତ ବାୟୁସେନାକୁ ମିଳିନାହିଁ। କିନ୍ତୁ ଏବେ ୨୦୨୮ ବେଳକୁ ହାଲ୍ ସବୁ ବିମାନ ବାୟୁସେନାକୁ ଦେବ ବୋଲି ଆଶା କରାଯାଉଛି। ଅଗଷ୍ଟ ୧୯ରେ କେନ୍ଦ୍ର ସରକାର ୬୨,୦୦୦ କୋଟି ଟଙ୍କା ବିନିମୟରେ ୯୭ଟି ଏଲ୍‌ସିଏ ମାର୍କ-୧ଏ ଜେଟ୍ ହାଲ ସହ ଚୁକ୍ତି କରିଥିଲା। ଏଲ୍‌ସିଏ ମାର୍କ-୧ଏ ବିମାନ ତେଜସର ଉନ୍ନତ ସଂସ୍କରଣ ବିବେଚିତ ହେଉଛି। ଏଥିରେ ଅତ୍ୟାଧୁନିକ ଆଭିଓନିକ୍ସ ଓ ରାଡାର ସିଷ୍ଟମ ରହିଛି।

### ପାକିସ୍ତାନ ପଞ୍ଜାବରେ ଇତିହାସର ସବୁଠୁ ବଡ଼ ବନ୍ୟା

## ୩୩ ମୃତ; ୭ ଲକ୍ଷ ଲୋକ ସ୍ଥାନାନ୍ତର, ୨୦ ଲକ୍ଷ ପ୍ରଭାବିତ



ଲାହୋର,୩୧।୮(ଏଜେନ୍ସି): ପାକିସ୍ତାନର ପଞ୍ଜାବ ପ୍ରଦେଶ ରେ ସବୁଠାରୁ ବଡ଼ ବନ୍ୟା ଆସିଛି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଐତିହାସିକ ସହର ଲାହୋରରେ ଭିତରେ ମଧ୍ୟ ପାଣି ପଶି ଯାଇଛି। ଫଳରେ ସାରା ପ୍ରଦେଶରେ ମାନବୀୟ ସଂକଟ ସୃଷ୍ଟି ହୋଇଛି। ବର୍ଷା ଓ ବନ୍ୟା କାରଣରୁ ଏପର୍ଯ୍ୟନ୍ତ ୩୩ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୨,୨୨୦ ଗାଁ ପ୍ରଭାବିତ ହୋଇଛି। ୭ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ମୋଟ ଉପରେ ୨୦ ଲକ୍ଷ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି ବୋଲି ପଞ୍ଜାବର ବରିଷ୍ଠ ମନ୍ତ୍ରୀ ମରିୟମ ଔରଙ୍ଗଜେବ୍ କହିଛନ୍ତି। ପ୍ରଥମଥର ପାଇଁ ସତଲେଜ, ଚେନାବ ଓ ରାବି ନଦୀରେ ଏକା ସମୟରେ ବଡ଼ ବନ୍ୟା ଆସିଛି। ଏହି ୩ଟି ନଦୀର ଜଳସ୍ତର ଆଶାତୀତ ଭାବେ ବୃଦ୍ଧି ପାଇଛି। ପଞ୍ଜାବ ପ୍ରଦେଶରେ କେବଳ ୧୫ କୋଟି ଲୋକ ରୁହନ୍ତି ଓ ଏହି ପ୍ରଦେଶରେ ପାକିସ୍ତାନର ସର୍ବାଧିକ ଚାଷଜମି ରହିଛି। ପଞ୍ଜାବରେ ସବୁଠାରୁ ଅଧିକ ଗହମ ଉତ୍ପାଦନ ହୋଇଥାଏ। ୨୦୨୨ରେ ମଧ୍ୟ ପଞ୍ଜାବରେ ଭୟଙ୍କର ବନ୍ୟା ଆସିଥିଲା। ଚଳିତ ବର୍ଷ ଜୁଲାଇ ୧ରୁ ଅଗଷ୍ଟ ୨୭ ମଧ୍ୟରେ ରାଜ୍ୟରେ ୨୬.୫ ପ୍ରତିଶତ ଅଧିକ ବର୍ଷା ହୋଇଛି। ପୁଣି ଜୁନ ୨୬ ପରଠାରୁ ପାକିସ୍ତାନରେ ବର୍ଷାଜନିତ ଘଟଣା ଯୋଗୁ ଏପର୍ଯ୍ୟନ୍ତ ମୋଟ୍ ୮୪୯ ଲୋକ ମୃତ୍ୟୁବରଣ କଲେଣି। ୧,୧୩୦ ଜଣ ମଧ୍ୟ ଆହତ ହୋଇଛନ୍ତି ବୋଲି ପାକିସ୍ତାନ ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଦେଇଛି।

### ଭାରତରେ ଶିକ୍ଷା ମହଙ୍ଗା


## ପ୍ରଥମ ଶ୍ରେଣୀ 'ଟ୍ୟୁସନ ଫି' ୭.୩୫ ଲକ୍ଷ

### ନାମଲେଖାଇବା ପାଇଁ ଦେବାକୁ ପଡୁଛି ଲକ୍ଷେ ଟଙ୍କା

ବେଙ୍ଗାଲୁରୁ, ୩୧।୮ (ଏଜେନ୍ସି):

ଭାରତରେ ଶିକ୍ଷା ମହଙ୍ଗା ହେବାରେ ଲାଗିଛି। ଘରୋଇ ବିଦ୍ୟାଳୟରେ ଦେୟ ସାରା ବିଶ୍ୱରେ ସର୍ବାଧିକ ରହିଛି। ଆୟ ବଢୁ ନ ଥିବାବେଳେ ବ୍ୟୟ ବଢ଼ି ଚାଲିଛି। ଏହି ଅନୁପାତରେ ମହଙ୍ଗା ଶିକ୍ଷାରେ ଭାରତ ସବୁଠୁ ଆଗରେ ରହିଛି। ନ୍ୟୁୟର୍କ, ଦୁବାଇ, ଲଣ୍ଡନ ଭଳି ସହରଠାରୁ ମୁମ୍ବଇ, ଦିଲ୍ଲୀ, ବେଙ୍ଗାଲୁରୁ ଆଦି ସହରରେ ପଢା ଖର୍ଚ୍ଚ ଢେର ଅଧିକ ରହିଛି। ଏହା ଅଭିଭାବକଙ୍କ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ବେଙ୍ଗାଲୁରୁରୁ ଏହାର ପ୍ରକୃଷ୍ଟ ଉଦାହରଣ ସାମ୍ନାକୁ ଆସିଛି। ଏକ ପ୍ରସିଦ୍ଧ ସ୍କୁଲର ଟ୍ୟୁସନ ଫି ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହା ଦେଶରେ ଘରୋଇ ସ୍କୁଲର ଶୋଷଣକୁ ନେଇ ଚର୍ଚ୍ଚାକୁ ଜୋରଦାର କରିଛି। ସୂଚନା ଅନୁଯାୟୀ ପ୍ରଥମ ଶ୍ରେଣୀ (ଆଇବି ପିୱାପି) ପାଇଁ ନିଭ୍ ଏକାଡେମିର ବାର୍ଷିକ 'ଟ୍ୟୁସନ ଫି' ୭.୩୫ ଲକ୍ଷ ଟଙ୍କା ରହିଛି। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏହି ଦେୟ ସମାନ ରହିଛି। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏ ଟ୍ୟୁସନ ଫି ୭ ଲକ୍ଷ ୭୫ ହଜାର, ନବମ ଓ ଦଶମ ଶ୍ରେଣୀର ୮ ଲକ୍ଷ ୫୦ ହଜାର ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ବର୍ଷକୁ ୧୧ ଲକ୍ଷ ଟଙ୍କା ଦେୟ ରହିଛି। ଖାଲି ସେତିକି ନୁହେଁ, ନାମଲେଖା ଦେୟ ଲକ୍ଷେ ଟଙ୍କା ରହିଛି। ଏହାକୁ କୌଣସି ସ୍ଥିତିରେ ବି ଫେରାଯିବ ନାହିଁ ବୋଲି କୁହାଯାଇଛି।

ଟ୍ୟୁସନ ଫିରେ ପରିବହନ, ପୁସ୍ତକ, ୟୁନିଫର୍ମ କିମ୍ବା



neev ACADEMY

Annual Fee Schedule for Academic Year 2025-26

| Joining Fees | Amount (INR) |
| --- | --- |
| Application Form Charges (Payable at the time of submission of online application) | 1000/- |
| Admission Fees (One-time, Non-refundable fee for the acceptance of enrolment) | 1,00,000/- |

ANNUAL FEE DETAILS AY 2025-26

| Programme | Annual Education Fee (INR) | Fee Payable Per Term (INR) |
| --- | --- | --- |
| Primary Years Programme (IB PYP) – Grades 1 to 5 | 7,35,000/- | 3,67,500/- |
| Middle Years Programme (IB MYP) – Grades 6 to 8 | 7,75,000/- | 3,87,500/- |
| Middle Years Programme (IB MYP) – Grades 9 and 10 | 8,50,000/- | 4,25,000/- |
| ICSE – Grades 6 to 10 | 5,94,000/- | 2,97,000/- |
| IBDP – Grades 11 and 12* | 11,00,000/- | 5,50,000/- |

ପାଠ୍ୟକ୍ରମ ବହିର୍ଭୁତ କାର୍ଯ୍ୟକଳାପ ଭଳି ଅତିରିକ୍ତ ଖର୍ଚ୍ଚ ସାମିଲ ନାହିଁ। ଏ ସବୁ ମିସାଇଲା ପରେ ପ୍ରଥମ ଶ୍ରେଣୀ ପିଲାର ମୋଟ ବାର୍ଷିକ ଖର୍ଚ୍ଚ ୮ ଲକ୍ଷ ଟଙ୍କାରୁ ଅଧିକ ହୋଇପାରେ। ଏହାକୁ ନେଇ ଆର୍ଥିକ ନୀତି ନିର୍ଦ୍ଧାରକ ଡି ମୁଥୁକ୍ରିଷ୍ଣନ ଏହି ସ୍କୁଲର ଦେୟ ତାଲିକା ସେୟାର କରି କହିଛନ୍ତି ଯେ ଏହା ଏକ ମୁକ୍ତ ବଜାର। ବ୍ୟକ୍ତିବିଶେଷଙ୍କ ଏହାର ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି। ଗ୍ରାହକ କ'ଣ ଚାହୁଁଛନ୍ତି ତାହା ବାଛିବା ସେମାନଙ୍କର ପସନ୍ଦ। ଏଠାରେ ମଧ୍ୟ ସବୁକିଛି ଠିକ୍ ରହିଛି। ବେଙ୍ଗାଲୁରୁର ଏକ ଭଲ ବିଦ୍ୟାଳୟର ଏଭଳି ଦେୟ ନେଉଛି। ଅନେକ ଏଭଳି ଦେୟ ଦେଇପାରିବେ ନାହିଁ। ବର୍ଷକୁ ୫୦ ଲକ୍ଷ ଟଙ୍କା ଆୟ କରୁଥିବା ଆଇଟି ଦମ୍ପତି ମଧ୍ୟ ନିଜର ଦୁଇ ପିଲାଙ୍କୁ ଏହି ସ୍କୁଲରେ ପଢାଇବାକୁ ଉଚିତ ମଣିବେ ନାହିଁ। ଭାରତ ହେଉଛି ମନମୁଖୀ ନିଷ୍ପତ୍ତି ନେଉଥିବା ଲୋକଙ୍କ ଦେଶ।

କିଛି ଲୋକେ କହିଛନ୍ତି ଯେ ଭାରତରେ ଘରୋଇ ସ୍କୁଲ ଉପରେ କୌଣସି ନିୟନ୍ତ୍ରଣ ନାହିଁ। ସ୍କୁଲଗୁଡିକ ନିଜ ମନଇଚ୍ଛା ଦେୟ ଆଦାୟ କରିଚାଲିଛନ୍ତି। ଯେତିକି ଟଙ୍କା ଲୋକଙ୍କଠୁ ନେଉଛନ୍ତି ସେହି ତୁଳନାରେ ଶିକ୍ଷକ, କର୍ମଚାରୀମାନଙ୍କୁ ଦରମା ଦେଉନାହାନ୍ତି। ପରିଚାଳକଙ୍କ ପାଖକୁ ଏଥିରୁ ସିଂହଭାଗ ଅର୍ଥ ଯାଉଛି। ମଧ୍ୟବିତ୍ତ ଏବଂ ଉଚ୍ଚ ମଧ୍ୟବିତ୍ତ ଲୋକେ ନିଜ ପିଲାଙ୍କୁ ବି ଏଭଳି ସ୍କୁଲରେ ପଢ଼ାଇପାରିବେ ନାହିଁ। ଧନୀଶ୍ରେଣୀର ପିଲାଙ୍କ ପାଇଁ ଏହା ସାଧାରଣ କଥା।

### ମନ୍ କି ବାତ୍‌ର ୧୨୫ତମ ସଂସ୍କରଣ

## ପ୍ରାକୃତିକ ବିପର୍ଯ୍ୟୟ ଆମ ପରୀକ୍ଷା ନେଉଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩୧।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ଜଣାଶୁଣା ରେଡିଓ ଶୋ 'ମନ୍ କି ବାତ୍'ର ୧୨୫ ତମ ସଂସ୍କରଣରେ ସାରା ଦେଶକୁ ରବିବାର ସମ୍ବୋଧିତ କରିଛନ୍ତି। ଏଥିରେ ସେ ପ୍ରାକୃତିକ ବିପର୍ଯ୍ୟୟ, ଖେଳ- ଖେଳାଳି, ନୂତନତା, ଶିକ୍ଷା, ଭୋକାଲ ଫର ଲୋକାଲ ନେଇ ବିଚାର ବ୍ୟକ୍ତ କରିଥିଲେ। ମୌସୁମୀ ବର୍ଷା ଜନିତ ପ୍ରାକୃତ ବିପର୍ଯ୍ୟୟ ଆମର ପରୀକ୍ଷା ନେଉଛି ବୋଲି ସେ କହିଥିଲେ। ଗତ କେତେ ସପ୍ତାହରେ ଆମେ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଦେଖିବାକୁ ପାଇଛୁ। ଏଥିରେ ବହୁ ଧନଜୀବନ ହାନୀ ହୋଇଛି ଓ ଏଥିରେ ଆମେ ସମସ୍ତେ ଦୁଃଖିତ ବୋଲି ସେ କହିଥିଲେ। ସେହିପରି ୟୁପିଏସ୍‌ସିର ଚୂଡାନ୍ତ ତାଲିକାରେ ବହୁ ପ୍ରାର୍ଥୀ ସ୍ଥାନ ପାଇପାରୁନାହାନ୍ତି। ସେମାନେ ଡିଜିଟାଲ ଆପ୍ ପ୍ଲାଟଫର୍ମ 'ପ୍ରତିଭା ସେତୁ' ଦ୍ୱାରା ଲାଭବାନ ହୋଇପାରିବେ। ଦେଶର ବଡ଼ବଡ଼ କମ୍ପାନୀରେ ସେମାନଙ୍କୁ ଚାକିରି କରିବାର ସୁଯୋଗ ମିଳିବ ବୋଲି ସେ କହିଥିଲେ। ସେପ୍ଟେମ୍ବରରେ 'ହାଇଦରାବାଦ ଲିବରେସନ ଡେ' ପାଳନ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଦେଶ ହାସଲ କରିଥିବା ସବୁ ଉପଲବ୍ଧି ବିଷୟରେ ସେ ମତ ରଖିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଉଦାହରଣ ସୃଷ୍ଟି କରିଥିବା ଲୋକଙ୍କ ବିଷୟରେ ମଧ୍ୟ ମୋଦୀ ଉଲ୍ଲେଖ କରିଥିଲେ। 'ମନ କି ବାତ' ୨୨ଟି ଭାଷାରେ ପ୍ରସାରିତ ହେଉଛି। ୨୩ କୋଟି ଲୋକ ଏହାକୁ ନିୟମିତ ଭାବେ ଶୁଣୁଛନ୍ତି।

# ସଂଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର୍ ଗୁରୁତର

କଟକ, ୩୧।୮ (ସମିସ): ଓଲିଉଡ୍‌ର ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାର୍ ଗୁରୁତର ହୋଇ ସିଡିଏ ସେକ୍ଟର-୬ସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି।

■ ଆଇସିୟୁରେ ଭର୍ତ୍ତି, ସ୍ୱାସ୍ଥ୍ୟାବସ୍ଥା ସ୍ଥିର
■ ଚିକିତ୍ସାରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍

ଆଜି ପୂର୍ବାହ୍ନରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ୪ ଦିନ ତଳେ ଡିହାଇଡ୍ରେସନ୍ ଯୋଗୁଁ ତାଙ୍କୁ ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ତେବେ ଆଜି ହଠାତ୍ ତାଙ୍କ ଶରୀରରୁ ସୋଡିୟମ୍ ଏବଂ ପୋଟାସିୟମ୍ ମାତ୍ରା କମିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାରଲୋକେ ତାଙ୍କୁ ଆଜି ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଶେଷ ସୂଚନାନୁଯାୟୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

ହସ୍ପିଟାଲ୍‌ରେ ଶ୍ରୀ ମଜୁମଦାର୍‌ଙ୍କୁ ଭେଟିଥିବା ଅଭିନେତା ତଥା ବିଜେପି ନେତା ଶ୍ରୀତମ ଦାସ କହିଛନ୍ତି ଯେ ଅଭିଜିତ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ତାଙ୍କର ବିଭିନ୍ନ ପରୀକ୍ଷା କରାଯାଉଛି। ସମସ୍ତ ରିପୋର୍ଟ ଡାକ୍ତରଙ୍କ ହସ୍ତଗତ ହୋଇନାହିଁ। ସେ ଖୁବ୍‌ଶୀଘ୍ର ସୁସ୍ଥ ହୋଇ କର୍ମକ୍ଷେତ୍ରକୁ ଫେରିବେ ବୋଲି କହିଛନ୍ତି। ସେହିପରି ଚଳଚ୍ଚିତ୍ର ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା କହିଛନ୍ତି, ଅଭିଜ୍ଞ ଡାକ୍ତରୀ ଟିମ୍ ଆଇସିୟୁରେ ତାଙ୍କର ଚିକିତ୍ସା କରୁଛନ୍ତି। ଅନ୍ୟପଟେ ସମ୍ପୃକ୍ତ ଘରୋଇ ହସ୍ପିଟାଲ୍ ବାହାରେ ଓଲିଉଡ୍‌ର ଅନେକ କଳାକାର ପହଞ୍ଚି ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଥିବା ଦେଖିବାକୁ ମିଳିଥିଲା।

■ ଗର୍ଜନଖୋଲ ଜଳପ୍ରପାତରେ ବୁଡ଼ି ଯୁବକ ନିଖୋଜ ଘଟଣା

# ତିନିଦିନ ପରେ ମୃତଦେହ ଉଦ୍ଧାର

ପାଲଲହଡ଼ା, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ନଗିରା ଗାଁ ଜଙ୍ଗଲରେ ଥିବା ଗର୍ଜନଖୋଲ ଜଳପ୍ରପାତରେ ବୁଡ଼ି ଶୁକ୍ରବାର ଜଣେ ଯୁବକ ନିଖୋଜ ହୋଇଥିବା ବେଳେ ରବିବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ, କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ବାଲରାଇ ଗ୍ରାମର ଅର୍ଜୁନ ବେହେରାଙ୍କ ପୁଅ ଲିପୁନ୍ ବେହେରା। ପାଲଲହଡ଼ା ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

ଶୁକ୍ରବାର କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ବାଲରାଇ ଗାଁର ଲିପୁନ ବେହେରା, ଶୁଭମ୍ ପଲେଇ ଏବଂ ଗୋପପୁରର ଗିରିଧାରୀ ପଲେଇ ସାଙ୍ଗହୋଇ ଗର୍ଜନଖୋଲ ଜଳପ୍ରପାତ ବୁଲିବାକୁ ଆସିଥିଲେ। ସେମାନେ ଗାଧୋଇବା ବେଳେ ଲିପୁନ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ବାଂଶପାଳ ଅଗ୍ନିଶମବାହିନୀ ଓ ପାଲଲହଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିନଥିଲା। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଶନିବାର ଓ ରବିବାର ଖୋଜାଖୋଜି ଜାରି ରହିଥିଲା। ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ରବିବାର ତୃତୀୟ ଦିନରେ ଲିପୁନଙ୍କ ମୃତଦେହ ଉଦ୍ଧାର ହୋଇଛି।

## ମୂଳଚାଲ ବେଳେ ମାଡ଼ି ବସିଲା ବନ ବିଭାଗ

# ବାଘଛାଲ ଜବତ, ୭ ଗିରଫ

ଭଞ୍ଜନଗର,୩୧।୮ (ସମିସ): ବାଘଛାଲ ପୂଜା ପାଇଁ ପ୍ରସ୍ତୁତି ସରିଥିଲା। ପୂଜା ସରିବା ପରେ ବେପାରୀଙ୍କ ହାତକୁ ଟେକି ଦିଆଯାଇଥା'ନ୍ତା। ସେପଟେ ବାଘ ଛାଲକୁ କେମିତି ଚାଲାଣ ହେବ, କାହାକୁ ବିକ୍ରି ହେବ, ସେନେଇ ଆଉ କିଛି ମାଫିଆ ଏକ ଲଜ୍‌ରେ ବସି ଯୋଜନା ପ୍ରସ୍ତୁତ କରୁଥିଲେ। ହେଲେ ତା'ପୂର୍ବରୁ ବନ ବିଭାଗ ସବୁ ବିଗାଡ଼ି ଦେଲା। ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନ ବିଭାଗକୁ ରବିବାର ମିଳିଛି ବଡ଼ ସଫଳତା। ସାଦା ପୋଷାକରେ ଛକି ରହିଥିବା ବନକର୍ମଚାରୀ ଅତର୍କିତ ଚଢ଼ଉ କରି ଗୋଟିଏ ଗୁଳିବିଦ୍ଧ କଲରାପତରିଆ ବାଘ ଛାଲ ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଗଜପତି ଜିଲ୍ଲାର ୩ଜଣ ରହିଥିବା ବେଳେ ଗଂଜାମ ଜିଲ୍ଲାର ୪ଜଣ ରହିଛନ୍ତି। ସେମାନେ ହେଲେ, ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗୁଣ୍ଡିରିବାଡ଼ି ଗାଁର ସୁରେନ୍ଦ୍ର ପ୍ରଧାନ, ପଟ୍ଟଖାରୀ ଗାଁର ସୁଶାନ୍ତ ଡାକୁଆ, ଗୁଣ୍ଡୁରିବାଡ଼ି ଗାଁର ଲକ୍ଷ୍ମଣ ପ୍ରଧାନ, ପୁରୁଷୋତ୍ତମପୁର ଥାନା ଅଞ୍ଚଳର ତ୍ରିନାଥ ବିଶ୍ୱାଳ ଏବଂ ଗଜପତି ଜିଲ୍ଲାର ବିପିନ ପ୍ରଧାନ, କ୍ଷେତ୍ରୀୟ ପ୍ରଧାନ ଏବଂ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଖଲି ଚରଣ ଜାନି। ଖଲି ଏ ପୂରା ରାକେଟ୍‌ର ମୁଖ୍ୟ କାର୍ପଟଦାର ବୋଲି ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି କହିଛନ୍ତି।



ଶ୍ରୀ ମହାନ୍ତି କହିଛନ୍ତି ଯେ ପ୍ରାୟ ୧୫/୨୦ଦିନ ମଧ୍ୟରେ ଉକ୍ତ କଲରାପତରିଆ ବାଘକୁ ଗୁଳି କରି ଶିକାର କରାଯାଇଥିବା ଅନୁମାନ କରାଯାଉଛି। ତେବେ କେଉଁ ଅଞ୍ଚଳରୁ ବାଘକୁ ଶିକାର କରାଯାଇଛି, ତାହା ସ୍ପଷ୍ଟ ହୋଇନି। ଘଟଣାର ଅଧିକ ଖୋଳତାଡ଼ ଜାରି ରହିଥିବା ବେଳେ ତଦନ୍ତ ପରେ ଏହି ଅନ୍ତଃରାଜ୍ୟ ବାଘଛାଲ ମାଫିଆଙ୍କ ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ଏବଂ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ରହିଛନ୍ତି, ତାହା ଜଣାପଡ଼ିବ।

ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗୁଣ୍ଡିରିବାଡ଼ି ଗାଁର ସୁରେନ୍ଦ୍ରଙ୍କ ଘରେ ପୂଜା ଚାଲିଥିବା ବେଳେ ବନ ବିଭାଗ ଚଢ଼ଉ କରିଥିଲା। ସୁରେନ୍ଦ୍ରଙ୍କ ସହ ସୁଶାନ୍ତ, ଲକ୍ଷ୍ମଣ, ତ୍ରିନାଥ ଏବଂ ଗଜପତି ଜିଲ୍ଲାର ବିପିନ, କ୍ଷେତ୍ରୀୟ ଏବଂ ମୁଖ୍ୟ କାର୍ପଟଦାର ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଖଲି ଚରଣ ପ୍ରମୁଖଙ୍କୁ କାବୁ କରାଯାଇଥିଲା। ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କ ନେତୃତ୍ୱରେ ଏସିଏଫ୍ ବିବେକ କୁମାର ଦାସ, ମୁଜାଗଡ ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ, ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ସୁଜାତା ପଣ୍ଡା, ବନପାଳ ଅନୁପ କୁମାର ବିଷୋୟୀ, ଭଞ୍ଜନଗର ବନପାଳ ବବୁଲୁ ସେଠୀ, ଜୀବନ ତ୍ରିପାଠୀ ପ୍ରମୁଖଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିଲା। ଭଞ୍ଜନଗର ଥାନାଧିକାରୀ ଜୀବନାନନ୍ଦ ଜେନା ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ରାଜଧାନୀରେ ପ୍ରତିଷ୍ଠା ହେବ ମନୋଜ ଦାସଙ୍କ ପ୍ରତିମୂର୍ତ୍ତି

ଭୁବନେଶ୍ୱର,୩୧।୮ (ସମିସ): ସମଗ୍ର ବିଶ୍ୱରେ ଓଡ଼ିଶାକୁ ଗୌରବାନ୍ୱିତ କରିଥିବା ପ୍ରଖ୍ୟାତ ଲେଖକ ମନୋଜ ଦାସଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଖୁବ୍‌ଶୀଘ୍ର ରାଜଧାନୀରେ ପ୍ରତିଷ୍ଠା ହେବ। ଖ୍ୟାତନାମା ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ଭଞ୍ଜଙ୍କ ଖଣ୍ଡଗିରିସ୍ଥିତ ୱାର୍କସପ୍‌ରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ

■ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ହେବ ସ୍ଥାନ ନିରୂପଣ
■ ଜୋରସୋର୍‌ରେ ଚାଲିଛି ମୂର୍ତ୍ତି ନିର୍ମାଣ

ଜୋରସୋର୍‌ରେ ଚାଲିଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଏହାକୁ ସ୍ଥାପନ କରାଯିବ। ଏଥିପାଇଁ ଖୁବ୍‌ଶୀଘ୍ର ଉପଯୁକ୍ତ ସ୍ଥାନ ନିରୂପଣ କରାଯିବ ବୋଲି ମନୋଜ ଦାସ ସ୍ମୃତି ସଂସଦର ସାଧାରଣ ସଂପାଦକ ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସୂଚନା ଦେଇଛନ୍ତି।



ସୂଚନାନୁଯାୟୀ, ୨ବର୍ଷ ତଳେ ଗୀତଗୋବିନ୍ଦ ସଦନରେ ଆୟୋଜିତ ମନୋଜ ଦାସଙ୍କ ଜୟନ୍ତୀ ସଭାରେ ସ୍ମୃତି ସଂସଦ ପକ୍ଷରୁ ସଂସ୍କୃତି ବିଭାଗ ନିକଟରେ ଏହି ଦାବି କରାଯାଇଥିଲା। ପରବର୍ତ୍ତୀ ସମୟରେ ଲିଖିତ ଭାବେ ବିଭାଗକୁ ଜଣାଯାଇଥିଲା। ବାଣୀବିହାର ପରିସରରେ ମନୋଜ ଦାସଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଏବଂ ତାଙ୍କ ନାମରେ ରାଜଧାନୀର ଏକ ରାସ୍ତାର ନାମକରଣ କରାଯିବାକୁ ସେଥିରେ ଦାବି ରଖାଯାଇଥିଲା। ସରକାର ଏହି ପ୍ରସ୍ତାବ ଗ୍ରହଣ କରିବା ସହ ସ୍ୱର୍ଗୀୟ ଲେଖକଙ୍କ ଏକ ବିଶାଳ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ଅର୍ଥ ମଞ୍ଜୁର କରିଥିବାରୁ ସ୍ମୃତି ସଂସଦର କର୍ମକର୍ତ୍ତାମାନେ ଖୁସି ପ୍ରକଟ କରିଛନ୍ତି। ବିଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ଭଞ୍ଜ ଏହାର ନିର୍ମାଣ କରୁଛନ୍ତି। ଆଜି ଶିଳ୍ପୀ ଶ୍ରୀ ଭଞ୍ଜଙ୍କ ନିମନ୍ତ୍ରଣକ୍ରମେ ବିଧାୟକ ଶ୍ରୀ ଦାସ ଖଣ୍ଡଗିରିସ୍ଥିତ ତାଙ୍କ ୱାର୍କସପକୁ ଯାଇ ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ନିର୍ମିତ ପ୍ରତିମୂର୍ତ୍ତିର ପ୍ରାରମ୍ଭିକ ଛାଞ୍ଚ ଦେଖି ଖୁସି ପ୍ରକଟ କରିଛନ୍ତି। ମାସେ ଦେଢ଼ ମାସ ଭିତରେ ସଂପୂର୍ଣ୍ଣ ହୋଇ ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ ପ୍ରତିମୂର୍ତ୍ତିରେ ପରିଣତ ହେଲେ ଏହା ଆହୁରି ଜୀବନ୍ତ ଲାଗିବ ବୋଲି ସେ କହିଛନ୍ତି। ଅପରପକ୍ଷେ, ଏହି ପ୍ରତିମୂର୍ତ୍ତି ନିର୍ମାଣ ଲାଗି ସଂସ୍କୃତି ବିଭାଗ ଅର୍ଥ ପ୍ରଦାନ କରିଥିବାରୁ ମନୋଜ ଦାସ ସ୍ମୃତି ସଂସଦ ଏବଂ ଓଡ଼ିଶାର ଅଗଣିତ ମନୋଜପ୍ରେମୀଙ୍କ ତରଫରୁ ସରକାରଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

**ବିଜେଡିର କଟାକ୍ଷ**

# ଓଡ଼ିଶା ପୁଣି ଦେଖିଲା ବିଜେପିର 'କପି-ପେଷ୍ଟ' ଶାସନର ଧାରା

ଭୁବନେଶ୍ୱର, ୩୧।୮ (ସମିସ): ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ଟି ନୂଆ ଏନ୍‌ଏସି ଏବଂ ୭ଟି ନୂଆ ମ୍ୟୁନିସିପାଲିଟି ଘୋଷଣା କରିଥିବା ବେଳେ ଏହାକୁ କଡ଼ା ସମାଲୋଚନା କରିଛି ବିଜେଡି। ଓଡ଼ିଶା ପୁଣିଥରେ ବିଜେପିର କପି-ପେଷ୍ଟର ଧାରା ଦେଖିଲା ବୋଲି ଦଳ ପକ୍ଷରୁ କୁହାଯାଇଛି। ସହରୀକରଣର ନୂଆ ଅଭିଯାନ ଅନ୍ତର୍ଗତ ଏନ୍‌ଏସି ଓ ମ୍ୟୁନିସିପାଲିଟି ଘୋଷଣା କଥା ମୁଖ୍ୟମନ୍ତ୍ରୀ କହୁଥିବା ବେଳେ ବାସ୍ତବରେ ଏଥିରେ କୌଣସି ନୂତନତ୍ୱ ନାହିଁ। ଏଥିରୁ ଅଧିକାଂଶ ଘୋଷଣା ପୂର୍ବରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ସମୟରେ ହୋଇସାରିଥିଲା। ଏହା ସ୍ପଷ୍ଟ ଦର୍ଶାଉଛି ଯେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଘୋଷଣାର ଅଧିକାଂଶ କଥା ନୂଆ ନୁହେଁ, ବରଂ ବିଜେଡି ସରକାର ପ୍ରସ୍ତୁତ କରିଥିବା ବିକାଶ ନକ୍ସାର 'କପି-ପେଷ୍ଟ ବୋଲି ଦଳ କହିଛି।

ସାମାଜିକ ଗଣମାଧ୍ୟମରେ ଦଳ ପକ୍ଷରୁ ପୋଷ୍ଟ କରି କୁହାଯାଇଛି ଯେ ଘୋଷଣା ହୋଇଥିବା ୭ଟି ନୂଆ ମ୍ୟୁନିସିପାଲିଟି ମଧ୍ୟରୁ ୪ଟି ବୌଦ୍ଧ, କରଞ୍ଜିଆ, ଆସ୍କା ଏବଂ ଛତ୍ରପୁରକୁ ଶ୍ରୀ ପଟ୍ଟନାୟକ ୨୦୨୪ ମସିହା ଫେବୃଆରୀରେ ମାନ୍ୟତା ପ୍ରଦାନ

■ କିଛି ନୂଆ କରିବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ
■ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାରେ କୌଣସି ବାସ୍ତବତା ନାହିଁ

ସହ ଘୋଷଣା କରିଥିଲେ। ସେହିପରି ଘୋଷଣା ହୋଇଥିବା ୧୬ଟି ନୂଆ ଏନ୍‌ଏସି ମଧ୍ୟରୁ ୭ଟି ନବୀନଙ୍କ ୨୦୨୪ରେ ଘୋଷିତ ତାଲିକା ସହ ସମାନ। କିଛି ନୂଆ କରିବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ। କିଛି ନୂଆ ପାଇଁ ନା ଦୂରଦୃଷ୍ଟି ଅଛି ନା ଦୃଢ଼ ସଂକଳ୍ପ। ବିଜେପି ସରକାରର 'କପି-ପେଷ୍ଟ' ନୀତିକୁ ଓଡ଼ିଶାବାସୀ ଭଲ ଭାବେ ବୁଝିସାରିଲେଣି। ଓଡ଼ିଶାର ଦ୍ରୁତ ସହରୀକରଣ ଜରୁରୀ ହେଲେ ଆଜିର ଘୋଷଣାରେ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା ଭଳି ଜଣାପଡୁନାହିଁ। ୨୦୨୪ରେ ଘୋଷିତ ତାଲିକାରୁ ଏକାଧିକ ନାମକୁ ଧାର ଆକାରରେ ଆଣି ନୂଆ ତାଲିକାରେ ସାମିଲ କରିବା ସ୍ପଷ୍ଟ ଭାବେ ଦର୍ଶାଉଛି ବିଜେପି ସରକାର 'ରି-ବ୍ରାଣ୍ଡିଙ୍ଗ'ରେ ବିଶ୍ୱାସ କରୁଛି।

ବିଜେଡି ଆହୁରି ମଧ୍ୟ କହିଛି ଯେ ଆଜିର ଘୋଷଣାରେ କିଛି ନୂତନତ୍ୱ ନାହିଁ। ଅଧିକାଂଶ ନାଁ ପୂର୍ବ ବିଜେଡି ସରକାର ସମୟରେ ଅନୁମୋଦନ ଲାଭ କରିଥିଲା। ଯାହାକୁ ରାଜନୈତିକ ସ୍ୱାର୍ଥ ପାଇଁ ବିଜେପି ସରକାର ପୁଣିଥରେ ଘୋଷଣା କରିଛି। ଏଥିରେ ମର୍ମ କଥା ହେଲା, ଓଡ଼ିଶାବାସୀ ପୁଣି ଏକ 'କପି ପେଷ୍ଟ' ଅଭିଯାନର ସାକ୍ଷୀ ହୋଇଛନ୍ତି, କୌଣସି ନୂଆ ସହରୀକରଣ ଅଭିଯାନର ନୁହେଁ ବୋଲି ବିଜେଡି ପକ୍ଷରୁ ସମାଲୋଚନା କରାଯାଇଛି।

## ବଜ୍ରପାତରେ ଜଣେ ମୃତ

ଛେଣ୍ଡିପଦା, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ମାଝୀମୁଣ୍ଡା ଗାଁରେ ବଜ୍ରପାତରେ ଆଜି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ମାଝୀମୁଣ୍ଡାର ସୁମତି ବେହେରା ଓ ଗୁରୁତରଜଣଙ୍କ ହେଲେ, ସେହି ଗାଁର ହୀନ ବେହେରା। ସୁମତି ଓ ହୀନ ଗାଁ ନିକଟ ନାକୁଘାଇ ବିଲରେ କାମ କରୁଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସୁମତିଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକ ହୀନଙ୍କୁ ଉଦ୍ଧାର କରି ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହୀନ ଓ ସୁମତି ଗୋଟିଏ ପରିବାରର ଓ ସମ୍ପର୍କରେ ଦୁଇ ଯାଆ ବୋଲି ଜଣାପଡ଼ିଛି। ପୁଲିସ ସୁମତିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

# ଭୁଲ୍ ଇଞ୍ଜେକସନ୍ ପାଇଁ ଚାଲିଗଲା ଶିଶୁର ଜୀବନ!

ଖଇରା,୩୧।୮ (ସମିସ): ଭୁଲ୍ ଇଂଜେକ୍ସନ୍ ଯୋଗୁଁ ଜଣେ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗକୁ ନେଇ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଗଗନଧୂଳି ପଞ୍ଚାୟତ ଅଧୀନ ରାଇଗଡ଼ିଆ ଗ୍ରାମରେ ତୀବ୍ର

■ ଡାକ୍ତରଙ୍କୁ ଗିରଫ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ
■ କ୍ଲିନିକ୍ ସିଲ୍ କଲେ ତହସିଲଦାର

ଉତ୍ତେଜନା ପ୍ରକାଶ ପାଇଛି। ମୃତ ଶିଶୁଜଣଙ୍କ ହେଲା, ବଳରାମ ରାମଙ୍କ ଝିଅ ଲିପ୍ସିତା(୨)। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ପରିବାରଲୋକ ଓ ଗ୍ରାମବାସୀ ଏକଜୁଟ ହୋଇ ଆଜି ଅପରାହ୍ଣରେ ଝିଅର ମୃତଦେହକୁ ରାସ୍ତାରେ ରଖିବା ସହ ଟାୟାର ଜାଳି ସୋର-କୁପାରୀ ରାଜ୍ୟ ରାଜପଥକୁ ତୁଡିଗଡିଆଠାରେ ଅବରୋଧ କରିଛନ୍ତି।

ସୂଚନାନୁଯାୟୀ, ଲିପ୍ସିତାକୁ ଥଣ୍ଡା ଜ୍ୱର ହୋଇଥିଲା। ଶନିବାର ରାତିରେ ଦେହ ଅଧିକ ଖରାପ ହେବାରୁ ତା' ବାପା-ମା' ତାକୁ ତୁଡିଗଡ଼ିଆ ବଜାରରେ ଖୋଲିଥିବା ଆୟୁଷ ଡାକ୍ତର ଦେବକାନ୍ତ ପାଢ଼ୀଙ୍କ ଘରୋଇ କ୍ଲିନିକ୍‌କୁ ନେଇଥିଲେ। ସେଠାରେ ଡାକ୍ତର ପାଢ଼ୀ ଏକ ଇଞ୍ଜେକସନ୍ ଦେଇଥିଲେ। କିନ୍ତୁ ଘରକୁ ଫେରିବା ମାତ୍ରେ ଲିପ୍ସିତାର ଅବସ୍ଥା ଆହୁରି ବିଗିଡ଼ିଯିବାରୁ ପରିବାରଲୋକେ ତାକୁ ସୋର ଓ ପରେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଲିପ୍ସିତାର ମୃତ୍ୟୁ ହୋଇଯାଇଥିଲା। ଡାକ୍ତର ପାଢ଼ୀଙ୍କ



ଭୁଲ୍ ଇଂଜେକ୍ସନ୍ ଯୋଗୁଁ ଲିପ୍ସିତାର ଜୀବନ ଯାଇଥିବା ଅଭିଯୋଗ କରି ଆଜି ଅପରାହ୍ଣରେ ଉତ୍ତ୍ୟକ୍ତ ଗ୍ରାମବାସୀ ତୁଡ଼ିଗଡ଼ିଆଠାରେ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଖବର ପାଇ ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ଓ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଅଭିଯୁକ୍ତ ଡାକ୍ତରଙ୍କୁ ଶୀଘ୍ର ଗିରଫ କରାଯିବ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଡାକ୍ତରଙ୍କୁ ଗିରଫ କରାନଯିବା ପର୍ଯ୍ୟନ୍ତ ଅବରୋଧରୁ ଉଠିବେ ନାହିଁ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ। ପରେ ଡାକ୍ତର ଦେବକାନ୍ତଙ୍କ କ୍ଲିନିକ୍‌କୁ ତହସିଲଦାର ସିଲ୍ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## କୂଅରେ ପଡ଼ି ଜୀବନ ଗଲା

ଅନୁଗୋଳ, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଅନ୍ତର୍ଗତ ଲୋକେଇପଶି ଗାଁରେ କୂଅରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଗାଁର ହରିହର ଦାସଙ୍କ ପୁଅ ସୁକାନ୍ତ ଦାସ (୪୮)। ପରିବାରଲୋକଙ୍କ ସୂଚନାନୁଯାୟୀ, ସୁକାନ୍ତଙ୍କ ଘର ପାଖରେ ଏକ କୂଅ ଅଛି। ରବିବାର ସକାଳେ ସେ କୂଅ ନିକଟକୁ ଯାଇଥିବା ବେଳେ ଅସାବଧାନତାବଶତଃ ଖସି ପଡ଼ିଥିଲେ। ଖବର ପାଇ ବନ୍ତଳା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସୁକାନ୍ତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**କେନ୍ଦ୍ରକୁ ନବୀନଙ୍କ ଚିଠି ପରେ ସରକାର ତତ୍ପର**

# ତ୍ୱରାନ୍ୱିତ ହେଲା ସାର ଯୋଗାଣ

ଭୁବନେଶ୍ୱର, ୩୧।୮ (ସମିସ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟକୁ ସାର ଯୋଗାଣ ତ୍ୱରାନ୍ୱିତ କରାଯାଇଛି। ରାଜ୍ୟରେ ସାରର କୃତ୍ରିମ ଅଭାବ ଦର୍ଶାଇ ଚାଷୀମାନଙ୍କୁ ଭୟଭୀତ ନ କରିବାକୁ ବିଭାଗ ତରଫରୁ ଅନୁରୋଧ କରାଯାଉଛି। କୃଷି ବିଭାଗ ଦ୍ୱାରା ୨୦୨୫ ପାଇଁ ୫୮.୫୦ ଲକ୍ଷ ହେକ୍ଟର ଖରିଫ ଫସଲ ଯୋଜନା (ଧାନ-୩୪.୯୪ ଲକ୍ଷ ହେକ୍ଟର ଏବଂ ଅଣ-ଧାନ ଫସଲ- ୨୩.୫୬ ଲକ୍ଷ ହେକ୍ଟର) ରହିଛି। ତଦନୁସାରେ, ରାଜ୍ୟକୁ ଆବଣ୍ଟନ ପାଇଁ ୧୦.୦୦ ଲକ୍ଷ ମେଟ୍ରିକ ଟନ୍ ସାର ଯୋଗାଣ ଯୋଜନା ପ୍ରସ୍ତୁତ କରାଯାଇ ଭାରତ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ଭାରତ ସରକାର ଖରିଫ ଋତୁ ପାଇଁ ମାସିକ ଫସଲ କଭରେଜ ଉପରେ ଆଧାର କରି ରାଜ୍ୟକୁ ବିଭିନ୍ନ ଗ୍ରେଡର (ସିଧା ଏବଂ କମ୍ପ୍ଲେକ୍ସ ସାର) ୯.୫୫ ଲକ୍ଷ ମେଟ୍ରିକ ଟନ୍ ସାର ଆବଣ୍ଟନ କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ସାର କଳାବଜାର ଓ କୃତ୍ରିମ ଅଭାବ ଯୋଗୁଁ ଚାଷୀମାନେ ହନ୍ତସନ୍ତ ହେବାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତକାଲି କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ଚିଠି ଲେଖି ଉଦ୍‌ବେଗ ପ୍ରକାଶ କରିବା ସହ ଓଡ଼ିଶାକୁ ପର୍ଯ୍ୟାପ୍ତ ପରିମାଣର ୟୁରିଆ ସାର ଯୋଗାଇଦେବାକୁ ଦାବି କରିଥିଲେ।

ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ଏ ଦିଗରେ ତତ୍ପରତା ପ୍ରକାଶ ପାଇବା ପରେ ମାର୍କଫେଡ୍/ପାକ୍ସ/ଲ୍ୟାମ୍ପସ/ ଖୁଚୁରା ଡିଲରମାନଙ୍କ ନିକଟରେ ବିଭିନ୍ନ ସାର ଉପଲବ୍ଧ କରାଇବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏପ୍ରିଲ୍ ସୁଦ୍ଧା, ବିଭିନ୍ନ ଜିଲ୍ଲାରେ ୨.୯୪ ଲକ୍ଷ ମେଟ୍ରିକ୍ ଟନ୍ ସାର (ୟୁରିଆ: ୧,୪୭ ଲକ୍ଷ ମେଟ୍ରିକ୍ ଟନ୍; ଡିଏପି: ୦.୨୬ ଲକ୍ଷ ମେଟ୍ରିକ୍ ଟନ୍; ଏମଓପ: ୦.୩୪ ଲକ୍ଷ ମେଟ୍ରିକ୍ ଟନ୍; ଏସ୍‌ଏସ୍‌ପି: ୦.୧୦ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ଏନ୍‌ପି/ ଏନ୍‌ପିକେ/ଏନ୍‌ପିକେଏସ୍: ୦.୭୬ ଲକ୍ଷ ମେଟ୍ରିକ୍ ଟନ୍) ପ୍ରସ୍ତୁତ କରାଯାଇଥିଲା। ଅଗଷ୍ଟ ମାସ ଶେଷ ସୁଦ୍ଧା ଓଡ଼ିଶାକୁ ୮.୬୦ ଲକ୍ଷ ମେଟ୍ରିକ୍ ଟନ୍ ସାର ମିଳିବା ଉଚିତ। ଏଥିମଧ୍ୟରୁ

## କଳାବଜାରୀ, ନକଲି ସାର ଉପରେ କଡ଼ା ନଜର

ରାଜ୍ୟ ପୂର୍ବରୁ ୮.୧୦ ଲକ୍ଷ ମେଟ୍ରିକ୍ ଟନ୍ ସାର ପାଇସାରିଛି। ଏହାଦ୍ୱାରା ମୋଟ ସାରର ଉପଲବ୍ଧତା ୧୧.୦୪ ଲକ୍ଷ ମେଟ୍ରିକ୍ ଟନ୍ (ୟୁରିଆ: ୪.୮୪ ଲକ୍ଷ ମେଟ୍ରିକ୍ ଟନ୍; ଡିଏପି: ୨.୧୮ ଲକ୍ଷ ମେଟ୍ରିକ୍ ଟନ୍; ଏମଓପି: ୦.୬୧ ଲକ୍ଷ ମେଟ୍ରିକ୍ ଟନ୍; ଏସଏସପି: ୦.୩୪ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ଏନ୍‌ପି/ ଏନ୍‌ପିକେ/ଏନ୍‌ପିକେଏସ୍: ୩.୦୫ ଲକ୍ଷ ମେଟ୍ରିକ୍ ଟନ୍) ଗତକାଲି ସୁଦ୍ଧା ବୃଦ୍ଧି ପାଇଛି। ଉପରୋକ୍ତ ପରିମାଣର ସାର ମଧ୍ୟରୁ, ୮.୪୬ ଲକ୍ଷ ମେଟ୍ରିକ ଟନ୍ ବିଭିନ୍ନ ଗ୍ରେଡ୍ ସାର (ୟୁରିଆ: ୩.୯୬ ଲକ୍ଷ ମେଟ୍ରିକ ଟନ୍; ଡିଏପି: ୧.୬୧ ଲକ୍ଷ ମେଟ୍ରିକ ଟନ୍; ଏମ୍‌ଓପି: ୦.୪୧ ଲକ୍ଷ ମେଟ୍ରିକ ଟନ୍; ଏସ୍‌ଏସ୍‌ପି: ୦.୨୧ ଲକ୍ଷ ମେଟ୍ରିକ ଟନ୍ ଏବଂଏନ୍‌ପି/ ଏନ୍‌ପିକେ/ଏନ୍‌ପିକେଏସ: ୨.୨୫ ଲକ୍ଷ ମେଟ୍ରିକ ଟନ୍) ଚାଷୀମାନଙ୍କୁ ବିକ୍ରୟ କରାଯାଇଛି। ଆଜି ସୁଦ୍ଧା ବିଭିନ୍ନ ଜିଲ୍ଲାରେ ୨.୫୬ ଲକ୍ଷ ମେଟ୍ରିକ ଟନ୍ ସାର ଉପଲବ୍ଧ ଅଛି।

ମାର୍କଫେଡ୍ ଏବଂ ଅନ୍ୟ ଅଂଶୀଦାରମାନଙ୍କ ସହିତ ସମନ୍ୱୟ ରଖି ଖରିଫ କାର୍ଯ୍ୟ ଉପରେ ଆଧାରିତ ପର୍ଯ୍ୟାପ୍ତ ପରିମାଣର ଯୋଗାଣ ପାଇଁ ଯୋଜନା ପୂର୍ବରୁ ପ୍ରସ୍ତୁତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସାର ଯୋଗାଣସ୍ଥିତିର ନିୟମିତ ସମୀକ୍ଷା କରୁଛନ୍ତି। ମାର୍କଫେଡ୍‌କୁ ପର୍ଯ୍ୟାପ୍ତ ପରିମାଣରେ ଯୋଗାଣ କରିବାକୁ ମଧ୍ୟ ସାର ନିର୍ମାତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଜିଲ୍ଲାରେ ୧୧ହଜାର ୬୯୨ ମେଟ୍ରିକ ଟନ୍ ୟୁରିଆ ପହଞ୍ଚିବା ପାଇଁ ପରିବହନରେ ଅଛି। ଏହା ଆସନ୍ତା ଦୁଇଦିନ ମଧ୍ୟରେ ପାକ୍ସ ଏବଂ ଲ୍ୟାମ୍ପସରେ ପହଞ୍ଚିବ। ଷ୍ଟକ୍ ସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପାକ୍ସ ଓ ଲ୍ୟାମ୍ପସକୁ ବିଭିନ୍ନ ଗ୍ରେଡ୍‌ର ସାର ଉପଲବ୍ଧତା ସୁନିଶ୍ଚିତ କରିବାକୁ ମାର୍କଫେଡ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ନକଲି ସାର ବିକ୍ରି ରୋକିବା ଉପରେ ଏପର୍ଯ୍ୟନ୍ତ, ୪୫୪୬ଟି ଖୁଚୁରା ଦୋକାନ ଯାଞ୍ଚ କରାଯାଇଛି। ୧୨୦୨ଟି ଖୁଚୁରା ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେହିଭଳି ୩୦ଟି ମାମଲାରେ ବ୍ୟବସାୟୀଙ୍କୁ ବିକ୍ରୟ ବନ୍ଦ ନୋଟିସ ଜାରି କରାଯାଇଛି। ସାର ନିୟନ୍ତ୍ରଣ ଆଦେଶ, ୧୯୮୫ ଅନୁଯାୟୀ ଉଲ୍ଲଂଘନ ଅଭିଯୋଗରେ ୬୨ଟି ଡିଲର ଲାଇସେନ୍ସକୁ ନିଲମ୍ବିତ/ବାତିଲ କରାଯାଇଛି। ଏହାବ୍ୟତୀତ, ୬ଟି ଡିଲରଙ୍କ କ୍ଷେତ୍ରରେ ଷ୍ଟକ୍ ଜବତ ମଧ୍ୟ କରାଯାଇଛି।

# ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା

ନୂଆପଡ଼ା,୩୧।୮ (ସମିସ): ନୂଆପଡ଼ା ଜିଲ୍ଲା ଧରମବନ୍ଧା ଥାନା ଖୁଟବନଭେରା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି ନୃଶଂସ ସ୍ୱାମୀ। ରବିବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ଖୁଟବନଭେରା ଗାଁର ସନ୍ତୋଷ କମାର ସ୍ତ୍ରୀ ତିରିତଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ଖବର ଅନୁଯାୟୀ, ଦୁହିଁଙ୍କ ମଧ୍ୟରେ ବାକ ବିତଣ୍ଡା ହୋଇଥିଲା। ହଠାତ ରାଗରେ



ସନ୍ତୋଷ ସ୍ତ୍ରୀ ତିରିତର ବେକକୁ ଟାଙ୍ଗିଆରେ ଚୋଟ ପକାଇଥିଲା। ତିରତରଙ୍କ ମୃତ୍ୟୁ ପରେ ସେ ଫେରାର୍ ହେବାକୁ ଚେଷ୍ଟା କରୁଥିବା ବେଳେ ଗାଁଲୋକେ ତାକୁ କାବୁ କରିବା ସହ ତା' ହାତଗୋଡ଼ ବାନ୍ଧି ପୁଲିସକୁ ସୂଚନା ଦେଇଥିଲେ। ଧରମବନ୍ଧା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ସ୍ୱାମୀ ସନ୍ତୋଷକୁ ଅଟକ ରଖି ତଦନ୍ତ ଜାରି ରହିଛି। ତାଙ୍କର ୩ ଝିଅ ଓ ଗୋଟିଏ ପୁଅ ଅଛି।

## ଏସ୍‌ଆଇଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

# ଦୁର୍ନୀତିରେ ଉଚ୍ଚଅଧିକାରୀଙ୍କ ସଂପୃକ୍ତି ନେଇ ଆଲୋଚନା

କଟକ, ୩୧।୮ (ସମିସ): ଦେଶରେ କଳା ଟଙ୍କା କାରବାର ସଂପର୍କରେ ତଦନ୍ତ କରୁଥିବା ସ୍ପେସାଲ୍ ଇନଭେଷ୍ଟିଗେସନ୍ ଟିମ୍(ଏସ୍‌ଆଇଟି)ର ଗୁରୁତ୍ୱପୂର୍ଣ୍ଣ ବୈଠକ କଟକରେ ଅନୁଷ୍ଠିତ ହୋଇଛି। ନିକଟ ଅତୀତରେ ଦୁର୍ନୀତି ମାମଲାରେ ବହୁ ସଂଖ୍ୟାରେ ଉଚ୍ଚପଦସ୍ଥ ଅଧିକାରୀ ଧରାପଡ଼ିଛନ୍ତି। ଦୁର୍ନୀତି ନିବାରଣ ଆଇନ ମାମଲାରେ ଉଚ୍ଚପଦରେ ଅବସ୍ଥାପିତ ସରକାରୀ ଅଧିକାରୀ ରାଜ୍ୟରେ ଧରାପଡ଼ିବାର ଧାରା ନିକଟରେ ଦେଖିବାକୁ ମିଳିଛି। ଏପରି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ନିକଟରୁ ବିପୁଳ ପରିମାଣ ଟଙ୍କା ଓ ସଂପତ୍ତି ଜବତ କରାଯାଉଛି। ଦୁର୍ନୀତି ନିବାରଣ ଆଇନ ମାମଲାର ଅନ୍ୟ ଦିଗ ବିଷୟରେ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଦୁର୍ନୀତି ମାମଲାରେ ଅଧିକାରୀ ନିଜ ପ୍ରକୃତ ଆୟ ସଂକ୍ରାନ୍ତରେ ପ୍ରକାଶ କରି ନଥାନ୍ତି, ପଦର ଅପବ୍ୟବହାର କରି ଟଙ୍କା ହାସଲ କରିଥାନ୍ତି, କେଉଁ ବିଭାଗରେ କେତେ ଦୁର୍ନୀତି ମାମଲା ଧରାପଡୁଛି, ତାହା ଅନୁଧ୍ୟାନ କରାଯାଉଛି। ଯେଉଁ ବିଭାଗରେ ଏପରି ଅଧିକ ମାମଲା ଧରାପଡୁଛି, ସେଠାରେ ଅଧିକ କଳାଧନ ରହିଛି। ତେଣୁ ଏଭଳି ବିଭାଗ ପ୍ରତି ଅଧିକ ଧ୍ୟାନ ଦିଆଯିବା ଉପରେ ଆଲୋଚନା ହୋଇଥିଲା।

ଏସ୍‌ଆଇଟି ଉପାଧକ୍ଷ ଜଷ୍ଟିସ୍ ପଶାୟତଙ୍କ ଅଧ୍ୟକ୍ଷତାରେ ତାଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ଓ ରାଜ୍ୟ ସରାକରଙ୍କ ବିଭିନ୍ନ ବିଭାଗ ଓ ତଦନ୍ତକାରୀ ଏଜେନ୍ସିର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ଇଡି ଉପନିର୍ଦ୍ଦେଶକ, ଭିଜିଲାନ୍ସ ଏସପି, କ୍ରାଇମବ୍ରାଞ୍ଚ ଆଇଜି, ଆୟକର ବିଭାଗ ବରିଷ୍ଠ ଅଧିକାରୀ, ଅନ୍ୟ ତଦନ୍ତକାରୀ ଏଜେନ୍ସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୮ ମାସ ହେଲା ଶଯ୍ୟାଶାୟୀ; ପରିବାର ସର୍ବସ୍ୱାନ୍ତ



ଶଗଡା,୩୧।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବରଗାଁ ପଞ୍ଚାୟତ ମଲିକୁଦ ଗ୍ରାମ ନିବାସୀ ହାଡୁ ରଣା (୭୦) ୮ ମାସରୁ ଅଧିକ ହେବ ଶଯ୍ୟାଶାୟୀ ଅଛନ୍ତି। ତାଙ୍କ ହାତ ଗୋଡ଼ କାମ କରୁ ନ ଥିବା ବେଳେ ସବୁ ମୋଡି ହୋଇ ଅଚଳ ହୋଇ ଯାଇଛି। ପରିବାର ଲୋକେ ଚିକିତ୍ସା ପାଇଁ ଅନେକ ଡାକ୍ତରଖାନା ନେଇ ଥିଲେ ମଧ୍ୟ ରୋଗ ଜମାରୁ ଭଲ ହୋଇ ନ ଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ଖର୍ଚ୍ଚାନ୍ତ ହେବା ସହ ହଇରାଣ ହୋଇ ବିଫଳ ହୋଇଛନ୍ତି। ଏହାଫଳରେ ଏବେ ନିରାଶ ହୋଇ ଭଗବାନଙ୍କୁ ଆଶ୍ରା କରି ପଡି ରହିଛନ୍ତି। ହାଡୁ ଉଠି ବସି ପାରୁ ନ ଥିବା ବେଳେ ନିଜର ନିତ୍ୟକର୍ମ ଆଦୌ କରି ପାରୁ ନାହାନ୍ତି। ହାଡୁଙ୍କ ଖାଇବା ଠାରୁ ଆରମ୍ଭ କରି ନିତ୍ୟକର୍ମ ଆଦି ସମସ୍ତ କାମରେ ପରିବାର ଲୋକେ ସହଯୋଗ କରୁଛନ୍ତି। ତାଙ୍କୁ ନେବାଆଣିବାରେ ଅସୁବିଧା ହେଉଥିବାରୁ ପରିବାର ଲୋକେ ଏକ ହ୍ୱିଲ୍ ଚେୟାର ଯୋଗାଇ ଦେବା ପାଇଁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଅନ୍ୟପଟେ ଗରିବ ପରିବାର ହୋଇଥିବାରୁ ବର୍ତ୍ତମାନ ଚିକିତ୍ସା କରିବା ତାଙ୍କ ପକ୍ଷେ ସମ୍ଭବପର ନୁହେଁ। ହାଡୁଙ୍କ ଅଧିକ ଚିକିତ୍ସା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ପରିବାର ଲୋକେ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି।

# ମହୁଲବାହାଲିରେ ନୂଆଁଖାଇ ଭେଟ୍‌ଘାଟ୍

ଶଗଡା,୩୧।୮ (ସମିସ):



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ପଞ୍ଚାୟତ ମହୁଲବାହାଲି ଗ୍ରାମରେ ମାଁ କଙ୍କାଳି ଗଣେଶ ପୂଜା କମିଟି ପକ୍ଷରୁ ଚତୁର୍ଥ ନୂଆଁଖାଇ ଭେଟଘାଟ-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସମ୍ମାନିତ ଅତିଥି ରୂପେ ଯୁବ ଉଦ୍ୟୋଗୀ ଆଶିଷ ସାହୁ, ଯୁବନେତା ଶିବ ଚୌଲିଆ ଓ ଟୁଟୁଲ ପଟ୍ଟନାୟକ, ବିଜେପି ନେତା ଓମ୍‌ପ୍ରକାଶ ମିଶ୍ର, ଲୋପାମୁଦ୍ରା କଲେଜ ସମ୍ପାଦକ ଉତ୍ତମ ମହଲା, ସୋନପୁରର ପୂର୍ବତନ ପୌରାଧ୍ୟକ୍ଷ ପ୍ରକାଶ ସାହୁ, ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା, କମିଟି ସଦସ୍ୟ ପ୍ରକାଶ ସାହୁ, ବରିଷ୍ଠ ଶିକ୍ଷାବିତ୍ ବିଜୟ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କଲ୍ୟାଣୀ ବିଶ୍ୱାଳ, ଗ୍ରାମର ୱାର୍ଡ ମେମ୍ବର ନକୁଳ ବାଘ ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଜନ ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କମିଟି ସଭାପତି ହେମନ୍ତ ମହାକୁଡ ଅତିଥିଙ୍କୁ ସମ୍ମାନିତ କରିଥଲେ। ଡ ସତ୍ୟନାରାୟଣ ମଲ୍ଲିକଙ୍କ ରଚନାରେ ନାଟକ 'କେରଙ୍ଗେଲା' ପରିବେଷିତ ହୋଇଥିଲା। ସେହିଭଳି ନୁର୍ ବେଗମଙ୍କ କଣ୍ଠରେ ଫଟାଇ ଖାଇଲି ବେଲ ଗୀତରେ ଦର୍ଶକ ବେଶ୍ ଝୁମିଥିଲେ। କୃପାସିନ୍ଧୁ ସୁନାଙ୍କ ହାଏ ତୋର କସମ୍ ଗୀତ ବେଶ୍ ବିମୋହିତ କରିଥିଲା। ନାଟକରେ ଲଳିତ ମହାକୁଡ, ପ୍ରଶାନ୍ତ ପ୍ରଧାନ, ସଞ୍ଜୀବ ବଗର୍ତ୍ତି, ସରୋଜ ବଗର୍ତ୍ତି, ବିଶିକେଶନ ମହାକୁଡ, ଜଗନ୍ନାଥ ଭୋଇ, ବିଶା ହାତୀ, ନରତ୍ତମ୍ ଭୋଇ, ସୂର୍ଯ୍ୟ ମହାକୁଡ, ମାନ ବଗର୍ତ୍ତି, ଆୟୁଷ ସାହୁ, କରିସ୍ମା ଭୋଇ, ମମତା, ଟିକିଲି, ସତ୍ୟବାନ ଭୋଇ, ମଣ୍ଟୁ ମହାକୁଡ, ପିଣ୍ଟୁ ଭୋଇ ପ୍ରମୁଖ ଅଭିନୟ କରିଥିଲେ।

## ମାସେ ହେଲା ନଳକୂପ ଅଚଳ

ଶଗଡା,୩୧।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଯୋଗୀନ୍ଦ୍ରପୁର ପଞ୍ଚାୟତ ଗୋହିପିଟା ଗ୍ରାମରେ ଗୋଟିଏ ନଳକୂପ ଏକ ମାସରୁ ଅଧିକ ହେବ ଅଚଳ ହୋଇ ପଡ଼ିଛି। ଏହି ଗ୍ରାମରେ ପାଖାପାଖି ୩୫ ପରିବାରର ୧୦୦ଜଣ



ଲୋକ ବସବାସ କରୁଛନ୍ତି। ନଳକୂଅରୁ ପାଣି ବାହାରୁ ନ ଥିବା ଯୋଗୁଁ ଲୋକେ ପାଣି ପାଇଁ ବହୁତ ହଇରାଣ ହେଉଥିବ। ଅଭିଯୋଗ ହୋଇଛି। ମାସେ ହେଲା ଅଚଳ ହୋଇଥିବାରୁ ପାନୀୟ ଜଳ ପାଇଁ ସମସ୍ୟା ଦ୍ୱିଗୁଣିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନଳକୂପ ମରାମତି କରିବା ପାଇଁ ସ୍ଥାନୀୟ କର୍ମଚାରୀ ଓ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା ଏହାର ସମାଧାନ ହେଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ବୌଦ୍ଧ,୩୧।୮ (ସମିସ): ବୌଦ୍ଧ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ "ଗୀତା ସୁଗୀତା କର୍ତ୍ତବ୍ୟା -୨୦୨୫' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ରନାଥ ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନର ୩ୟଠାରୁ +୩ ପର୍ଯ୍ୟନ୍ତ ୪୨ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଯୋଗଦେଇ ଶ୍ରୀମତ୍ ଭଗବତ୍ ଗୀତାର ୫ମ ଅଧ୍ୟାୟ ଆବୃତ୍ତି କରିଥିଲେ। ସମସ୍ତ ଭାଗଗ୍ରାହୀ ଛାତ୍ରଛାତ୍ରୀ ଓ ସଭ୍ୟମାନଙ୍କୁ ୫ମ ଅଧ୍ୟାୟ ଗୀତା ଗ୍ରନ୍ଥ ବଣ୍ଟନ କରାଯାଇଥିଲା। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା। ଅଭିମନ୍ୟୁ ପ୍ରଧାନ, ନବୀନଚନ୍ଦ୍ର ଶତପଥୀ, ଅଶୋକ ପୁରୋହିତ, ଅଶୋକ ପ୍ରଧାନ, ପୌଲସ୍ତି ପ୍ରଧାନ, ରଞ୍ଜନାବାଳା ନାୟକ, ସନ୍ଧ୍ୟାରାଣୀ ମିଶ୍ର, ସୁଶ୍ରୀ ହିରଣ୍ମୟୀ ରାଉତରାୟ, କୁମାରୀ ସୌଦାମିନୀ ଓ ଶ୍ରୀ ସମୀର ସାହୁ ପ୍ରମୁଖ ଗୁରୁଜୀମାନେ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରଜ୍ଞାନ ମିଶନ ବରିଷ୍ଠ କର୍ମକର୍ତ୍ତା ପ୍ରାଣବନ୍ଧୁ ମହାପାତ୍ର, ସୌମିତ୍ରୀ ପଲିଆ, ଶ୍ରୀମନ୍ତ ପ୍ରଧାନ, ଶିବଦତ୍ତ ପଟ୍ଟନାୟକ, ନନ୍ଦକିଶୋର ସାହୁ, ଡ. ପ୍ରିୟବ୍ରତ ବେହେରା ଓ ପରେଶ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ଅରୁଣ କୁମାର ସୁନା, ସଭାପତି ଅର୍ଜୁନପୁର ପେକ୍ସ
ଟୁନା କୁମାର ପଧାନ, ସମ୍ପାଦକ, ଅର୍ଜୁନପୁର ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ଲିଙ୍ଗରାଜ ସୁନା, ଇଓ
ଦୁଷ୍ମନ୍ତ ସାହୁ, ସରପଞ୍ଚ, କୁଲତାପଡା ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ପ୍ରେମାନନ୍ଦ ବୁଡେକ, ଇଓ
ଜାହ୍ନବି ମାହାଣା, ସରପଞ୍ଚ, ସିଂହାମୁଣ୍ଡା ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ନୂଆଁଖାଇ ଜୁହାର୍
ସୁଶ୍ରୀ ରିଙ୍କି ବାଗ, ଇଓ, ହାତିସରା ପଞ୍ଚାୟତ
ଶ୍ରୀଯୁକ୍ତ କେଲୋ ଡାଙ୍ଗ, ସରପଞ୍ଚ ତଥା ଅବସରପ୍ରାପ୍ତ ସେନାକର୍ମଚାରୀ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ୱାସିମ ଅଖତର, ଇଓ
ଶ୍ରୀମତୀ ରଞ୍ଜିତା ସାହୁ, ସରପଞ୍ଚ, ଗୌରଗୋଠ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ନୂଆଁଖାଇ ଜୁହାର୍
ଶ୍ରୀ ନିବେଦିତା ଡାଙ୍ଗ, ଇଓ
ଶ୍ରୀଯୁକ୍ତ ମହେନ୍ଦ୍ର ମଲ୍ଲିକ, ସରପଞ୍ଚ,ବ୍ରାହ୍ମଣୀଯୋର ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ଅରୁଣ କୁମାର ନାଗ, ଇଓ
ଶ୍ରୀମତୀ ଦେବାନ୍ତି କ୍ଷେତି, ସରପଞ୍ଚ, ଲଣ୍ଡାପଥର ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ସୂର୍ଯ୍ୟମଣୀ ମେହେର, ଇଓ
ଶ୍ରୀମତୀ ପଦ୍ମିନି ମିଶ୍ର, ସରପଞ୍ଚ ରାମଚନ୍ଦ୍ରପୁର ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ପ୍ରେମାନନ୍ଦ ବୁଡେକ, ଇଓ
ଶ୍ରୀମତୀ ସଞ୍ଜୁ ସିକା, ସରପଞ୍ଚ, ଧଣ୍ଡାମାଳ ଗ୍ରାମ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ନୂଆଁଖାଇ ଜୁହାର୍
ମାନସ ରଞ୍ଜନ ମେହେର, ଇଓ
ଶ୍ରୀଯୁକ୍ତ କୁଶମଣୀ ମେହେର, ସରପଞ୍ଚ, ଜରାସିଂହା ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ନୂଆଁଖାଇ ଜୁହାର୍
ଶ୍ରୀ ଯୋଗେଶ୍ୱର ପଧାନ, ଇଓ
ଶ୍ରୀଯୁକ୍ତ ଜଗବନ୍ଧୁ ମେହେର, ସରପଞ୍ଚ, ବଡବନ୍ଧ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ନୂଆଁଖାଇ ଜୁହାର୍
ଶ୍ରୀ ପୁରନ୍ଦର ଭୋଇ, ଇଓ
ଶ୍ରୀମତୀ ତେଜ ହରପାଲ, ସରପଞ୍ଚ କୁତୁର୍ଲା ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ରମେଶ ବାଗ, ଇଓ, ବନ୍ଧପଡା ପଞ୍ଚାୟତ
ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ମିଶ୍ର, ସରପଞ୍ଚ ତଥା ସରପଞ୍ଚ ସଂଘ ସଭାପତି

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ବୀଣା ପଧାନ, ଇଓ
ଶ୍ରୀଯୁକ୍ତ ତ୍ରିଲୋଚନ ନାଗ, ସରପଞ୍ଚ, ଗାଇବାହାଲ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀ ବିରେନ୍ଦ୍ର କୁମାର ଛତ୍ରିଆ, ଇଓ
ଶ୍ରୀମତୀ ପଞ୍ଚମୀ ଦୀପ, ସରପଞ୍ଚ, ଉଡାର ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ସୂର୍ଯ୍ୟମଣୀ ମେହେର, ଇଓ
ଶ୍ରୀମତୀ ବାସନ୍ତି ପଟେଲ, ସରପଞ୍ଚ ଡୁମେରପିଟା ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ୱାସିମ ଅଖତର, ଇଓ
ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ରଣା, ସରପଞ୍ଚ, ବଡବାହାଲ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ନନ୍ଦିକିଶୋର ସାହୁ, ଇଓ
ଶ୍ରୀଯୁକ୍ତ ଗୋପାଳ ବାଗ, ସରପଞ୍ଚ, ସାରସମାଲ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ବିରେନ୍ଦ୍ର ନାଗ, ଇଓ
ଶ୍ରୀମତୀ ଜାନକୀ ସାହୁ, ସରପଞ୍ଚ, ମୁକୁନ୍ଦପୁର ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ନୂଆଁଖାଇ ଜୁହାର୍
ସୁଶ୍ରୀ ବିଷ୍ଣୁପ୍ରିୟା ସାହୁ, ଇଓ
ଶ୍ରୀମତୀ ଯଶୋଦା ମେହେର, ସରପଞ୍ଚ ଦେଷଣ୍ଡ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀ ସୌମ୍ୟରଞ୍ଜନ ଗହୀର, ଇଓ
ଶ୍ରୀମତୀ ନିନା ଛତ୍ରିଆ, ସରପ, ଦେଓଗାଁ ପଞ୍ଚାୟତ

● ମନୋଜ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସୋନପୁର ବାଉତି କ୍ଲବ୍ ଚାମ୍ପିଅନ

**ସୁବଳୟା,୩୧।୮ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ କମିରା ପଞ୍ଚାୟତର ବିକଲପୁରରେ ରବିବାର ଦିନ ମନୋଜ ସ୍ମାରକୀ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ତଥା ଜିଲ୍ଲା ବାହାର ର ଆଠୋଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲରେ ସୋନପୁରର ମେହେର ଏକାଦଶକୁ ହରାଇ ସୋନପୁରର ବାଉତି କ୍ଲବ୍ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ କମିରା ପଞ୍ଚାୟତର ସରପଞ୍ଚ ଅନୁଷୟା ପ୍ରଧାନ ମୁଖ୍ୟଅତିଥି ଏବଂ ସ୍ୱେଚ୍ଛାସେବୀ ସପନ ପ୍ରଧାନ,ରାମ ପ୍ରସାଦ କର୍ଣ୍ଣ,କ୍ରୀଡାବିତ ଶ୍ରୀନିବାସ ପ୍ରଧାନ,ଶ୍ରୀନିବାସ ବାଦୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ।ପ୍ରଥମ ସେମି ଫାଇନାଲରେ ବୀରମହାରାଜପୁରକୁ ହରାଇ ମେହେର ଇଲେଭେନ୍ ସୋନପୁର ଫାଇନାଲକୁ ଉନ୍ନୀତ ହୋଇଥିବା ବେଳେ ଦ୍ୱିତୀୟ ସେମିଫାଇନାଲରେ ଆଦିବାସୀ କ୍ଲବ୍ ଉଲୁଣ୍ଡାକୁ ହରାଇ ସୋନପୁର ବାଉତି କ୍ଲବ୍ ଦ୍ୱିତୀୟ ଦଳ ଭାବେ ଫାଇନାଲ ରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ୍ ବାଉତି କ୍ଲବ୍ ସୋନପୁର ଏବଂ ମେହେର ଏକାଦଶ ସୋନପୁର ମଧ୍ୟରେ ହୋଇଥିଲା।ଟାଇ ବ୍ରେକର ଜରିଆ ରେ ବାଉତୀ କ୍ଲବ୍ ସୋନପୁର ଫାଇନାଲ ମ୍ୟାଚ୍‌ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ସଙ୍କୀର୍ତ୍ତନ ସାହୁଙ୍କ ସଂଯୋଜନା ରେ ଅନୁଷ୍ଠିତ ପୁରସ୍କାର ବିତରଣି ଉତ୍ସବରେ ସଞ୍ଜୀବ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଞ୍ଜୟ ପଟ୍ଟନାୟକ,ଦେବେନ୍ଦ୍ର ଭୋଇ ଧାରାବିବରଣି ପ୍ରଦାନ କରିଥିଲେ। ପ୍ରଶାନ୍ତ ସେଠୀ, ସୁଦାମ ଜଗଦଲା, ରାଜେଶ୍ ଥାନାପତି, ଜଗତ ବାଘ୍ ପ୍ରମୁଖ ରେଫରି ଭାବେ ଖେଳ ପରିଚାଳନା କରିଥିଲେ।

ସାୟତ୍ତଶାସନ ଦିବସ ପାଳିତ

# ସମସ୍ତଙ୍କ ସହଯୋଗରେ ପୌରାଞ୍ଚଳର ଉନ୍ନତି ସମ୍ଭବ



**ଭବାନୀପାଟଣା,୩୧।୮ (ସମିସ):**

ଭବାନୀପାଟଣା ପୌର ପରିଷଦ ପକ୍ଷରୁ ସାୟତ୍ତଶାସନ ଦିବସ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ଟାଉନହଲ ପରିସରରେ ଅନୁଷ୍ଠିତ ସଭାରେ ପୌରହିତ୍ୟ କରି ପ୍ରାରମ୍ଭରେ ନିଜ ଅଭିଭାଷଣରେ ନଗରପାଳ ବିଷ୍ଣୁ ପ୍ରଧାନ କହିଥିଲେ ଯେ ପୌରାଞ୍ଚଳବାସୀ ଦାୟିତ୍ୱରେ ଥିବା କାଉନସିଲରମାନଙ୍କୁ ଟିକେ ସ୍ନେହ ଟିକେ ଭଲପାଇବା ସହ ସ୍ୱଚ୍ଛ ସହର ଗଢିବାରେ ସହଯୋଗର ଆବଶ୍ୟକତା ରହୁଛି। ସୁନ୍ଦର ବିଦ୍ୟୁତକରଣ ଓ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପ୍ରତ୍ୟେକ ସହରବାସୀଙ୍କ ମୌଳିକ ଦାୟିତ୍ୱ। ଯାହାଦ୍ୱାରା ଭବାନୀପାଟଣା ସହରର ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନର ଆଶା କରାଯାଇପାରିବବୋଲି ନିମନ୍ତ୍ରିତ ଅତିଥିଗଣ ମତବ୍ୟକ୍ତ କରିଥିଲେ। ପୌରପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ପାଢ଼ୀ ପୌରାଞ୍ଚଳ ପକ୍ଷରୁ ହାତକୁ ନିଆଯାଇ ବିଭିନ୍ନ କାର୍ଯ୍ୟକ୍ରମର ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ।ରବିବାର ସନ୍ଧ୍ୟାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ସମ୍ମାନିତ ଅତିଥି ଏଡିଏମ ତନ୍ମୟ କୁମାର ଦରୱାନ, ଭବାନୀପାଟଣା ଉପ ଜିଲ୍ଲାପାଳ ପ୍ରଭାତ ପରିଡା, ପୂର୍ବତନ ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ନାୟକ, ନିର୍ବାହୀ ଅଧିକାରୀ ପ୍ରମୋଦ ପାଢୀ,ପ୍ରବେଶନାରୀ ଆଇଏଏସ ଅନିମେଶ ପ୍ରଧାନଙ୍କ ସମେତ ପୌରାଞ୍ଚଳର ସମସ୍ତ କାଉନସିଲର ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ନଗରପାଳ ବିଷ୍ଣୁ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସଂଜୀବ ସିଂ ମଞ୍ଚ ପରିଚାଳନା କରିଥିଲେ। ସକାଳ ୮ଟା ସମୟରେ ନଗରପାଳ ବିଷ୍ଣୁ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିର୍ବାହୀଅଧିକାରୀ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ, ଏହାପରେ ମଶାଲ ଶୋଭାଯାତ୍ରା ମାଣିକେଶ୍ୱରୀ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ସମସ୍ତ ପୌର କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶିଶୁ ତଥା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ବାନ୍ଧିରଖିଥିଲା।

# ମୁର୍ଷୁଣ୍ଡୀରେ ନୂଆଁଖାଇ ଭେଟ୍ ଘାଟ

**ସୁବଳୟା,୩୧।୮ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକମୁର୍ଷୁଣ୍ଡୀରେ ନୂଆଁଖାଇ ଭେଟଘାଟ ମା' ' ମାଟିର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ସଭାପତି ଅରବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବୀରମହାରାଜପୁର ଜୋନ-୧ ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ମନୋଜ କୁମାର ସାହୁ,ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ନେତା ସତ୍ୟଞ୍ଜିବ ମିଶ୍ର,ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ,ବିଶିଷ୍ଟ ବ୍ୟବସାୟୀ ପ୍ରେମାନନ୍ଦ ଜଟି,ସ୍ଥାନୀୟ ଗଜଲକ୍ଷ୍ମୀ ପୂଜା କମିଟିର କୋଷାଧ୍ୟକ୍ଷ ସତ୍ୟମୋହନ ବେଦପାଣି, ଗଜଲକ୍ଷ୍ମୀ ପୂଜା କମିଟିର ସହସମ୍ପାଦକ ବିଦ୍ୟାଧର ଖୁର୍ଡିଆ,ପୂର୍ବତନ ସମିତି ସଭ୍ୟ ଚିତ୍ତରଞ୍ଜନ ସାହୁ,ଗଜଲକ୍ଷ୍ମୀ ପୂଜା କମିଟିର ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, ବଳରାମ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ସୌମ୍ୟରଞ୍ଜନ ରଥ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବା ବେଳେ ଆୟୋଜକ ସମ୍ପାଦକ ବିକ୍ରମ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିକାଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭାରତୀୟ ସୈନ୍ୟ ବାହିନୀରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ଫକିର ମୋହନ ସାହୁ ଓ ବିନିକାର ବରିଷ୍ଠ ମଞ୍ଚ କଳାକାର ଗୋପାଳ ପଣ୍ଡାଙ୍କୁ ସ୍ମୃତିଫଳକ ଓ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ମଞ୍ଚରେ କବିତା ପାଠ ମଧ୍ୟ ହୋଇଥିଲା। ଏହା ସହିତ ମଞ୍ଚରେ ସମ୍ବଲପୁରୀ,ଡାଲଖାଇ,ରସରକେଲି ଆଦି ନୃତ୍ୟ ପରିବେଷଣ କରାଯାଇଥିଲା।


ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ଚିମନ ପଧାନ, ସଭାପତି
ଶ୍ରୀଯୁକ୍ତ ଅମିନ ପଧାନ, ସମ୍ପାଦକ, କୃଷିସେବା ସମବାୟ ସମିତି ବନ୍ଧପଡା

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀ କପିଳେଶ୍ୱର ନାୟକ, ସଭାପତି ଉପରଝର ପେକ୍ସ
ଶ୍ରୀଯୁକ୍ତ କାମାକ୍ଷା ପ୍ରସାଦ ସାହୁ, ସମ୍ପାଦକ ଉପରଝର ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ବିରେନ୍ଦ୍ର ନାଗ, ଇଓ
ଶ୍ରୀଯୁକ୍ତ ଚିତ୍ତ ରଞ୍ଜନ ସାହୁ, ସରପଞ୍ଚ, ମହଲାଇ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ସୁଦର୍ଶନ ସାଏ, ଇଓ
ଶ୍ରୀମତୀ ଯଶୋବନ୍ତୀ ନାଏକ, ସରପଞ୍ଚ, ଉପରଝର ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ଲିଙ୍ଗରାଜ ସୁନା, ଇଓ
ଶ୍ରୀମତୀ ଜୀବନୀ ଦାଶ, ସରପଞ୍ଚ ଗୁଡଖାପଲା ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ବିରେନ୍ଦ୍ର ଛତ୍ରିଆ, ଇଓ
ଶ୍ରୀଯୁକ୍ତ ରାଜକୁମାର ଭୋଇ, ସରପଞ୍ଚ, ସିକୁଆଁ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ନୂଆଁଖାଇ ଜୁହାର
ଶ୍ରୀ ବନବିହାରୀ ବେଦବାକ, ଇଓ
ଶ୍ରୀମତୀ ବଲ୍ଲଭି ସାହୁ, ସରପଞ୍ଚ, ସାଲେପାଲି ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ସତ୍ୟପ୍ରିୟ ସାହୁ, ଇଓ
ଶ୍ରୀମତୀ ଗୀତା ଜଗଦଲା, ସରପଞ୍ଚ, ଅର୍ଜୁନପୁର ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀ ଶୈଳେନ୍ଦ୍ର କୁମାର ସାହୁ, ସଭାପତି ଦେଓଗାଁ ପେକ୍ସ
ଶ୍ରୀଯୁକ୍ତ ହିମାଂଶୁ ଶେଖର ପଟ୍ଟନାୟକ, ସମ୍ପାଦକ , ଦେଓଗାଁ ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ନିଳାମ୍ବର ପାଣିଗ୍ରାହୀ, ସଭାପତି ,କୁତୁର୍ଲା ପେକ୍ସ
ଶ୍ରୀଯୁକ୍ତ ଜିତେନ୍ଦ୍ର ନାଗ, ସମ୍ପାଦକ, କୁତୁର୍ଲା ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ଟିକେରାମ ରଣା, ସଭାପତି ଗୌରଗୋଠ ପେକ୍ସ
ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ରଣା, ସମ୍ପାଦକ ଗୌରଗୋଠ ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ଶୁକ୍ର ଛତ୍ରିଆ, ସଭାପତି ରାମଚନ୍ଦ୍ରପୁର ପେକ୍ସ
ଶ୍ରୀଯୁକ୍ତ ଭଗବାନ ଗଡତ୍ୟା, ସମ୍ପାଦକ, ରାମଚନ୍ଦ୍ରପୁର ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ଗୋପିନାଥ ବାଗ, ସଭାପତି ସାରସମାଲ ପେକ୍ସ
ଶ୍ରୀଯୁକ୍ତ ପିକଲ ରଣା, ସମ୍ପାଦକ, ସାରସମାଲ ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ଦୟାନିଧି ଖମାରୀ, ସଭାପତି ଧଣ୍ଡାମାଲ ପେକ୍ସ
ଶ୍ରୀଯୁକ୍ତ ଭଗବାନ ଗଡତ୍ୟା, ସମ୍ପାଦକ, ଧଣ୍ଡାମାଲ ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀ ଶୁଶିଲ କୁମାର ଚାନ୍ଦ, ସଭାପତି ବଡବନ୍ଧ ପେକ୍ସ
ଶ୍ରୀଯୁକ୍ତ ଅମିନ ପଧାନ, ସମ୍ପାଦକ ବଡବନ୍ଧ ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ଦେବରାଜ ସାହୁ, ସଭାପତି ମହଲାଇ ପେକ୍ସ
ଶ୍ରୀଯୁକ୍ତ କାମାକ୍ଷା ପ୍ରସାଦ ସାହୁ, ସମ୍ପାଦକ ମହଲାଇ ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀ ଲକ୍ଷ୍ମଣ କୁମାର ମେହେର, ସଭାପତି
ଶ୍ରୀଯୁକ୍ତ ତିର୍ଥରାଜ ସାହୁ, ସମ୍ପାଦକ
କୃଷିସେବା ସମବାୟ ସମିତି, ଜରାସିଂହା

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ରଞ୍ଜନ କୁମାର ମିଶ୍ର
ଶାଖା ପରିଚାଳକ, କେନ୍ଦ୍ର ସମବାୟ ବ୍ୟାଙ୍କ ,ଜରାସିଂହା ଶାଖା

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ଜିତେନ୍ଦ୍ର ରାଉତ
ଶାଖା ପରିଚାଳକ କେନ୍ଦ୍ର ସମବାୟବ୍ୟାଙ୍କ ,ଦେଓଗାଁ ଶାଖା

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ଦୟାନିଧି ଖମାରୀ
ଅଧକ୍ଷ , ପଞ୍ଚାୟତ ସମିତି ,ଦେଓଗାଁ (ବଲାଙ୍ଗିର)

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀଯୁକ୍ତ ପ୍ରିୟ ରଞ୍ଜନ କୁମାର
ବିଡିଓ ଦେଓଗାଁ ବ୍ଲକ (ବଲାଙ୍ଗିର)

ନୂଆଁଖାଇ ଜୁହାର
ଶିକ୍ଷା ନିକେତନ ପରିବାର
(ଶିକ୍ଷକ ଶିକ୍ଷା ତାଲିମ ମହାବିଦ୍ୟାଳୟ)
ସାଲେପାଲି, ବ୍ଲକ୍- ଦେଓଗାଁ, ବଲାଙ୍ଗୀର

# ସମ୍ପାଦକୀୟ



ଜୀବଜନ୍ତୁମାନଙ୍କ ପ୍ରତି ଜନତାଙ୍କ ଦୃଷ୍ଟିକୋଣରୁ ଗୋଟିଏ ଦେଶର ମହାନତାର ପରିଚୟ ମିଳିପାରିବ।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ବିପଦରେ ମହେନ୍ଦ୍ରଗିରି

ବିରଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଐତିହାସିକ ଓ ପୌରାଣିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଗଜପତି ଜିଲ୍ଲାର ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ସଂରକ୍ଷିତ ଜୈବ ମଣ୍ଡଳ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି। ସମସ୍ତ ଐତିହାସିକ, ବୈଜ୍ଞାନିକ ଓ ଭୌଗୋଳିକ ତଥ୍ୟ ପ୍ରମାଣ ସତ୍ତ୍ୱେ ଏହି ମାନ୍ୟତା ପାଇବାରେ ଓଡ଼ିଶା ଗତାନୁଗତିକ ଐତିହାସିକ ଅବହେଳାର ଶିକାର ହୋଇଛି। ସଂରକ୍ଷିତ ଜୈବମଣ୍ଡଳ ମାନ୍ୟତା ମିଳିଲେ ଏହି ଅଞ୍ଚଳର ଜୈବବିବିଧତା, ଐତିହ୍ୟ, କୀର୍ତ୍ତିରାଜୀ, ମୌଳିକ ସଂସ୍କୃତିର ସୁରକ୍ଷା ହୋଇପାରିବ। ମାନ୍ୟତା ଦୂରେ ଥାଉ ଏବେ ମହେନ୍ଦ୍ରଗିରିକୁ ପର୍ଯ୍ୟଟନ ଅର୍ଥନୀତିର ଏକ ଅଂଶ କରିବା ପାଇଁ ବିଧିବଦ୍ଧ ଷଡ଼ଯନ୍ତ୍ର ଆରମ୍ଭ ହୋଇସାରିଛି, ଯାହାଫଳରେ ଏହାର ଜୈବବିବିଧତା ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ ମହେନ୍ଦ୍ରଗିରିରେ ପୁରାଣ ପ୍ରସିଦ୍ଧ ପର୍ଶୁରାମ ମନ୍ଦିରକୁ ଭାଙ୍ଗି ଏକ ଭବ୍ୟମନ୍ଦିର ନିର୍ମାଣ କରିବା ଲାଗି ଯୋଜନା ଚୂଡ଼ାନ୍ତ ହୋଇ ପ୍ରସ୍ତୁତି ଆରମ୍ଭ ହୋଇଛି। 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ନାମରେ ଯୁଧିଷ୍ଠିର ମନ୍ଦିରଠାରୁ ଦାରୁବ୍ରହ୍ମ ପର୍ଯ୍ୟନ୍ତ ସ୍ଥାନକୁ ଚିହ୍ନଟ କରାଯାଇଛି। ଆହୁରି ଉଦ୍‌ବେଗଜନକ ସୂଚନା ହେଲା ମହେନ୍ଦ୍ରଗିରି ସଂରକ୍ଷିତ ଜଙ୍ଗଲର ୦.୯ ହେକ୍ଟର ଜମିକୁ ଏହି ପ୍ରକଳ୍ପ ଲାଗି କିସମ ପରିବର୍ତ୍ତନ କରାଯାଇ ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ଯଦି ଏହି ସୂଚନା ସତ ହୋଇଥାଏ ତେବେ ମହେନ୍ଦ୍ରଗିରି ପାଇଁ ସାଂଘାତିକ ସାବ୍ୟସ୍ତ ହେବ। ପେସା ଆଇନ ଅନୁଯାୟୀ ପଲ୍ଲୀସଭା କିମ୍ବା ଗ୍ରାମସଭାର ବିନା ଅନୁମୋଦନରେ କୌଣସି ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇପାରିବ ନାହିଁ। ଜଙ୍ଗଲ ଅଧିକାର ଆଇନ-୨୦୦୬ର ମଧ୍ୟ ଏହା ବିରୁଦ୍ଧାଚରଣ କରୁଛି। କିନ୍ତୁ କିସମ ପରିବର୍ତ୍ତନ ବେଳେ ଗ୍ରାମସଭାକୁ ଅନ୍ଧାରରେ ରଖାଯାଇଥିବାର ଅଭିଯୋଗ ହୋଇଛି।

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ରାମାୟଣ ଚକ୍ରାକାର ଭ୍ରମଣ ମାର୍ଗରେ ଚିହ୍ନିତ ହୋଇଥିବା ୧୫ଟି ତୀର୍ଥ ସ୍ଥାନ ମଧ୍ୟରେ ମହେନ୍ଦ୍ରଗିରିକୁ ସ୍ଥାନିତ କରିଛନ୍ତି। ଏହିକ୍ରମରେ ସେଠାରେ ପର୍ଯ୍ୟଟନଶିଳ୍ପର ବ୍ୟାପକ ବିକାଶ ପାଇଁ ବହୁମୁଖୀ ଯୋଜନା ହାତକୁ ନିଆଯାଇଛି। ଭାରତର ପର୍ଯ୍ୟଟନ ଶିଳ୍ପରେ ଓଡ଼ିଶାର ଆଉ ଏକ ଐତିହ୍ୟ ସ୍ଥାନ ପାଇବା ଗୌରବର ବିଷୟ। କିନ୍ତୁ ଅର୍ଥନୀତି ପାଇଁ ପରିବେଶକୁ ଯଦି ବଳି ପକାଯାଏ ତେବେ ପରିସ୍ଥିତି କ'ଣ ହେବ ତାହା କେରଳର ୱାଇନାଡ଼ ଏବଂ ଉତ୍ତରାଖଣ୍ଡର ଉତ୍ତରକାଶୀ, ଯୋଶୀମଠ, କେଦାରନାଥ ପାର୍ବାତ୍ୟାଞ୍ଚଳର ଦୁର୍ବିପାକ ଆମକୁ ବାରମ୍ବାର ଚେତାଇ ଦେଇଛି।

ଜୈବବିବିଧତା ଆଇନ ୨୦୦୨ର ଧାରା ୩୭ ଅନୁସାରେ ରାଜ୍ୟ ସରକାର ୨୦୨୨ ମସିହା ନଭେମ୍ବର ମାସରେ ମହେନ୍ଦ୍ରଗିରିକୁ ଜୈବବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଛନ୍ତି। ଅର୍ଥାତ୍ ମହେନ୍ଦ୍ରଗିରିର ପାରିବେଶିକ ପରିସଂସ୍ଥା ଯେ ବିପଦାପନ୍ନ ତାହା ପରୋକ୍ଷରେ ସ୍ୱୀକାର କରାଯାଇଛି। ଅପରପକ୍ଷରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏବେ ସେଠାରେ ଅନେକ କୁଟୀର, ଶିବିର, ଆଶ୍ରୟସ୍ଥଳ ନିର୍ମାଣ ହୋଇସାରିଲାଣି। ପ୍ରାକୃତିକ ଜଙ୍ଗଲ ଅପସାରଣ, କାଠ ଚୋରାଚାଲାଣ, ମାତ୍ରାଧିକ ଲଘୁ ବନ ସମ୍ପଦ ସଂଗ୍ରହ, ପଥର କଟା ଆଦି କାରଣରୁ ମହେନ୍ଦ୍ରଗିରି ପାର୍ବତ୍ୟାଞ୍ଚଳରେ ମୃତ୍ତିକା କ୍ଷରଣ ସହିତ ପ୍ରାକୃତିକ ପରିବେଶର ଅବକ୍ଷୟ କ୍ଷିପ୍ର ହେଉଛି। ମହେନ୍ଦ୍ରତନୟା ନଦୀ ଓ ଏକାଧିକ ଝରଣାର ଜଳଧାର ଶୁଖିଯିବା ସହିତ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବା ଭୂବିଜ୍ଞାନୀମାନେ ଆଶଙ୍କା ପ୍ରକଟ କରିଛନ୍ତି। ଅବସ୍ଥା ଏପରି ହେଲାଣି ଯେ ଯେଉଁ ଅଞ୍ଚଳ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଏକ ବିକ୍ଷିପ୍ତ ଅଞ୍ଚଳକୁ ଜଳ ଯୋଗାଇ ଆସୁଥିଲା ସେହି ଅଞ୍ଚଳର ଅଧିବାସୀ ଏବେ ପିଇବା ପାଣି ସଂଗ୍ରହ କରିବା ପାଇଁ କୋଶକୋଶ ବାଟ ଚାଲିବାକୁ ପଡୁଛି। ତିତିଲି ଏବଂ ପରବର୍ତ୍ତୀ ସମୟରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ଏହାର ପ୍ରାକୃତିକ ପରିବେଶକୁ ବହୁଗୁଣରେ ବିନଷ୍ଟ କରିଚାଲିଛି।

ପରିବେଶବିତ୍ ଓ ପାଣିପାଗ ବିଶେଷଜ୍ଞମାନଙ୍କ ମତରେ ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଜଳବାୟୁ ନିୟନ୍ତ୍ରଣରେ ମହେନ୍ଦ୍ରଗିରି ପର୍ବତମାଳାର ବଳିଷ୍ଠ ଭୂମିକା ଥିଲେ ହେଁ ଏହା ସରକାରୀ ସ୍ତରରେ ସେଭଳି ଗୁରୁତ୍ୱ ପାଇନାହିଁ। ଏହି ପୃଷ୍ଠଭୂମିରେ ଯଦି ସେଠାରେ ଭବ୍ୟମନ୍ଦିର ନିର୍ମାଣ ଜରିଆରେ ପରିବେଶ-ପ୍ରତିକୂଳ କାର୍ଯ୍ୟକ୍ରମ ହାତକୁ ନିଆଯିବ ତେବେ ସ୍ଥିତି ଆହୁରି ବିଗିଡ଼ି ଯିବାର ଆଶଙ୍କା ରହିଛି। ମହେନ୍ଦ୍ରଗିରି ପୂର୍ବ-ଘାଟ ପର୍ବତମାଳାର ଅଂଶଭାବେ ଗଣ୍ଡୱାନା ଅଞ୍ଚଳାଧୀନ ଏବଂ ଏହାର ମୃତ୍ତିକା ପୃଥିବୀର ସର୍ବ ପୁରାତନ ମୃତ୍ତିକା ଭାବେ ପ୍ରମାଣିତ। ପରିବେଶବିତ୍‌ମାନଙ୍କର ଆଶଙ୍କା ଅନୁଯାୟୀ, ଯଦି ମହେନ୍ଦ୍ରଗିରିର କେନ୍ଦ୍ରୀୟ ଅଞ୍ଚଳ ପର୍ଯ୍ୟଟନ ଅର୍ଥନୀତିରେ ପ୍ରମୁଖତା ହାସଲ କରେ ତେବେ ଧୀରେଧୀରେ ବାହ୍ୟ ତତ୍ତ୍ୱର ଅନୁପ୍ରବେଶ ଘଟିବ। ହିମାଳୟ ପାର୍ବତ୍ୟାଞ୍ଚଳ ଅନୁରୂପ ବିଭିନ୍ନ ବହୁଦେଶୀୟ ଓ ଦେଶୀୟ ଔଷଧ କମ୍ପାନୀ, ସୌଖୀନ କାଠ ଓ ଖେଳନା କମ୍ପାନୀର ପଞ୍ଝାକୁ ଧୀରେ ଧୀରେ ମହେନ୍ଦ୍ରଗିରିର ଦୁର୍ଲ୍ଲଭ ଜୈବବିବିଧତା ଚାଲିଯିବ। ପରିଶେଷରେ ପୁଣି ଏକ 'ଚିପ୍‌କୋ ଆନ୍ଦୋଳନ' କିମ୍ବା 'ହିମାଳୟ ପରିବେଶ ବଞ୍ଚାଅ ଆନ୍ଦୋଳନ' ଭଳି 'ମହେନ୍ଦ୍ରଗିରି ବଞ୍ଚାଅ ଆନ୍ଦୋଳନ' ଜନ୍ମ ନେବ। କିନ୍ତୁ ସେଥିପାଇଁ ଜନସଚେତନତା ସୃଷ୍ଟି, ଏକତା ଓ ସ୍ୱର ଉତ୍ତୋଳନ ପୂର୍ବରୁ କେତେବେଳେ ଯେ ପ୍ରତିପତ୍ତିଶାଳୀ ଶିଳ୍ପୋଦ୍ୟୋଗୀଙ୍କ ହାତକୁ ଓଡ଼ିଶାର ଏହି ବିଶ୍ୱପ୍ରସିଦ୍ଧ ବିରଳ ଜୈବମଣ୍ଡଳ ଚାଲି ନ ଯିବ କିଏ କହିବ?

ଆମ ମତରେ ପର୍ଯ୍ୟଟନ ଶିଳ୍ପ ସ୍ୱାଗତଯୋଗ୍ୟ। କିନ୍ତୁ ତା'ପାଇଁ ଜୈବବିବିଧତାର ମୌଳିକତା କୌଣସି ମୂଲ୍ୟରେ କ୍ଷୁଣ୍ଣ ହେବା ଅନୁଚିତ। ଏଥିସହିତ ଐତିହ୍ୟର ପ୍ରାଚୀନତା ମଧ୍ୟ ଅକ୍ଷୁଣ୍ଣ ରହିବା ବିଧେୟ। ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ଏଦିଗରେ ପରିବେଶ କର୍ମୀ ଓ ସ୍ଥାନୀୟ ଅଧିବାସୀ ଜାଗ୍ରତ ହେବା ଆବଶ୍ୟକ। ପ୍ରକଳ୍ପ କାର୍ଯ୍ୟାରମ୍ଭ ପୂର୍ବରୁ ବ୍ୟାପକ ବିଚାରବିମର୍ଶ ହୋଇ ଓଡ଼ିଶାର ବୁଦ୍ଧିଜୀବୀ ଓ ପରିବେଶକର୍ମୀଙ୍କ ମତାମତକୁ ବିଶ୍ୱାସକୁ ନିଆଯିବା ଉଚିତ ହେବ। ଅପରିମାଣଦର୍ଶୀ ନିଷ୍ପତ୍ତି ଯୋଗୁଁ ଯଦି ଐତିହାସିକ ପୌରାଣିକ କୀର୍ତ୍ତିରାଜି ବିମଣ୍ଡିତ ମହେନ୍ଦ୍ରଗିରି ଶ୍ରୀହୀନ ହୋଇପଡ଼େ ତେବେ ଇତିହାସ କ୍ଷମା ଦେବ ନାହିଁ। ଉଜୁଡ଼ିବା ପରେ ହୃତଗୌରବର ପୁନରୁଦ୍ଧାର ପୂର୍ବରୁ ତାହାର ସୁରକ୍ଷା ସର୍ବୋପରି। ଆଶା ଆମ ଶାସନ-ପ୍ରଶାସନ-ସମାଜିକ ବ୍ୟବସ୍ଥାର ସବୁସ୍ତର ଏହାକୁ ଉପଲବ୍ଧି କରି ବିହିତ ପଦକ୍ଷେପ ନେବେ। ●

# ବହି ଧରି ପରୀକ୍ଷା: ଏକ ଅନାବଶ୍ୟକ ପ୍ରୟାସ

**ସତ୍ୟକାମ ମିଶ୍ର**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଚଳିତ ବର୍ଷ ନଭେମ୍ବର ମାସରୁ ୯ମ ଶ୍ରେଣୀରେ ବହି ଧରି ପରୀକ୍ଷା ଦେବା ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ ପ୍ରବର୍ତ୍ତନ କରିବାକୁ ଘୋଷଣା କରିଛନ୍ତି। ୨୦୧୪ ମସିହାରେ ପରିଷଦ ଅନୁରୂପ ପଦକ୍ଷେପ ନେଇଥିଲେ। କିନ୍ତୁ ଶିକ୍ଷାଦାନ ଓ ଅଧ୍ୟୟନ କ୍ଷେତ୍ରରେ ଏହି ବ୍ୟବସ୍ଥାର କୌଣସି ସକାରାତ୍ମକ ପ୍ରଭାବ ଅନୁଭୂତ ନହେବା କାରଣରୁ ତାହାକୁ ବାତିଲ କରି ଦିଆଯାଇଥିଲା। ଅତୀତରେ ଅସଫଳ ହୋଇଥିବା ଏହି ବ୍ୟବସ୍ଥାକୁ ନୂଆ ଶିକ୍ଷାନୀତିର ଦ୍ୱାହି ଦେଇ ପୁନଶ୍ଚ ପ୍ରଚଳନ କରିବା ଉଦ୍ୟମରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଆମେ ଇତିହାସ ଓ ଅନୁଭୂତିରୁ କିଛି ଶିକ୍ଷା ଲାଭ କରୁନାହୁଁ।

ଓଡ଼ିଆରେ ଗୋଟିଏ ରୂଢ଼ି ଅଛି, 'ଖଡ଼ା ବଡ଼ି ଥୋଡ଼ା, ଥୋଡ଼ା ବଡ଼ି ଖଡ଼ା'। ଏହି ଉକ୍ତିର ଅର୍ଥ ହେଲା, କୌଣସି ନବସୃଜନ ପରିବର୍ତ୍ତେ ଗୋଟିଏ ପୁରୁଣା ବା ପ୍ରଚଳିତ ବ୍ୟବସ୍ଥାକୁ ନୂଆ ନାଁ ଦେଇ ଉପସ୍ଥାପନ କରିବା। ମୌଳିକ ଉପାଦାନରେ କୌଣସି ପରିବର୍ତ୍ତନ ନକରି କେବଳ ନୂଆ ଢଙ୍ଗରେ ତା'କୁ ପ୍ରକାଶ କରିବା। ସୀମିତ ଚିନ୍ତନ ଶକ୍ତି ଓ ସ୍ୱଳ୍ପ ଅନୁଭବ ସମ୍ପନ୍ନ ନୀତି ନିର୍ଦ୍ଧାରକମାନେ ନିଜର ଉପସ୍ଥିତି ଜାହିର କରିବା ପାଇଁ ଏଭଳି କାର୍ଯ୍ୟ ମାଧ୍ୟମରେ ଲୋକମାନଙ୍କୁ ପ୍ରତାରିତ କରନ୍ତି। ସଂସ୍କାର ଆଳରେ ସମୟ ପରୀକ୍ଷିତ ବ୍ୟବସ୍ଥାରେ ଅନାବଶ୍ୟକ ପରିବର୍ତ୍ତନ କରି ବ୍ୟବସ୍ଥାର ସନ୍ତୁଳନକୁ ନଷ୍ଟ କରନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ପୁସ୍ତକ ଦେଖି ପରୀକ୍ଷା ଦେବା ବ୍ୟବସ୍ଥାର ପୁନଃ ପରୀକ୍ଷଣ ଏହିଭଳି ଏକ ଅବାଞ୍ଛିତ ଉଦ୍ୟମ ଭଳି ପ୍ରତୀୟମାନ ହୁଏ।

ସ୍ୱାଧୀନତା ପରେ ଶିକ୍ଷାବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଭାରତ ସରକାର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ତତ୍କାଳୀନ ଅଧ୍ୟକ୍ଷ ଦୌଲତ ସିଂ କୋଠାରୀଙ୍କ ଅଧ୍ୟକ୍ଷତାରେ ୧୯୬୪ ମସିହାରେ ଏକ ଜାତୀୟ ଶିକ୍ଷା ଆୟୋଗ ଗଠନ କରିଥିଲେ, ଯାହାକି 'କୋଠାରୀ କମିସନ' ନାମରେ ଖ୍ୟାତ। ଏହି ଆୟୋଗ ଦେଶରେ ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର ଓ ସମ୍ଭାବନାକୁ ଦୃଷ୍ଟିରେ ରଖି ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଯେଉଁ ଜାତୀୟ ଶିକ୍ଷା ନୀତିଗୁଡ଼ିକ ଅନୁସୃତ ହୋଇଥିଲା ସେ ସମସ୍ତ ନୀତି, ଏପରିକି ୨୦୨୦ର ନୂତନ ଶିକ୍ଷାନୀତି ମଧ୍ୟ କୋଠାରୀ କମିସନଙ୍କ ଅନୁମୋଦନଗୁଡ଼ିକୁ କେବଳ ଭିନ୍ନ ଶବ୍ଦ ଓ ଢଙ୍ଗରେ ପ୍ରକାଶ କରିଛନ୍ତି।

ଶିକ୍ଷା ହେଉଛି ଏକମାତ୍ର କ୍ଷେତ୍ର, ଯେଉଁଠି ନିର୍ବିଚାର ଭାବେ ପରୀକ୍ଷା ନିରୀକ୍ଷା ଚାଲିଥାଏ। ସରକାରୀ ବିଦ୍ୟାଳୟଗୁଡ଼ିକରେ ସବୁପ୍ରକାରର ପ୍ରୟୋଗ କରାଯାଇ ନିରନ୍ତର ଶିକ୍ଷାଦାନରେ ବାଧା ସୃଷ୍ଟି ହୁଏ। ଅପରପକ୍ଷରେ ବିତ୍ତଶାଳୀ ଘରୋଇ ବିଦ୍ୟାଳୟଗୁଡ଼ିକରେ ନିଜସ୍ୱ ଶିକ୍ଷାଦାନ ପ୍ରଣାଳୀ ଅନୁସରଣ କରିବାର ସ୍ୱାଧୀନତା ଥାଏ। ସମାଜର ପରିସ୍ଥିତି, ଲୋକମାନଙ୍କର ଆର୍ଥିକ ଅବସ୍ଥା, ନିଯୁକ୍ତି ବଜାରରେ ମାନବ ସମ୍ବଳର ଚାହିଦା ପ୍ରଭୃତିକୁ ଅଣଦେଖା କରି ଅନ୍ୟ ଦେଶରେ ଅନୁସୃତ ବ୍ୟବସ୍ଥାରେ ଅନୁପ୍ରାଣିତ ହୋଇ ଆମେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରିବା ଫଳରେ ଭୟାନକ ପରିସ୍ଥିତି ଉପୁଜିଥାଏ। ଆମେରିକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଅନୁକରଣ କରି ଶିକ୍ଷା ଅଧିକାର ଆଇନ୍ କରାଗଲା। ପ୍ରାଥମିକସ୍ତରରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନଙ୍କୁ ମାଧ୍ୟମିକ ପାଠ୍ୟକ୍ରମ ସହିତ ପରିଚିତ କରାଇବା ପାଇଁ ଆଗରୁ ମାଧ୍ୟମିକ ଶିକ୍ଷା ସହିତ ଥିବା ଅଷ୍ଟମ ଶ୍ରେଣୀକୁ ପ୍ରାଥମିକ ସ୍ତରରେ ସାମିଲ କରାଗଲା। ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନେ ସେମାନଙ୍କୁ ପଢ଼ାଇବାର ସୁଯୋଗ ରହିଲାନି। ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ମିଶିଲା; କିନ୍ତୁ ପଢ଼ାଇବା ପାଇଁ ଶିକ୍ଷକ ମିଳିଲେନି। ପାସ୍ ଫେଲ୍ ବ୍ୟବସ୍ଥା ଉଚ୍ଛେଦ ହୋଇଗଲା। ଫଳସ୍ୱରୂପ ମାଧ୍ୟମିକସ୍ତରରେ ପାଠ୍ୟକ୍ରମ ସହିତ ନିଜକୁ ଖାପଖୁଆଇ ନପାରି ବହୁ ପିଲା ସ୍କୁଲ ଛାଡୁଛନ୍ତି। ଏବେ ପୁନଶ୍ଚ ୫ମ ଓ ୮ମ ଶ୍ରେଣୀରେ ପରୀକ୍ଷା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ପରୀକ୍ଷାର ରୂପରେଖ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନି। ପୁନଶ୍ଚ ନବମ ଶ୍ରେଣୀରେ ବହି ଧରି ପରୀକ୍ଷା ଦେବା କଥା ଉଠିଲାଣି।

ପୁସ୍ତକର ସାହାଯ୍ୟ ନେଇ ପରୀକ୍ଷା ଦେବା ପ୍ରଣାଳୀ ସପକ୍ଷରେ ବିଭିନ୍ନ ଯୁକ୍ତି ଅଛି। ଏଭଳି ବ୍ୟବସ୍ଥା ଯୋଗୁଁ ପିଲାମାନଙ୍କୁ ପ୍ରତ୍ୟେକ ଧାରଣା ଓ ତତ୍ତ୍ୱକୁ ଠିକ୍ ଭାବେ ବୁଝି ହୃଦୟଙ୍ଗମ କରିବାକୁ ପଡ଼ିବ। ପାଠକୁ ଘୋଷି ମନେରଖିବାକୁ ପଡ଼ିବ ନାହିଁ। ଫଳରେ ପରୀକ୍ଷାର ଚାପ ଓ ଭୟ ହ୍ରାସ ପାଇ ସେମାନଙ୍କର ସୃଜନଶୀଳତାର ବିକାଶ ହେବ। ପାଠ୍ୟପୁସ୍ତକରେ ସନ୍ନିବେଶିତ ପ୍ରତ୍ୟେକ ସୂଚନାକୁ ସେମାନେ ମନେରଖିବା ଆବଶ୍ୟକ ହେବ ନାହିଁ। ଏହାବ୍ୟତୀତ ପୁସ୍ତକ ଦେଖି ସୀମିତ ସମୟ ସୀମା ଭିତରେ ଉତ୍ତର ଲେଖିବାର କଳା ବା ସମୟ ପରିଚାଳନା ବିଷୟରେ ସେମାନେ ସଚେତନ ହେବେ। ଏହି ପ୍ରଣାଳୀରେ ପରୀକ୍ଷା କରିବା ଦ୍ୱାରା ସେମାନଙ୍କର ବିଷୟବସ୍ତୁକୁ ବ୍ୟାଖ୍ୟା କରିବା ଶକ୍ତି ତଥା ବୋଧଗମ୍ୟତା, ପ୍ରୟୋଗାତ୍ମକ ଓ ସମସ୍ୟା ସମାଧାନ କରିବା ଦକ୍ଷତାର ବିକାଶ ହେବ। ଏହିଭଳି ବହୁତ ଯୁକ୍ତିର ଆଧାରରେ ଏହି ବ୍ୟବସ୍ଥାର ସମର୍ଥକମାନେ ପରୀକ୍ଷାରେ ପୁସ୍ତକ ବ୍ୟବହାର ପାଇଁ ଅନୁମୋଦନ କରିଥା'ନ୍ତି। ଉଚ୍ଚଶିକ୍ଷା, ବିଶେଷକରି ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ, ଏହା ପ୍ରଚଳନ କରିବା ସହଜ ଓ ବାଞ୍ଛନୀୟ ମଧ୍ୟ। କିନ୍ତୁ ବାସ୍ତବିକ ପରିସ୍ଥିତିକୁ ବିଚାରକୁ ନେଲେ ମାଧ୍ୟମିକ ସ୍ତରରେ ଏହି ପ୍ରଣାଳୀର ସଫଳ ପ୍ରୟୋଗ ସମ୍ଭବ ହେବ ନାହିଁ।

ବିଦ୍ୟାଳୟସ୍ତରରେ ଶିକ୍ଷାଦାନ ଓ ଅଧ୍ୟୟନ ପ୍ରଣାଳୀରେ ଆବଶ୍ୟକୀୟ ପରିବର୍ତ୍ତନ ନକରି ପୁସ୍ତକ ଦେଖି ପରୀକ୍ଷା ଦେବା ବ୍ୟବସ୍ଥା ପ୍ରଚଳନ କରିବା ସମ୍ଭବ ନୁହେଁ। ବିଶେଷକରି ବିଦ୍ୟାଳୟସ୍ତରରେ ପଢ଼ାଯାଉଥିବା ସମସ୍ତ ବିଷୟରେ ଏଭଳି ପରୀକ୍ଷା କରାଯାଇ ପାରିବ ନାହିଁ। ତାହାର କାରଣ ହେଲା ଭାଷା ଓ ସାମାଜିକ ବିଜ୍ଞାନ ଭଳି ବିଷୟରେ ପ୍ରଶ୍ନଗୁଡ଼ିକ ଜ୍ଞାନଭିତ୍ତିକ ହେବା ଆବଶ୍ୟକ। ଏହି ବିଷୟଗୁଡ଼ିକରେ ସମ୍ପୂର୍ଣ୍ଣ ଭାବେ ପ୍ରୟୋଗଭିତ୍ତିକ ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ବିଜ୍ଞାନ ଓ ଗଣିତ କ୍ଷେତ୍ରରେ ଏଭଳି ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ହୋଇପାରେ। ଦ୍ୱିତୀୟରେ ଏହିସ୍ତରରେ ଭାଷା ଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଏ। ବିଶେଷକରି ମାତୃଭାଷା ଓ ଇଂରାଜୀ ଭାଷାରେ ଦକ୍ଷତା ପିଲାମାନଙ୍କୁ ଉଚ୍ଚଶିକ୍ଷା, ଗବେଷଣା ଓ ଜୀବନବ୍ୟାପୀ ଶିକ୍ଷାଲାଭ କରିବାରେ ସହାୟକ ହୁଏ। ଏ ଭଳି ପରୀକ୍ଷା ଦ୍ୱାରା ମେଧାବୀ ତଥା ସଚେତନ ବିଦ୍ୟାର୍ଥୀମାନଙ୍କ କ୍ଷେତ୍ରରେ ଭାଷା ଜ୍ଞାନ ଆହରଣ କରିବା ପ୍ରଭାବିତ ହୋଇ ନ ପାରେ। କିନ୍ତୁ ସାଧାରଣ ବିଦ୍ୟାର୍ଥୀମାନେ ପୁସ୍ତକ ଉପରେ ନିର୍ଭରଶୀଳ ହୋଇ ଭାଷା ଶିକ୍ଷାକୁ ଅବହେଳା କରିବାର ଆଶଙ୍କା ରହିଛି।

ଏହାବ୍ୟତୀତ ଏଇ ପ୍ରଣାଳୀରେ ପରୀକ୍ଷା କରିବା ପାଇଁ ପାଠ୍ୟପୁସ୍ତକ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେବା ଆବଶ୍ୟକ। ଗୋଟିଏ ଶ୍ରେଣୀର ସୀମିତ ପାଠ୍ୟକ୍ରମ ମଧ୍ୟରୁ ପ୍ରତିବର୍ଷ ଭିନ୍ନ ଭିନ୍ନ ପ୍ରୟୋଗଭିତ୍ତିକ ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ତେଣୁ ଏକା ପ୍ରଶ୍ନକୁ ବାରମ୍ବାର ପଚାରିବାର ସମ୍ଭାବନା ମଧ୍ୟ ଅଛି। ଏହାବ୍ୟତୀତ ଶିକ୍ଷାଦାନ ପ୍ରଣାଳୀରେ ମଧ୍ୟ ପରିବର୍ତ୍ତନ ଆବଶ୍ୟକ। ପୁସ୍ତକରେ ଥିବା ତତ୍ତ୍ୱକୁ ବ୍ୟାଖ୍ୟା କରିବା ଏବଂ ବାସ୍ତବ ଜୀବନରେ ସମସ୍ୟା ସମାଧାନରେ ତାହାର ପ୍ରୟୋଗ ବିଷୟରେ ଶ୍ରେଣୀଗୃହରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ, ଯାହା କି ସାଧାରଣ ଭାବେ ହୁଏ ନାହିଁ। ଏଥିପାଇଁ ଶିକ୍ଷକମାନଙ୍କୁ ବିଶେଷ ତାଲିମ ଦେବାର ଆବଶ୍ୟକତା ଅଛି।

ଖବର ମିଳୁଛି ଯେ ପରୀକ୍ଷାମୂଳକ ଭାବେ ଏହି ପରୀକ୍ଷା କରିବା ପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର ପ୍ରସ୍ତୁତ କରିବ। ତେଣୁ ଶିକ୍ଷାଦାନ ଓ ମୂଲ୍ୟାୟନ ଭିତରେ ସମନ୍ୱୟର ଅଭାବ ସୃଷ୍ଟି ହୋଇପାରେ। ଯେଉଁ ବ୍ୟବସ୍ଥା ଥରେ ଅସଫଳ ହୋଇଛି, ପୁନଶ୍ଚ ସେହି ବ୍ୟବସ୍ଥାକୁ ଶିକ୍ଷାଦାନ, ଅଧ୍ୟୟନ ଓ ପାଠ୍ୟପୁସ୍ତକରେ ଆନୁସଙ୍ଗିକ ସଂସ୍କାର ନକରି ପୁନଶ୍ଚ ପ୍ରଚଳନ କରିବାର ପ୍ରୟାସ ଆଦୌ ଗ୍ରହଣୀୟ ନୁହେଁ। ●

କଟକ, ମୋ: ୯୪୩୭୨୭୭୩୧୩

# ମାଟି-ମଣିଷର କଥା ଓ ବ୍ୟଥା

**ସୁଶାନ୍ତ କୁମାର ମିଶ୍ର**



'ଶରୀର ମାଦ୍ୟଂ ଖଳୁ ଧର୍ମ ସାଧନମ୍'। ଶରୀର ରକ୍ଷା ପାଇଁ ଅନ୍ନର ଉପଯୋଗିତା ଅପରିହାର୍ଯ୍ୟ। ବେଦ, ଉପନିଷଦ, ପୁରାଣ, ସାହିତ୍ୟ ଆଦି ଭାରତୀୟ ସଂସ୍କୃତିରେ କୃଷିପର୍ବର ମହିମା ଗାନ କରାଯାଇଛି। ଖ୍ରୀଷ୍ଟପୂର୍ବ ୨୯ରେ ଲାଟିନ୍ କବି ଭର୍ଜିଲ୍ ବିଶ୍ୱପ୍ରସିଦ୍ଧ 'ଜର୍ଜିକସ୍' କାବ୍ୟ ରଚନା କଲେ। କୃଷିରେ ଶ୍ରମର ମହିମାକୁ କହିବା ଆଳରେ ସେ କୃଷକ ଓ କୃଷି ସହିତ ମହୁମାଛି ଓ ମହୁଫେଣାକୁ ତୁଳନା କରିଛନ୍ତି। କଷ୍ଟ ସ୍ୱୀକାର କରି ଏ ଗଛରୁ ସେ ଗଛକୁ ଉଡ଼ିବୁଲି ମହୁମାଛି ମହୁ ସଂଗ୍ରହ କରି ସାଇତି ରଖିଥିବା ମହୁଫେଣାକୁ ଭାଙ୍ଗିଦେବା ପରେ ମଧ୍ୟ ମହୁମାଛି ନିଜ କାମରୁ ନିବୃତ ନ ହୋଇ ଅନ୍ୟସ୍ଥାନରେ ପୁଣି ମହୁଫେଣା ସୃଷ୍ଟି କରିଥାଏ। ସେହିଭଳି ଦୈବୀ ଦୁର୍ବିପାକରେ ବହୁଶ୍ରମ ଓ କଷ୍ଟାର୍ଜିତ ଫସଲ ନଷ୍ଟ ହୋଇଗଲେ ମଧ୍ୟ କୃଷକ ଧୈର୍ଯ୍ୟହରା ନ ହୋଇ ପୁଣି ସୁନାର ଫସଲ ସ୍ୱପ୍ନକୁ ସାକାର କରିବାକୁ ଖରାବର୍ଷାଶୀତରେ ବାହାରିପଡ଼େ।

ଗରିବ କୃଷକର ସ୍ୱପ୍ନ ଭାଙ୍ଗୁଥିବା ବ୍ୟବସ୍ଥା ପ୍ରତି ସର୍ବଦା ସାହିତ୍ୟରେ ସ୍ୱର ଉତ୍ତୋଳନ ହୋଇଛି। ପ୍ରଖ୍ୟାତ ଲେଖକ ଲିଓ ଟଲଷ୍ଟୟ କହିଛନ୍ତି ଯେ ସଂଭ୍ରାନ୍ତ ଗୋଷ୍ଠୀ ଗରିବ ଉପରେ ସର୍ବଦା ବୋଝ। ରୁଷର କୃଷି ଦାର୍ଶନିକ ଟିଏମ୍ ବୋଣ୍ଡାରେଫଙ୍କ ପ୍ରଣୀତ 'ରୋଟି ଓ ପରିଶ୍ରମ' ନୀତି କହୁଛି ଯେ ସମସ୍ତ ମଣିଷ ନିଜ ପରିଶ୍ରମରେ ହିଁ ଖାଦ୍ୟ ଉତ୍ପାଦନ କରିବା ଆବଶ୍ୟକ। ଏହାକୁ ଟଲଷ୍ଟୟ ଗ୍ରହଣ କରିଛନ୍ତି ଏବଂ ଟଲଷ୍ଟୟଙ୍କ ଦର୍ଶନରେ ପ୍ରଭାବିତ ହୋଇଛନ୍ତି ମହାତ୍ମା ଗାନ୍ଧୀ। ସବୁପ୍ରକାର ପରିଶ୍ରମକୁ ମର୍ଯ୍ୟାଦା ଦେବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। କୃଷକଙ୍କୁ ନ୍ୟାୟ ଦେବାକୁ ତାଙ୍କ ଚମ୍ପାରଣ ଆନ୍ଦୋଳନ ଜ୍ୱଳନ୍ତ ଉଦାହରଣ। ମାଟିର ମଣିଷ ପାଖରେ ହିଁ ଭଗବାନଙ୍କ ଉପଲବ୍ଧି ହୋଇଥାଏ ବୋଲି ବିଶ୍ୱକବି ରବୀନ୍ଦ୍ରନାଥ ଟେଗୋରଙ୍କ ସମେତ ମହାନ କବି ଓ ଦାର୍ଶନିକମାନେ ଗୁରୁତ୍ୱ ଆରୋପ କରିଛନ୍ତି। ଯେଉଁଠି ଅନ୍ନ ସେଠାରେ ହିଁ ବିଷ୍ଣୁ ଓ ଲକ୍ଷ୍ମୀଙ୍କ ନିବାସ ବୋଲି କୃଷକ ସଂଗୀତରେ କହୁଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେର। ଉପନିଷଦରେ ବି କୁହାଯାଉଛି- ଅଦ୍ୟତୋଽତି ଚ ଭୁତାନି ତସ୍ମାଦନ୍ନ ତଦୁଚ୍ୟତେ। ଅହମନ୍ନ ମହମନ୍ନ ମହମନ୍ନମ୍॥ ଅର୍ଥାତ ଈଶ୍ୱର ହିଁ ଅନ୍ନ। ତେଣୁ ଅନ୍ନକୁ ଉତ୍ପାଦନ କରୁଥିବା ମାଟିର ମଣିଷ ପାଖରେ ଭଗବାନଙ୍କୁ ଉପଲବ୍ଧି କରାଯାଇପାରିବ।

ସମାଜର ପୂଜ୍ୟପୂଜା ଧାରାରେ ମାଟିର ମଣିଷକୁ ସାମିଲ କରିବାର ଦୃଶ୍ୟ ବିରଳ। ବରଂ ସେ ଅନ୍ୟକୁ ସର୍ବଦା ଶ୍ରଦ୍ଧା ଓ ସମ୍ମାନ କରିଥାଏ। ଚାଷୀଟିଏର ପ୍ରତିଛବି ଚିନ୍ତାକଲେ ମଳିମୁଣ୍ଡିଆ, ଅପାଠୁଆ, ଗରୀବ ଭଳି ଚିତ୍ରଟିଏ ଭାସିଆସେ ମନ ଭିତରେ। 'ଚାଷକାମ ଯାହାର କେଡେ ସୁଖ ତାହାର' ଭଳି ପଂକ୍ତିକୁ ପାଥେୟ କରି ସିଏ ସବୁ ଦୁଃଖକୁ ସୁଖରେ ପରିଣତ କରିଥାଏ। ଦୁଃଖ ଅଭାବରେ କାଳାତିପାତ କରୁଥିଲେ ସୁଦ୍ଧା ଚାଷୀ କୌଣସି ପ୍ରତିକ୍ରିୟା ରଖେନାହିଁ। ବରଂ ଛାତିକୁ ପଥର କରି ସବୁ କଷଣକୁ ସୁଖ ବୋଲି ଉପଲବ୍ଧି କରେ। ଚାଷୀ କୌଣସି ଦାର୍ଶନିକଠାରୁ କମ ନୁହେଁ। ଚାଷୀ ସମାଜ ମୁହଁରେ ଅନ୍ନ ଦେଇ କେବଳ ହସ ଫୁଟାଇ ନଥାଏ, ସର୍ବଦା ସମାଜର ମଙ୍ଗଳ ଚିନ୍ତା କରିଥାଏ। ପୂଜ୍ୟପୂଜା, ସାମାଜିକ ସଂହତି, ଭ୍ରାତୃତ୍ୱ ଭାବର ପରିକଳ୍ପନା କରେ। ଲଙ୍ଗଳ ଜୁଆଳି, ହଳ ବଳଦ, ଖେତ ଖଳା, ପିତୃପୁରୁଷ, ଇଷ୍ଟ ଦେବତା, ଗୁରୁଜନ ସମସ୍ତଙ୍କ ଠାରେ ମୁଣ୍ଡ ନୁଆଁଏ। ସ୍ନେହ, ସରାଗ, ଆବେଗର ଗ୍ରାମୀଣ ଚିତ୍ର ତିଆରି କରେ। ରାଜସିଂହାସନ ଅଥବା କ୍ଷମତାର ମୋହ ବି ଭାତୃପ୍ରେମରେ ଅନ୍ତରାୟ ସୃଷ୍ଟି କରିପାରି ନାହିଁ।

ଏବେ କିନ୍ତୁ ବିଭିନ୍ନ ବାହ୍ୟ କାରକ, ଅପରିପକ୍ୱ ବ୍ୟବସ୍ଥା ଚାଷୀର ସ୍ୱପ୍ନକୁ ଭାଙ୍ଗିଦେଉଛି। କିନ୍ତୁ ସବୁ ସ୍ଥିତିରେ ଧୈର୍ଯ୍ୟ ଧରେ କୃଷକ। ଶତ୍ରୁ ମିତ୍ର ସମସ୍ତେ ତା' ଆଗରେ ସମାନ। ସାମ୍ୟବାଦର ସ୍ୱର ଭାସିଉଠେ ତା' କର୍ମରେ। ତେଣୁ ଚାଷୀର ମାନସିକତାକୁ ବୁଝିବାର ସମୟ ଆସିଛି। ସୁନ୍ଦର ଫୁଲ ଓ ଡାଳକୁ ମୋଡ଼ି ମକଚି ଫୁଲ ଡାଲି ଭର୍ତ୍ତି ହୋଇଥାଏ। କିନ୍ତୁ ଭାଙ୍ଗିଯାଉଥିବା ଗଛକୁ ଯତ୍ନକରି ଜୀବନ୍ୟାସ ଦେଇଥାଏ ମାଳି। ତେଣୁ ଡାଲି ନୁହେଁ ବରଂ ମାଳିଟିଏ ଭଳି କୃଷକର ମାନସିକତା। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ରଚିତ 'କୃଷକର ଆତ୍ମକଥା'ରେ କୃଷକ କହୁଛି ଯେ- 'ରାତିରେ ମୋ ହାତରେ କଲମ, ଦିବସେ କୋଡ଼ି ବାଡ଼ି ହେ।' ଅର୍ଥାତ କର୍ମ ଜ୍ଞାନାଲୋକରେ ଆଲୋକିତ ଓ ଜ୍ଞାନ ମଧ୍ୟ କର୍ମାଭିମୁଖୀ ହେବା ଆବଶ୍ୟକ।

ଚାଷ କୃଷକ ହାତରୁ କର୍ପୋରେଟ ହାତକୁ ଉତ୍ତରିତ ହେଉଥିବାର ଭୟଙ୍କର ବିପଦ ଘନେଇ ଆସୁଛି। ବୈଶାଖର ଖରା, ଶ୍ରାବଣର ମୂଷଳଧାରା ଆଉ ମାଘର ହାଡ଼ଭଙ୍ଗା ଶୀତରେ ରକ୍ତକୁ ପାଣି ଫଟେଇ କୃଷକ ଧାନ ମୁଠାଏ ପାଇଥାଏ। ଧାନ ମୁଠାଏରୁ ତିଆରି ହୁଏ ଚାଷୀର ବାର୍ଷିକ ବଜେଟ୍। ଯେଉଁ ଧାନ ପାଇଁ ସମଗ୍ର ବିଶ୍ୱବାସୀ ଖାଇବାକୁ ପାଆନ୍ତି। କିନ୍ତୁ ଆଜି ସେହି ଧାନ ମୁଠାକ ପାଇଁ କୃଷକ ସଂଘର୍ଷ କରୁଛି। ବିସ୍ଥାପିତ ହେଉଛି କଳା କାଦୁଅରୁ କଳା ରାସ୍ତାକୁ। ବଦଳୁଛି ଜୀବନ୍ତ ସଂସ୍କୃତି। ପରିବର୍ତ୍ତନ ହେଉଛି ପେଟପାଟଣାର ଚିତ୍ର। ମାଟିର କଥା ଚିନ୍ତା କରୁଥିବା ମାଟିର ମଣିଷର କଥା ଆମେ ସମସ୍ତେ ଚିନ୍ତା କରିବାର ସମୟର ଆହ୍ୱାନ। ●

ତାଳପଦର(ବରଗଡ଼), ମୋ: ୯୯୩୮୨୭୭୬୩୫

# ଆମ ବୃକ୍ଷଲତା ଆମ ଜୀବନ

**ବାଇଡଙ୍କ**

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

ବାଇଡଙ୍କ ଏକ ଲତା ଜାତୀୟ ଉଦ୍ଭିଦ, ଯାହା ସାରା ଭାରତରେ ବଢ଼ିଥାଏ ଏବଂ ଏହା ଆଫ୍ରିକା, ଏସିଆ, ଆମେରିକା, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜର କିଛିଅଞ୍ଚଳ ସମେତ ଉଷ୍ଣମଣ୍ଡଳୀୟ ଓ ଉପଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବ୍ୟାପକ ଭାବରେ ବିସ୍ତାରିତ ହୋଇଥାଏ। ଏହି ଲତାର ସଂସ୍ପର୍ଶରେ ଆସିଲେ ଅତ୍ୟଧିକ କୁଣ୍ଡାଇ ହେବା ହେତୁ ଏହା କୁଖ୍ୟାତି ଅର୍ଜନ କରିଥାଏ; କିନ୍ତୁ ଏହାର ଔଷଧୀୟ ଗୁରୁତ୍ୱ ଅଧିକ।

ଏହା ଏକବାର୍ଷିକ ଶକ୍ତିଶାଳୀ ଗୁଳ୍ମ ଲତା, ଯାହା ୧୫ ମିଟରରୁ ଅଧିକ ଲମ୍ବ ହୋଇପାରେ। ଶୈଶବ ଅବସ୍ଥାରେ ଲତାଟି ମାରାତ୍ମକ ଲୋମ ଦ୍ୱାରା ଆଚ୍ଛାଦିତ ହୋଇଥାଏ। ବଡ଼ ହେବା ପରେ ଲୋମମୁକ୍ତ ହୋଇଯାଏ। ପତ୍ରଗୁଡ଼ିକ ତିନୋଟି ଅଂଶ ସହିତ ଯୌଗିକ ଓ ତ୍ରିକୋଣୀୟ। ପତ୍ରର ପାର୍ଶ୍ୱଗୁଡ଼ିକ ପ୍ରାୟତଃ ବହୁତ ଖାଞ୍ଜିତ ଓ ଅଗ୍ରଭାଗ ସୂକ୍ଷ୍ମ। ଫଳଗୁଡ଼ିକ ଦେଖିବାକୁ ଶିମ୍ବ, ମଟର ବା ଛୋଟ ବିନ ଭଳି। ଫୁଲଗୁଡ଼ିକ ସୁନ୍ଦର ଧଳା କିମ୍ବା ବାଇଗଣୀ ରଙ୍ଗ ହୋଇପାରେ। ଫଳ ପାଚିବା ଅବସ୍ଥାରେ ୪-୧୩ ସେମି ଲମ୍ବା, ୧-୨ ସେମି ଚଉଡ଼ା ଥାଏ। ଫଳଗୁଡ଼ିକ ପ୍ରାୟ ସାତଟି ପର୍ଯ୍ୟନ୍ତ ବିହନ ବହନ କରନ୍ତି, ଯାହା ଚକଚକିଆ କଳା କିମ୍ବା ମାଟିଆ।

ଆୟୁର୍ବେଦିକ ଔଷଧି ଜଗତରେ ହଜାର ହଜାର ବର୍ଷ ଧରି ବାଇଡଙ୍କ ସ୍ୱୀକୃତି ଅର୍ଜନ କରିଛି। ଏହା ତ୍ରିଦୋଷିକ ସନ୍ତୁଳନ ପାଇଁ ଉପଯୋଗୀ। ଏହାକୁ ସ୍ନାୟୁ ରୋଗ, ବନ୍ଧ୍ୟାତ୍ୱ, ପାଚନ ବିକାର, ରକ୍ତ ସର୍କରା, ସାପକାମୁଡ଼ା ଆଦିର ଚିକିତ୍ସା ପାଇଁ ପାରମ୍ପରିକ ଔଷଧ ଓ କାମୋଦ୍ଦୀପକ ଭାବରେ ବ୍ୟବହାର କରାଯାଏ। ବାଇଡଙ୍କରେ, ବିଶେଷକରି ଏହାର ବିହନରେ ଏଲ୍-ଡୋପା(ଖ- ଡୋପା-ଲେଭୋଡୋପା) ଉପାଦାନର ପରିମାଣ ଅପେକ୍ଷାକୃତ ଉଚ୍ଚସ୍ତର ଥାଏ। ଏଲ୍-ଡୋପା ହେଉଛି ନ୍ୟୁରୋଟ୍ରାନ୍ସମିଟର ଡୋପାମିନର ଏକ ଅତ୍ୟାବଶ୍ୟକୀୟ ଅଗ୍ରଦୂତ ବା ପୁରୋଗାମୀ। ମନୋଭାବକୁ ଉନ୍ନତ କରିବା ଓ ଭାବପ୍ରବଣତାକୁ ସ୍ଥିର ରଖିବାର କ୍ଷମତା ବାଇଡଙ୍କରେ ଅଛି। ଆୟୁର୍ବେଦ ଫାରମାସିରେ ବାଇଡଙ୍କ ଟାବଲେଟ୍, ପାଉଡର, ଟନିକ୍ ରୂପରେ ଉପଲବ୍ଧ। ତେବେ ଏଲ୍-ଡୋପା କିଛିଲୋକଙ୍କ କ୍ଷେତ୍ରରେ ସମ୍ବେଦନଶୀଳ, ବାନ୍ତି, କ୍ରାମ୍ପ ବା ମାଂସପେଶୀରେ ଆକସ୍ମିକ ଯନ୍ତ୍ରଣା, ମୁଣ୍ଡବିନ୍ଧା, ଗତି ବିକାର, ଥକ୍କାପଣ, କମ୍ପନ, ମୂର୍ଚ୍ଛା, ତୃଷା ଏବଂ ନିମ୍ନ ବା ସ୍ୱଳ୍ପ ରକ୍ତଚାପ ଭଳି ସମସ୍ୟା ସୃଷ୍ଟି କରିପାରେ। ଗର୍ଭାବସ୍ଥା ଓ ସ୍ତନ୍ୟପାନ ସମୟରେ ଏହାକୁ ସତର୍କତାର ସହିତ ବ୍ୟବହାର କରାଯିବା ଉଚିତ। ସାଇକୋଜେଫ୍ରେନିଆ, ଗ୍ଲୁକୋମା, ହୃଦସ୍ରାବ, ଦୀର୍ଘକାଳୀନ ସ୍ନାୟୁ ଯନ୍ତ୍ରଣା ଓ ପେଟ ଅଲସର ଏବଂ ଯଦି ଜଣାଶୁଣା ଆଲର୍ଜି ବା ପ୍ରତିକୂଳ ପ୍ରତିକ୍ରିୟା ଥାଏ ତେବେ ଏହାକୁ ଏଡ଼ାଇବା ଉଚିତ।

ଏବିଶ୍ୱର ଅନେକ ସ୍ଥାନରେ ବାଇଡଙ୍କକୁ ଏକ ଗୁରୁତ୍ୱପୂର୍ଣ୍ଣ ଗୋଖାଦ୍ୟ ଓ ସବୁଜ ସାର ଫସଲ ଭାବରେ ବ୍ୟବହାର କରାଯାଏ। ଏହା ଏକ ଡାଲିଜାତୀୟ ଲତା ହୋଇଥିବାରୁ ବହୁ ପରିମାଣ ପୁଷ୍ଟିକର ପ୍ରୋଟିନ ଥାଏ ଏବଂ ଯବକ୍ଷାରଯାନ ଯୋଗାଏ। ଏହାର ତଟକା କୋମଳ ଡାଳ ଓ ଫଳକୁ ରୋଷେଇ କରି ଖିଆଯାଏ। ହିମାଳୟ ଅଞ୍ଚଳରେ ବିହନଗୁଡ଼ିକୁ ସିଝାଇ ଖିଆଯାଏ। ଇଣ୍ଡୋନେସିଆରେ, ବିଶେଷକରି ଜାଭାରେ, ଏହାର ଫଳକୁ କିଣ୍ୱନ କରି ଖାଆନ୍ତି, ଯାହାକୁ କୁହାଯାଏ 'ବେଙ୍ଗୁକ୍'। ରାଜସ୍ଥାନ ଓ ଆଖପାଖରେ ବାଇଡଙ୍କ ଚାଷ କରାଯାଏ। ବର୍ଷା ଦ୍ୱାରା ଜମି ଓଦା ହେବା ପରେ ଜୁଲାଇ ମାସରେ ବିହନ ସିଧା କ୍ଷେତରେ ବୁଣାଯାଏ। ତା'ପରେ ଫସଲ ନଭେମ୍ବର କିମ୍ବା ଡିସେମ୍ବର ମାସନରେ ପରିପକ୍ୱ ଫଳ ଅମଳ କରାଯାଇ ଶୁଖାଇ ବ୍ୟବହାର ପାଇଁ ପାଉଡରରେ ପରିଣତ କରାଯାଏ। ଭାରତରେ ଏହାର ଏକ ଉନ୍ନତ ଧରଣର ବିହନ 'ଝଣ୍ଟୁ କାଞ୍ଚା' ଚାଷ କରାଯାଏ। ବାଇଡଙ୍କ ଫଳ ଏବଂ ବିହନ ଅମଳ ଏବଂ ପ୍ରକ୍ରିୟାକରଣ ଉଭୟ ସତର୍କତା ସାପେକ୍ଷ ଏବଂ ଶ୍ରମ ସାଧ୍ୟ। ବିହନ ପୋଡ଼ ବା ଫଳରେ ଥିବା କେଶରେ ସେରୋଟୋନିନ୍ ଓ ପ୍ରୋଟିନ୍ ମ୍ୟୁକୁନାଇନ୍ ଥାଏ, ଯାହା ଚର୍ମ ସଂସ୍ପର୍ଶରେ ଆସିଲେ ଗୁରୁତର କୁଣ୍ଡାଇ ହୁଏ। ତେଣୁ ନାଇଜେରିଆରେ ଏହାକୁ 'ଡେଭିଲ୍ ବିନ୍ସ୍' କୁହାଯାଏ। ବାଇଡଙ୍କକୁ ଇଂରାଜୀରେ କାଉହେଜ୍ ବା 'ଯାଦୁକରୀ ଭେଲଭେଟ୍ ବିନ୍' କୁହାଯାଏ। ସମସ୍ୟାପୂର୍ଣ୍ଣ ଡାବୁ ଛଣ ଘାସ ପାଇଁ ଜୈବିକ ନିୟନ୍ତ୍ରଣ ଭାବରେ ବେନିନ୍ ଓ ଭିଏତନାମରେ ବାଇଡଙ୍କର ବ୍ୟବହାର ହୋଇଥାଏ। ଦକ୍ଷିଣ ଫ୍ଲୋରିଡାରେ ଏହାକୁ ଆକ୍ରମଣାତ୍ମକ କୁହାଯାଏ। ତେଣୁ ଏହାକୁ 'ସ୍ଲିପର ୱିଡ' ଓ 'ଅନାବନା ଉଦ୍ଭିଦ' ଭାବରେ ଗ୍ଲୋବାଲ୍ କମ୍ପେଣ୍ଡିୟମ୍ ଅଫ୍ ୱାଇଡ୍ସରେ ତାଲିକାଭୁକ୍ତ କରାଯାଇଛି। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଗେଟ୍ ମାଧ୍ୟମରେ ଏଇଇ ପରୀକ୍ଷାକୁ ବିରୋଧ

## ଆବେଦନରୁ ବଞ୍ଚିତ ଗେଟ୍ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୩୧।୮ (ସମିସ): ରାଜ୍ୟରେ ଲକ୍ଷ ଲକ୍ଷ ଇଞ୍ଜିନିୟରିଂ ଡିଗ୍ରୀଧାରୀ ଥିଲେ ବି ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ପଦବୀ ପାଇଁ ଆବେଦନ କରିପାରୁନାହାନ୍ତି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି)ଠାରୁ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇ ଗେଟ୍ ମାଧ୍ୟମରେ ନିଯୁକ୍ତି ପରୀକ୍ଷା କରିବାକୁ ନିଷ୍ପତ୍ତି ନିଆଯିବା ପରେ ଏହି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏପରିକି, ଅନେକ ଇଞ୍ଜିନିୟରିଂ ପିଲା ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ତାହାର ଅବଧି ୩ ବର୍ଷ ଥିବାରୁ ଆବେଦନ କରିବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଗ୍ରାଜୁଏସନ୍ ଇଞ୍ଜିନିୟରିଂ ଷ୍ଟୁଡେଣ୍ଟସ୍ ୱେଲଫେୟାର୍ ଆସୋସିଏସନ୍ ପକ୍ଷରୁ ବିରୋଧ କରାଯିବା ସହ ଗେଟ୍ ବଦଳରେ ଓପିଏସ୍‌ସି ଦ୍ୱାରା ପରୀକ୍ଷା କରିବାକୁ ଦାବି କରାଯାଇଛି।

ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ପୂର୍ବରୁ ଏଇଇ ପଦରେ ନିଯୁକ୍ତି ପାଇଁ ଓପିଏସ୍‌ସି ପରୀକ୍ଷା ପରିଚାଳନା କରୁଥିଲା। ୨୦୨୧ ମସିହାରେ ଏହାକୁ ବଦଳାଇ ଓପିଏସ୍‌ସି ବଦଳରେ ଗେଟ୍ ଦ୍ୱାରା ପରୀକ୍ଷା କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ନିଯୁକ୍ତିରେ ଅଧିକ ସ୍ୱଚ୍ଛତା ପାଇଁ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ସରକାର ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ମଧ୍ୟ ଦାଖଲ କରିଛନ୍ତି। ଯାହାକୁ ନେଇ ଆଶାୟୀମାନେ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ କହିବା କଥା, ରାଜ୍ୟର ପ୍ରମୁଖ ନିଯୁକ୍ତି ପରୀକ୍ଷା ଓପିଏସ୍‌ସି ପରିଚାଳନା କରୁଥିବା ବେଳେ ଏହାର ସ୍ୱଚ୍ଛତା ପ୍ରତି ଖୋଦ୍ ସରକାର ପ୍ରଶ୍ନ ଉଠାଇବା ଚିନ୍ତାଜନକ। ପଞ୍ଚାୟତିରାଜ ବିଭାଗ ପରି ଏକାଧିକ ବିଭାଗର ଏଇଇ ପଦରେ ନିଯୁକ୍ତି ପାଇଁ ଓପିଏସସି ପରୀକ୍ଷା କରୁଥିବା ବେଳେ କେବଳ ଜଳ ସମ୍ପଦ ବିଭାଗ ଉଦ୍ଦେଶ୍ୟମୂଳକ

### ବିଧାନସଭାରେ ପ୍ରସଙ୍ଗ ଉଠାଇବା ପାଇଁ ବିଧାୟକଙ୍କୁ ଚିଠି ଲେଖାଯିବ

ଭାବେ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛି। ଏହାର ସମାଧାନ ରାସ୍ତା ସରକାର ବାହାର କରୁନଥିବା ସଂଗଠନର ଉପଦେଷ୍ଟା ବିଭୂତି ଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଜେଡି ସରକାର ଓପିଏସସି ବଦଳରେ ଗେଟ୍ ପରୀକ୍ଷା କରିବାକୁ ନିଷ୍ପତ୍ତି ନେବା ପରେ ଏହାକୁ ବିଜେପି ବ୍ୟାପକ ବିରୋଧ କରିଥିଲା। ଏପରିକି ବିଧାନସଭାରେ ଧ୍ୟାନ ଆକର୍ଷଣ (କଲିଂ ଆଟେନସନ୍) ନୋଟିସ୍ ମଧ୍ୟ ଆଣିଥିଲା। ଏବେ ସରକାରରେ ମନ୍ତ୍ରୀ ଥିବା ମୁକେଶ ମହାଲିଙ୍ଗ, ସୂର୍ଯ୍ୟବଂଶୀ ସୂରଜ, ଗଣେଶ ରାମସିଂ ଖୁଣ୍ଟିଆଙ୍କ ସମେତ ଏକାଧିକ ବିଧାୟକ ଦସ୍ତଖତ କରି ବାଚସ୍ପତିଙ୍କୁ ପ୍ରଦାନ କରିଥିଲେ। ହେଲେ ସରକାରକୁ ଆସିଲା ପରେ ସେମାନଙ୍କ ଆଭିମୁଖ୍ୟ ବଦଳିଗଲା। ଏବେ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ବିଜେପି ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆହୁରି ରୋଚକ କଥା ହେଲା, ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନେ ମଧ୍ୟ ଏଇଇ ପରୀକ୍ଷା ପାଇଁ ଆବେଦନ କରିପାରୁନାହାନ୍ତି। କାରଣ ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ୩ବର୍ଷ ମଧ୍ୟରେ ଏଇଇ ପରୀକ୍ଷା ହେବା ଆବଶ୍ୟକ। ଅନ୍ୟଥା ସେମାନେ ସ୍ୱତଃପ୍ରବୃତ୍ତ ଭାବେ ଅଯୋଗ୍ୟ ହୋଇଯିବେ। କେବେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିବ, ସେନେଇ କୌଣସି ସ୍ୱଷ୍ଟତା ନଥିବା ବେଳେ ଆଶାୟୀମାନେ ପ୍ରତିବର୍ଷ ଗେଟ୍ ପରୀକ୍ଷା ଦେବାକୁ ବାଧ ହେଉଛନ୍ତି। ଫଳରେ ସେମାନେ ଉଚ୍ଚଶିକ୍ଷା କିମ୍ବା ଅନ୍ୟାନ୍ୟ ପରୀକ୍ଷା ପାଇଁ ଆଉ ପଢ଼ି ପାରୁନାହାନ୍ତି। ଏଣୁ, ଏହି ପ୍ରସଙ୍ଗର ସ୍ଥାୟୀ ସମାଧାନ ପାଇଁ ବିଧାନସଭାରେ ପ୍ରସଙ୍ଗ ଉଠାଇବାକୁ ସମସ୍ତ ବିଧାୟକଙ୍କୁ ଆଶାୟୀମାନେ ପତ୍ର ଲେଖିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସଭାପତି ସମୀର ରଞ୍ଜନ ସାହୁ, ସମ୍ପାଦକ ପ୍ରଣୟ ପ୍ରଧାନ, ଶେଖ୍ ସାଫିକ୍‌ଙ୍କ ସମେତ ବହୁ ଆଶାୟୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ

# ସହରାଞ୍ଚଳ ବିକାଶର ପ୍ରତିଛବି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୮ (ସମିସ): ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମ୍‌ରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହର ବାସିନ୍ଦାଙ୍କ ପାଇଁ ଏକାଧିକ ଘୋଷଣା କରିଛନ୍ତି। ୨୦୨୬ ଏପ୍ରିଲ ସୁଦ୍ଧା ରାଜ୍ୟର ସମସ୍ତ ପୌରାଞ୍ଚଳକୁ ଗର୍ତ୍ତମୁକ୍ତ ଏବଂ ମୁକୁଳା ଡ୍ରେନ୍ ବନ୍ଦ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ସହରାଞ୍ଚଳଗୁଡ଼ିକ ହେଉଛି ବିକାଶର ପ୍ରତିଛବି। ତେଣୁ ସହରାଞ୍ଚଳଗୁଡ଼ିକର ରାସ୍ତାଘାଟ ଯଦି ପରିଷ୍କାର ପରିଚ୍ଛନ୍ନ ଏବଂ ଗର୍ତ୍ତମୁକ୍ତ ନରହେ, ତେବେ ଆମର ଲକ୍ଷ୍ୟ ଅପୂରଣୀୟ ରହିବ। ଆସନ୍ତା ଏପ୍ରିଲ ମଧ୍ୟରେ ରାଜ୍ୟର ସମସ୍ତ ପୌରାଞ୍ଚଳରରେ ଏହି କାମ ଶେଷ ହେବ। ଆସନ୍ତା ବର୍ଷ ଏପ୍ରିଲରେ ଯେଉଁ ଜନଶୁଣାଣି ହେବ, ସେଥିରେ ଯେପରି ଏ ସଂପର୍କିତ ଅଭିଯୋଗ ନ ଆସିବ, ସେଥିପାଇଁ ଧ୍ୟାନ ଦେବାକୁ ସେ କର୍ମଚାରୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ୨୦୨୬ ଏପ୍ରିଲ ଶେଷ ସୁଦ୍ଧା ସମସ୍ତ ପୌରାଞ୍ଚଳ ନିଜେ ନିଜେ ସାର୍ଟିଫିକେଟ ଦେବେ ଯେ ତାଙ୍କ ଅଞ୍ଚଳର ରାସ୍ତା ଗର୍ତ୍ତମୁକ୍ତ ହୋଇସାରିଛି। ଶାସନ ବ୍ୟବସ୍ଥାକୁ ସମାଜର ଶେଷସ୍ତରକୁ ଆଣିବା ପାଇଁ ଶେଷ ଧାଡ଼ିରେ ଥିବା ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା କ୍ଷେତ୍ରରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଏକ ମହତ୍ୱପୂର୍ଣ୍ଣ ବ୍ୟବସ୍ଥା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ନେସ୍‌ନାଲ କମନ୍ ମୋବିଲିଟି କାର୍ଡ'ର ଶୁଭାରମ୍ଭ କରି କହିଥିଲେ ଯେ ଏହାଦ୍ୱାରା ଦେଶର ଜନସାଧାରଣ ଯେକୌଣସି ସହରରେ ବିଭିନ୍ନ ଟ୍ରାନ୍ସପୋର୍ଟ ସେବା ସୁବିଧାରେ ପାଇପାରିବେ। ଏହି କାର୍ଡର ସୁବିଧା ଆଗାମୀ ଦିନରେ ଓଏସ୍‌ଆରଟିସି ବସ୍‌ଗୁଡ଼ିକରେ ମଧ୍ୟ ଲାଗୁ କରାଯିବ। ଏହାସହ 'ଆମ ବସ୍' ବୁକିଂ କରିବା ପାଇଁ ଏକ ହ୍ୱାଟ୍‌ସ ଆପ୍ ଟିକେଟିଂ ସେବା ମଧ୍ୟ ଆରମ୍ଭ ହୋଇଛି। ଏହି ଡିଜିଟାଲ ଟିକେଟରେ ମହିଳାମାନଙ୍କ ପାଇଁ ୧୫ ପ୍ରତିଶତ ରିହାତି ରହିବ। ଅନ୍ୟମାନଙ୍କ ପାଇଁ ୧୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ଏହାସହ ମୁଖ୍ୟମନ୍ତ୍ରୀ ପ୍ରାୟ ୧୦୯ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୪୩ଟି ବହୁମୁଖୀ ଭବନର ଲୋକାର୍ପଣ କରିବା ସହିତ ଭୁବନେଶ୍ୱର ମହାନଗର ନିଗମ ପାଇଁ ହ୍ୱାଟ୍‌ସ-ଆପ୍ ବଟ୍ ସେବା ଆରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ଧନ୍ୟବାଦ ଦେଇଥିଲେ।

# ନୋବେଲ ବିଜେତା ପ୍ରଫେସର୍ ମାଇକେଲ କ୍ରେମର୍‌ଙ୍କ କୃଷି ଭବନ ପରିଦର୍ଶନ

### ରାଜ୍ୟର ପାଣିପାଗ ଓ କୃଷି ଉପଦେଶ ମଡେଲର ପ୍ରଶଂସା



ଭୁବନେଶ୍ୱର,୩୧।୮ (ସମିସ): ଚିକାଗୋ ବିଶ୍ୱବିଦ୍ୟାଳୟର ନୋବେଲ ପୁରସ୍କାର ବିଜେତା ପ୍ରଫେସର୍ ମାଇକେଲ କ୍ରେମର ଏବଂ ତାଙ୍କର ୧୨ ଜଣିଆ ଦଳ ଶନିବାର କୃଷି ଭବନ ପରିଦର୍ଶନ କରିଛନ୍ତି। ରାଜ୍ୟର ଚାଷୀ ସମାଜ ମଧ୍ୟରେ ପାଣିପାଗ ପୂର୍ବାନୁମାନ ପ୍ରସାରଣ ଏବଂ ଏହାର ଆବଶ୍ୟକତା, ବୈଧତା ଏବଂ ଗ୍ରହଣୀୟତା ବିଷୟରେ ଆଲୋଚନା କରିବା ପାଇଁ କୃଷି ଭବନରେ ଏକ ବୈଠକର ଆୟୋଜନ କରାଯାଇଥିଲା। କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଉପସ୍ଥିତିରେ କୃଷି ଭବନ ସମ୍ମିଳନୀ କକ୍ଷରେ ପ୍ରଫେସର କ୍ରେମର କୃଷି ସମୃଦ୍ଧି ହେଲ୍ପଲାଇନ(କେଏସଏଚ୍) ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ କୃଷି ସମୃଦ୍ଧି ହେଲ୍ପଲାଇନ୍ ରାଜ୍ୟର ପ୍ରତ୍ୟେକ ଚାଷୀଙ୍କୁ ଜଳବାୟୁ ପ୍ରତିକୂଳ ପରିସ୍ଥିତିରୁ ତାଙ୍କ ଫସଲକୁ ରକ୍ଷା କରିବାରେ ସାହାଯ୍ୟ କରିବ। ବର୍ଷା, ତାପମାତ୍ରା ଏବଂ ଆର୍ଦ୍ରତାକୁ ବିଚାରକୁ ନେଇ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ପୂର୍ବାନୁମାନ ପ୍ରଚଳନ କରିବାକୁ ମତ ଦେଇଥିଲେ। ବୈଠକରେ, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ସୁବ୍ରତ ପଣ୍ଡାଙ୍କ ବରିଷ୍ଠ ବିଭାଗୀୟ ଅଧିକାରୀ, ଓୟୁଏଟିର ବୈଜ୍ଞାନିକ ଏବଂ ଜଳବାୟୁ ଅନୁଶୀଳନ କକ୍ଷ (ସିଆରସି)ର ସଦସ୍ୟମାନେ ଉପସ୍ଥିତ ଥିଲେ।

■ ଜଳକ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଆ ଝିଅଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

# ଚନ୍ଦ୍ରଶେଖରପୁରରେ 'ମନ୍ କି ବାତ୍' ଶୁଣିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୧।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଚନ୍ଦ୍ରଶେଖରପୁର ଶିଶୁ ବିହାରରେ ସ୍ଥାନୀୟ ଲୋକଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ୧୨୫ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' ରେ ପ୍ରତ୍ୟେକ ଥର ପରି ସେ ବିଭିନ୍ନ କ୍ଷେତ୍ରର ସାଧାରଣ ଲୋକଙ୍କ ସଫଳତାକୁ ପ୍ରଶଂସା କରି ଲୋକଲୋଚନକୁ ଆଣିଥିଲେ। ଆଜି ପ୍ରଧାନମନ୍ତ୍ରୀ ଓଡ଼ିଆ ଝିଅ ରଶ୍ମିତା ସାହୁଙ୍କ ସହିତ କଥା ହୋଇ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ରଶ୍ମିତା ନିକଟରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ କାନୋଇଙ୍ଗ୍ (ଜଳକ୍ରୀଡା) ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦୁଇଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଓଡ଼ିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏସନର ସହଯୋଗରେ ଜଗତପୁରର ସାଇ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଓଡ଼ିଶାର କ୍ରୀଡା ପ୍ରତିଭାମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦିଆଯାଉଛି। ରଶ୍ମିତା ମଧ୍ୟ ଜଗତପୁରରେ କାନୋଇଙ୍ଗ୍ ପ୍ରଶିକ୍ଷଣ ପାଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଧ୍ୟ ଅନେକ ଦିନ ଧରି ଓଡିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏସନର ସଭାପତି ଥିଲେ। ବର୍ତ୍ତମାନ ସେ ଏହି ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ଅଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଲୋକଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ। ଦୁଇ ଜଣ ବରିଷ୍ଠ ନାଗରିକ ତଥା ସମାଜସେବୀ ରାଜେନ୍ଦ୍ର ବାରିକ ଓ ବି.ବି. ମିଶ୍ର ଏବଂ ଶିଶୁ ବିହାର ଯୋଗ କେନ୍ଦ୍ରର ପ୍ରମୁଖ ବିଶ୍ୱନାଥ ନାୟକ, ଭାରତୀ ପ୍ରଧାନ ଓ ଏଲ୍.ଡି ସାହୁ ସମ୍ବର୍ଦ୍ଧିତ ହୋଇଥିଲେ।

# ବିଧାନସଭା ଘେରିବ ମାଧ୍ୟମିକ ଏନ୍‌ପିଏସ୍ ଶିକ୍ଷକ ସଂଘ

ଭୁବନେଶ୍ୱର, ୩୧।୮ (ସମିସ): ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକଙ୍କ ବିଭିନ୍ନ ଦାବି ନେଇ ବାରମ୍ବାର ଦାବି ଓ ଆଲୋଚନା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ସରକାରଙ୍କ ଉଦାସୀନତା ଓ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସେମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ହେଉନାହିଁ। ଦାବି ପୂରଣ ପାଇଁ ସରକାର ତ୍ୱରିତ ପଦକ୍ଷେପ ନନେଲେ ସେପ୍ଟେମ୍ବର ୧୮ ତାରିଖରୁ ବିଧାନସଭା ସମ୍ମୁଖରେ ଧାରଣା ଦେବେ ବୋଲି ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି। ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ଆବାହକ ଭବକୃଷ୍ଣ ମହାନ୍ତି, ଅମରେନ୍ଦ୍ର ସ୍ୱାଇଁ, ଶୁଭ୍ରଜିତ ପଢ଼ିଆରୀ, ବିଶ୍ୱଜିତ ବିଶ୍ୱାଳ, ପଞ୍ଚାନନ ଜେନା ଓ ରାଜେନ୍ଦ୍ର ମଲ୍ଲିକ ପ୍ରମୁଖ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

**AFFIDAVIT**

I, Pradip Kumar Nayak, S/o- Jayaram Nayak, Resident of Village: Kanaka, PO.: Kanaka, PS.: Khallikote, Dist-Ganjam, Pin-761028, Odisha declare by this Affidavit No. A/3046, Dated 30.08.2025, that now onwards I shall be known as **PRADIP NAYAK** for all future purposes.

**AFFIDAVIT**

By virtue of an affidavit (CF No. 81) sworn before The Executive Magistrate, Karlamunda on dated-30/08/2025. I, **Kavita Rana**, W/o Rajat Kumar Rana, resident of At- Sanrengali, Po-Rinja, Ps- M.Rampur, Dist-Kalahandi, Odisha, Pin-766031 declare that I have changed my name from **Kavita Pande** (old name) to **Kavita Rana** (new name). Henceforth, I shall be known as **Kavita Rana** (new name) for all future purposes.

**Kavita Rana**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାନବତା ପାଇଁ...

କିନ୍ତୁ ସମ୍ପୂର୍ଣ୍ଣ ଭରସା ଫେରିବାକୁ କିଛି ସମୟ ଲାଗିପାରେ। ଚୀନ୍ ସାମ୍ବାଦିକ ଏବଂ ପର୍ଯ୍ୟଟକଙ୍କ ପାଇଁ ଭିସା ନିୟମକୁ କୋହଳ କରିବା ନିମନ୍ତେ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୁଣି ଥରେ ବ୍ରହ୍ମପୁତ୍ର ନଦୀର ତଥ୍ୟ ସେୟାର କରିବାକୁ ସହମତି ପ୍ରକାଶ ପାଇଛି। ଏସ୍‌ସିଓ ଏବଂ ବ୍ରିକ୍ସ ଭଳି ସଂଗଠନରେ ଉଭୟେ ବହୁମୁଖୀ ବ୍ୟବସ୍ଥାକୁ ସମର୍ଥନ ଦେଉଛନ୍ତି। ତେବେ ଏଲଏସି ନିର୍ଦ୍ଧାରଣ ହୋଇ ନ ଥିବାରୁ ସମସ୍ୟା ରହିଛି। ଏ ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ହୋଇପାରି ନାହିଁ। ଚୀନ୍ ବ୍ରହ୍ମପୁତ୍ରରେ ବନ୍ଧ ନିର୍ମାଣ କରୁଥିବାବେଳେ ଭାରତ ଏହାକୁ ବିରୋଧ କରୁଛି। ପାକିସ୍ତାନ ସହ ଚୀନ୍‌ର ମଜବୁତ ସମ୍ବନ୍ଧ ଏହି କ୍ଷେତ୍ରରେ କିଛିଟା ସମସ୍ୟା ହୋଇପାରେ। ଅନ୍ୟପକ୍ଷରେ ଏହି ଦ୍ୱାପିକ୍ଷାକ ସମ୍ମିଳନୀ ପରେ ମୋଦୀ ଏସ୍‌ସିଓ ବୈଠକରେ ସାମିଲ ହୋଇଛନ୍ତି। ଏଠାରେ ସବୁ ନେତାଙ୍କ ସହ ମିଶି ମୋଦୀ ଗ୍ରୁପ ଫଟୋ ନେଇଛନ୍ତି। ତେବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ତୁର୍କୀ ରାଷ୍ଟ୍ରପତି ରେସେପି ଏର୍ଦୋଗାନଙ୍କୁ ମୋଦୀ ଅଣଦେଖା କରିଛନ୍ତି। ଏଠାରେ ସେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଆମେରିକା ଏହି ବୈଠକ ଉପରେ ତୀକ୍ଷଣ ନଜର ରଖିଛି। ଶୁଳ୍କକୁ କାଉଣ୍ଟର କରିବା ପାଇଁ ରୁଷ, ଚୀନ୍ ଏବଂ ଭାରତ ମଧ୍ୟରେ ବଡ଼ ଆଲୋଚନା ହୋଇପାରେ ବୋଲି କୁହାଯାଉଛି।

ଏହି ସମ୍ମିଳନୀରେ ଭାରତ, ଚୀନ୍, ରୁଷ, ପାକିସ୍ତାନ, ତୁର୍କୀ ସମେତ ୯ ରାଷ୍ଟ୍ର ସାମିଲ ହୋଇଛନ୍ତି। ଏହା ଚୀନ୍ ଇତିହାସର ସବୁଠୁ ବଡ଼ ଏସ୍‌ସିଓ ସମ୍ମିଳନୀ। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଦୁଇ ଦେଶ ପାରସ୍ପରିକ ବିଶ୍ୱାସ ବୃଦ୍ଧି, ମତଭେଦକୁ ବିବାଦରେ ରୂପ ନ ଦେବାକୁ, ଆହ୍ୱାନର ମିଳିତ ମୁକାବିଲା କରିବାକୁ, ସହମତି ପ୍ରକାଶ କରିଛନ୍ତି। ଉଭୟ ନେତା ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।

### ନବୀନଙ୍କ ପ୍ରସ୍ତାବରେ...

ରାଜ୍ୟ ମଧ୍ୟରେ ଆଲୋଚନାରେ ସ୍ୱଚ୍ଛତା ଅବଲମ୍ବନ ଓ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ ବୋଲି ନବୀନ କହିଥିଲେ। ଛତିଶଗଡ଼ର ବିଜେପି ସରକାରଙ୍କ ସହିତ କେଉଁ ପ୍ରକାରର ଆପୋଷ ବୁଝାମଣା ପାଇଁ ବିଚାର କରାଯାଉଛି କିମ୍ବା ଏନେଇ ନିଷ୍ପତ୍ତି ନିଆସରିଛି, ସେନେଇ ସ୍ୱଷ୍ଟତା ଆଣିବା ପାଇଁ ରାଜ୍ୟ ସରକାର ତୁରନ୍ତ ଏକ ସର୍ବଦଳୀୟ ବୈଠକ ଡାକିବା ଉଚିତ ବୋଲି ନବୀନ ମତ ଦେଇଥିଲେ।

ଅପରପଟେ ମହାନଦୀ ସହ ଜଡ଼ିତ ବିଭିନ୍ନ ସାମାଜିକ ସଂଗଠନ, ଜଳ ବିଶେଷଜ୍ଞ ସରକାର କେବଳ ନିଜ ମଧ୍ୟରେ ଆଲୋଚନାକୁ ସୀମିତ ନ ରଖି ଏହାକୁ ସାର୍ବଜନୀନ କରିବାକୁ ଦାବି କରୁଛନ୍ତି। ମହାନଦୀ ବିବାଦ ଆଲୋଚନା ସମୟରେ ନଦୀ ସହିତ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ସାମିଲ ନିମନ୍ତେ ଦାବି କରି ଆସିଛନ୍ତି। ନିକଟରେ ସାମାଜିକ ସଂସ୍ଥା ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମଧ୍ୟ ବିବାଦର ସମାଧାନ ପାଇଁ ଛତିଶଗଡ଼ର ରାୟପୁରଠାରେ ମହାନଦୀ ସମସ୍ୟାର ସମାଧାନ ପାଇଁ ଏକ ଗୋଲଟେବୁଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳପୁରୁଷ ରାଜେନ୍ଦ୍ର ସିଂ, ଜଳ ଆନ୍ଦୋଳନ ସହ ସମ୍ପୃକ୍ତ ସୁଦର୍ଶନ ଦାସଙ୍କ ସହ ରାଜ୍ୟର ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ବୈଠକରେ ଦୁଇ ରାଜ୍ୟର ସରକାର ନିଜ ଭିତରେ ଆଲୋଚନାକୁ ସୀମିତ ନ ରଖି ଏଥିରେ ନଦୀ ସହିତ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ସାମିଲ କରିବାକୁ ଅନୁରୋଧ କରାଯାଇଥିଲା। ଏହାସହ କୌଣସି ଆପୋସ ସମାଧାନକୁ ଯିବା ପୂର୍ବରୁ ଅଣ ମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ଅଟେ, ତାହା ଛାଡ଼ିବାକୁ ସର୍ତ୍ତ ରହିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ମହାନଦୀ ବଞ୍ଚାଅ,ଜୀବିକା ବଞ୍ଚାଅ ଆନ୍ଦୋଳନ ମଧ୍ୟ ସରକାରଙ୍କ ନିକଟରେ ଦାବି ରଖିଛି। ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ ସରକାରଙ୍କ ଉଦ୍ୟମକୁ ସ୍ୱାଗତ କରିଛନ୍ତି। ଟ୍ରିବ୍ୟୁନାଲରେ କୌଣସି ମାମାଲାର ସମାଧାନ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା। ଆପୋସ ସମାଧାନ ସ୍ୱାଗତଯୋଗ୍ୟ ହେଲେ ହେଁ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସରକାର ସମସ୍ତ ଅଂଶୀଦାରଙ୍କୁ ତୁରନ୍ତ ଆଲୋଚନାକୁ ଡାକି ପରାମର୍ଶ କରନ୍ତୁ ବୋଲି ଶ୍ରୀ ଛୋଟରାୟ ଦାବି କରିଛନ୍ତି।

### ସ୍ତ୍ରୀ-ଶାଶୂଙ୍କୁ...

ଯୁକ୍ତି ବଢ଼ିବାରେ ଲାଗିଥିଲା। ପ୍ରିୟା ନିଜ ବାପଘର ସପକ୍ଷରେ ନେଇ ବେରୋଜଗାର ଥିବା ଯୋଗେଶଙ୍କୁ ଆକ୍ଷେପ କରି କହିଥିଲେ। ଫଳରେ ଯୋଗେଶ ରାଗିଯାଇଥିଲେ। ଯୋଗେଶ ଓ ପ୍ରିୟାଙ୍କର ଦୁଇଟି ପୁଅ ଅଛନ୍ତି। ଘଟଣା ସମୟରେ ଦୁଇ ପୁଅ ସ୍କୁଲ ଯାଇଥିଲେ। ଦୁଇ ପୁଅଙ୍କୁ ସ୍କୁଲକୁ ଆଣିବାକୁ ଯାଇ ଯୋଗେଶ ବୁଲୁଥିବା ବେଳେ ପୁଲିସ ତାକୁ ଗିରଫ କରିଥିଲା।

### ୧୬ ନୂଆ ଏନ୍‌ଏସି...

ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏବେ ମୁଖ୍ୟମନ୍ତ୍ରୀ ଆଉ ୧୬ ସହରକୁ ଏନ୍‌ଏସି ଘୋଷଣା କରିଛନ୍ତି। ସେହିପରି ଏନ୍‌ଏସି ଓ ମ୍ୟୁନିସିପାଲିଟି ଗଠନ ଦ୍ୱାରା ଅଧିକ ଲୋକଙ୍କୁ ସହରର ମୌଳିକ ସୁବିଧା ମିଳିବ ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନେକ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସହରର ସମସ୍ତ ଲୋକଙ୍କ ପାଇଁ ସରକାରୀ ଯୋଜନାଗୁଡ଼ିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ପୌରାଞ୍ଚଳକୁ 'ସହଯୋଗ' କାର୍ଯ୍ୟକ୍ରମ ସଂପ୍ରସାରିତ ହେଲା ବୋଲି ଘୋଷଣା କରିଛନ୍ତି। ସହରର ଲୋକଙ୍କ ପାଇଁ ସରକାରୀ ଯୋଜନା ଗୁଡ଼ିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମେ ମାସରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୪୪ଟି ପୌରାଞ୍ଚଳରେ ସହଯୋଗ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏଥିରେ ଟାଟାଷ୍ଟିଲ ଫାଉଣ୍ଡେସନ ସହଯୋଗ ଯୋଗାଇ ଦେଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଟାଟାଷ୍ଟିଲକୁ ଧନ୍ୟବାଦ ଦେଇଛନ୍ତି। ଏହାସହିତ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ, ପ୍ରଶ୍ନ କିମ୍ବା ପ୍ରସ୍ତାବ ପାଇଁ ମୁଖ୍ୟମନ୍ତ୍ରୀ ଏକ ଟୋଲ୍ ଫ୍ରି ନମ୍ବର-୧୯୨୯ ର ଶୁଭାରମ୍ଭ କରିଛନ୍ତି ଓ ଏହି ନମ୍ବରକୁ "ସହର ସାଥୀ' ବୋଲି ନାମିତ କରାଯାଇଛି। ଏହାଦ୍ୱାରା ଲୋକମାନେ ଆଉ ପୌରପାଳିକା କାର୍ଯ୍ୟାଳୟକୁ ନ ଯାଇ, ଏହି ନମ୍ବରରେ ଫୋନ କଲେ ସମସ୍ୟାର ସମାଧାନ କରାଯିବ। ଏହି ସେବା ୨୪ ଘଣ୍ଟା ଉପଲବ୍ଧ ହେବ। "ସହର ସାଥୀ' କଲ୍ ସେଣ୍ଟରର ଶୁଭାରମ୍ଭ କରି ପୌରସଂସ୍ଥା କର୍ମଚାରୀଙ୍କ ପାଇଁ ସାଧାରଣ ଉପଭୋକ୍ତା ଗୋଷ୍ଠୀ ସିୟୁଜି ନମ୍ବର ବଣ୍ଟନ ମଧ୍ୟ କରାଯାଇଛି।

### ଆଜିଠୁ ବଢ଼ିବ...

ବିଶେଷକରି ମାଲକାନଗିରି ଓ ନବରଙ୍ଗପୁରରେ ଏହି ତିନିଦିନ ୧୫-୨୫ ମିମି ଲେଖାଏଁ ବର୍ଷା ହେବ। ସମ୍ବଲପୁରଠାରୁ କଳାହାଣ୍ଡି ପର୍ଯ୍ୟନ୍ତ ସ୍ୱଳ୍ପ (୧୫ ମିମି ଲେଖାଏଁ) ଏବଂ ଅନ୍ୟାନ୍ୟ ସ୍ଥାନ ୧୦-୧୫ ମିମି ଲେଖାଏଁ ବର୍ଷା ହୋଇପାରେ। ସୁନ୍ଦରଗଡ଼, ମୟୂରଭଞ୍ଜ ଓ ବାଲେଶ୍ୱରରେ କାଁ ଭାଁ ହାଲୁକା ସ୍ଥାନେ ସ୍ଥାନେ ସ୍ୱଳ୍ପ ବର୍ଷା ହୋଇପାରେ। ୪ ତାରିଖରେ ବିକ୍ଷିପ୍ତ ବର୍ଷା ହେବା ସହ ୫ ତାରିଖରେ ଉପକୂଳ, ଢେଙ୍କାନାଳ, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ସ୍ୱଳ୍ପ ସ୍ଥାନେସ୍ଥାନେ ମଧ୍ୟମ ବର୍ଷା ହୋଇପାରେ। ୬ ତାରିଖରେ ସାରା ଓଡ଼ିଶାରେ ସ୍ଥାନେ ସ୍ଥାନେ ସ୍ୱଳ୍ପ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ କଳାହାଣ୍ଡି, କନ୍ଧମାଳ ଓ କୋରାପୁଟରେ ସବୁଠୁ ଅଧିକ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ଗଜପତି, ବଲାଙ୍ଗିର ଓ ନୂଆପଡ଼ାରେ ମଧ୍ୟ ବର୍ଷାର ପ୍ରଭାବ ଭଲ ରହିବ। ଏହା ବ୍ୟତୀତ ବାକି ସବୁ ଅଞ୍ଚଳରେ ସ୍ୱଳ୍ପ ବର୍ଷା ଆକଳନ କରି ସାରା ଓଡ଼ିଶା ପାଇଁ ବର୍ଷା ଚେତାବନୀ ଜାରି ହୋଇଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଉତ୍ତର ବଙ୍ଗୋପସାଗରର ଓଡ଼ିଶା ଉପକୂଳ ସମୁଦ୍ର ମଧ୍ୟରେ ୩୦-୪୦ ଓ ଝଟକା ପବନ ୫୦ କିମି ପହଞ୍ଚିବ। ଏଥିପାଇଁ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା କରି ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ଏହି ଲଘୁଚାପର ପ୍ରଭାବ ପରେ ପରେ ଅର୍ଥାତ ଆସନ୍ତା ୧୧-୧୨ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ସମ୍ଭାବନା ରହିଛି।

### ପାଣିପାଗ କେନ୍ଦ୍ରରେ...

ଦେଓ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ। ଏହାପରେ ଡ଼ପଲାର ରାଡ଼ାର ସମ୍ବଲପୁରରେ ଖୁବ୍‌ଶୀଘ୍ର ବସିବ ବୋଲି ଆଇଏମ୍‌ଡି ସୂଚନା ଦେଇଛି।

୨୦୦୫ରେ ଓଡ଼ିଶାର ୪ଟି ସ୍ଥାନରେ ଡପ୍‌ଲର ରାଡାର ଲଗାଇବାକୁ ଆଇଏମ୍‌ଡି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ପାରାଦୀପ, ଗୋପାଳପୁର, ବାଲେଶ୍ୱର ଓ ସମ୍ବଲପୁରରେ ରାଡାର ବସାଇବାକୁ ନିଷ୍ପତ୍ତି ହୋଇଥିଲା। ଆଇଏମ୍‌ଡି ପାରାଦୀପରେ ନିଜସ୍ୱ ଖର୍ଚ୍ଚରେ ଡପଲାର ରାଡାର ଲଗାଇବାକୁ ନିଷ୍ପତ୍ତି ନେଇଥିବା ବେଳେ ରାଜ୍ୟ ସରକାର ଗୋପାଳପୁର, ବାଲେଶ୍ୱର ଓ ସମ୍ବଲପୁରରେ ମାଗଣାରେ ଜମି ଯୋଗାଇ ଦେବା ସହ ଏଥିପାଇଁ ଆବଶ୍ୟକ ୪ ମହଲା କୋଠା ନିର୍ମାଣ ଖର୍ଚ୍ଚ ବହନ କରିବା ନେଇ ଆଇଏମ୍‌ଡି ସହ ବୁଝାମଣା ହୋଇଥିଲା। ଏହାକୁ ଆଧାର କରି ରାଜ୍ୟ ସରକାର ୨୦୧୧ରୁ କୋଠା ନିର୍ମାଣ କାମ ଶେଷ କରିଥିଲେ। କେବଳ ପାରାଦୀପ ଓ ଗୋପାଳପୁରରେ ୨ଟି ରାଡାର ଲାଗିଥିବା ବେଳେ ଅନ୍ୟ ଦୁଇଟି ସ୍ଥାନରେ ଲାଗିବା ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ଏଭଳି ଅବସ୍ଥା ଭୋଗିବାକୁ ପଡୁଛି। ଦୀର୍ଘ ୨୦ ବର୍ଷ ବିତିଯାଇଥିଲେ ସୁଦ୍ଧା ପ୍ରକଳ୍ପ ଏବେ ମଧ୍ୟ ଅଧାପନ୍ତରିଆ ହୋଇପଡିଛି। ଅନ୍ୟପଟେ ଗୋପାଳପୁର ରାଡାର ମଧ୍ୟ ପ୍ରାୟ ୮ ମାସ ହେବ ଅଚଳ ହୋଇପଡ଼ିଛି। ଯାହାଫଳରେ ଆଇଏମ୍‌ଡି ଏବେ କେବଳ ପାରାଦୀପ ରାଡାର ତଥ୍ୟ ଉପରେ ଭରସା କରି ରହିଛି। ବଜ୍ରପାତର ପୂର୍ବାନୁମାନ ପାଇଁ ବାଲେଶ୍ୱର ଓ ସମ୍ବଲପୁର ରାଡାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହାଦ୍ୱାରା ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ର କିଛି ଜିଲ୍ଲା ମଧ୍ୟ ଉପକୃତ ହୋଇପାରିବ। ହେଲେ ରାଡାର ପରିସର ମଧ୍ୟରେ ରାଜ୍ୟର ଏହି ଦୁଇ ପ୍ରମୁଖ ଅଞ୍ଚଳ ଆସିପାରୁ ନ ଥିବା ହେତୁ ପ୍ରତିବର୍ଷ ଏଠାରେ ଶତାଧିକ ଲୋକ ବଜ୍ରପାତ ଯୋଗୁଁ ପ୍ରାଣ ହରାଉଛନ୍ତି। ରାଡାର ସ୍ଥାପନ ପରେ ଅକାରଣରେ ଚାଲିଯାଉଥିବା ଜୀବନ ରୋକିବାରେ ଯଥେଷ୍ଟ ସହାୟକ ହେବ ବୋଲି ଆଶା ରହିଛି।

### ହତ୍ୟାକରି...

ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଘଟଣାସ୍ଥଳରୁ ପୁଲିସ ଏକ ଦିଆସିଲି, ଡିଜେଲ୍ ଡବା, ଚପଲ ଆଦି ଜବତ କରିଛି। ଦୁର୍ବୃତ୍ତମାନେ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ଜଙ୍ଗଲ ଭିତରେ ଶବକୁ ପୋଡ଼ିଦେବାକୁ ଉଦ୍ୟମ କରିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଉପରୁ ପରଦା ହଟିବ ବୋଲି ପୁଲିସ୍ କହିଛି।

**ସର୍ବଭାରତୀୟ ସାୟତ ଶାସନ ଦିବସ-୨୦୨୫ ଉପଲକ୍ଷେ ବିଜ୍ଞାପିତ ଅଂଚଳ ପରିଷଦ, ଆଠଗଡ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି**

ସହରର ଉନ୍ନତି ପାଇଁ

୧. ଆପଣଙ୍କର ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି । ଏଣୁ ଠିକ୍ ସମୟରେ ଘର ଏବଂ ଅଲୋକ ଟିକସ, ଦୋକାନଘର ଭଡା, ଲାଇସେନ୍ସ ଫି ୟୁଜର୍ସ ଫି ପୈଠ କରନ୍ତୁ।
୨. ଜନ୍ମ ମୃତ୍ୟୁ ପଞ୍ଜିକରଣ ଠିକ୍ ସମୟରେ କରାଇ ନିଅନ୍ତୁ।
୩. ରାସ୍ତାକଡ କିମ୍ବା ୱାର୍ଡ ମାନଙ୍କରେ ଲାଗିଥିବା ବିଜୁଳିବତୀ ଓ ପାଣିକଳକୁ ଭାଙ୍ଗନ୍ତୁ ନାହିଁ।
୪. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ।
୫. ବିନା ଲାଇସେନ୍ସରେ କୌଣସି ବ୍ୟାବସାୟ କରନ୍ତୁ ନାହିଁ।
୬. ପଲିଥିନ ବ୍ୟବହାର ସର୍ବଦା ବର୍ଜନ କରନ୍ତୁ।
୭. ଦୈନନ୍ଦିନ ବର୍ଜ୍ୟବସ୍ତୁ ସଂଗ୍ରହିତ ରଖି ପରିଷଦର କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ। ପଲିଥିନ ଜରି ଓ ବ୍ୟାଗ୍ ସର୍ବଦା ବର୍ଜନ କରନ୍ତୁ।
୮. ଗାଈଗୋରୁମାନଙ୍କୁ ରାସ୍ତା ଉପରେ ବାନ୍ଧି ଅବରୋଧ କରନ୍ତୁ ନାହିଁ ଓ ନିଜସ୍ୱ ଗୋଶାଳାରେ ବାନ୍ଧି ରଖନ୍ତୁ।
୯. ସର୍ବସାଧାରଣ ରାସ୍ତା ଉପରେ ପଥର, ଇଟା, ବାଲି, ଗୋଡି ଇତ୍ୟାଦି ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ । ଆପଣଙ୍କର ଅକୁଣ୍ଠ ସାହାଯ୍ୟ, ସଦିଚ୍ଛା ଓ ସହଯୋଗ ଆମର ଏକାନ୍ତ କାମ୍ୟ ।

ବଳୟ ଦେହୁରୀ, ନିର୍ବାହୀ ଅଧିକାରୀ
ସସ୍ମିତା ରାଉତ, ଅଧକ୍ଷା
ବି. ଶୁଭ୍ର ଶଙ୍କର ଜ୍ୟୋତି, ଉପାଧକ୍ଷ
ଏବଂ ସମସ୍ତ କାଉନସିଲ ବୃନ୍ଦ


ବିଜ୍ଞାପିତ ଅଂଚଳ ପରିଷଦ, ଆଠଗଡ଼

DSPL-233

**ଜଳେଶ୍ୱର ପୌର ପାଳିକା , ଜଳେଶ୍ୱର**

ଜଳେଶ୍ୱର ପୌରପାଳିକା ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବ ସ -୨୦୨୫ ଅବସରରେ ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନ ଲିଖିତ କାର୍ଯ୍ୟ କ୍ରମରେ ଜନ ସାଧାରଣଙ୍କ ସହଯୋଗ କାମନା କରୁଅଛି । ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।
୧ ) ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶ ମୂଳକ କାର୍ଯ୍ୟରେ ଲାଗିଥାଏ । ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ ।
୨ ) ଅଳିଆ ଆବର୍ଜନାକୁ ଏଣେ ତେଣେ ନ ଫିଙ୍ଗି ପୌର ପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ଅଲଗା ଅଲଗା କରି ଦିଅନ୍ତୁ ଓ ବର୍ଜ୍ୟବସ୍ତୁ ପରିଚାଳନା ଦେୟ ( User fee ) ସଠିକ ସମୟରେ ସ୍ୱଚ୍ଛ ସାଥୀଙ୍କୁ ପଇଠ କରି ଉତ୍ତମ ପରିମଳ ସେବା ଦାବି କରନ୍ତୁ ।
୩ ) ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ ।
୪ ) ପାଇଖାନା କିମ୍ବା ସେପଟିକ ଟାଙ୍କିର ପାଇପକୁ ସିଧା ସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସ୍ୱୀକୃତି ପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ cesspole ଦ୍ୱାରା ସଫା କରନ୍ତୁ ।
୫ ) ସର୍ବସାଧାରଣଙ୍କ ରାସ୍ତା ଉପରେ , ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟ ବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ ।
୬ ) ନିଜ ପଟ୍ଟା ଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ ।
୭) ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବର ଦଖଲ କରନ୍ତୁ ନାହିଁ ।
୮ ) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କିଂ କରନ୍ତୁ ।
୯ ) ଡେଙ୍ଗୁ , ମ୍ୟାଲେରିଆ , ଡାଇରିଆ ଓ ସ୍ୱାଇନ ଫ୍ଲୋ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗ ଗୁଡିକ ପାଇଁ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।


ଆପଣଙ୍କ ସେବାରେ ଜଳେଶ୍ୱର ପୌରପାଳିକା ।



ଶ୍ରୀ ହେମନ୍ତ କୁମାର ସିଂ, ଓ.ରା.ସେ (DR-୨୦୨୦)
କାର୍ଯ୍ୟ ନିର୍ବାହୀ ଅଧିକାରୀ
ଜଳେଶ୍ୱର ପୌରପାଳିକା



ଶ୍ରୀମତୀ ପୁଷ୍ପପ୍ରିୟା କାମିଲା
ଉପ-ନଗରପାଳ
ଜଳେଶ୍ୱର ପୌରପାଳିକା



ଶ୍ରୀ ପ୍ରଦିପ କୁମାର ପ୍ରଧାନ
ନଗରପାଳ
ଜଳେଶ୍ୱର ପୌରପାଳିକା

ଏବଂ ପରିଷଦର ସମସ୍ତ ସଭ୍ୟ / ସଭ୍ୟା
ଜଳେଶ୍ୱର ପୌରପାଳିକା

OIPR-13126/13/0026/2526

## ସ୍ୱାୟତ୍ତ ଶାସନ ଦିବସରେ ମିଳିଲାନି ଆଶାନୁରୂପ ଉପହାର

# ବଲାଙ୍ଗିରକୁ ଭଣ୍ଡେଇଦେଲେ ସରକାର

ବଲାଙ୍ଗିର, ୩୧।୮ (ସମିସ)

ରାଜ୍ୟରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ନୂତନ ୧୬ଟି ଏନଏସି ଘୋଷଣା କରିଛନ୍ତି। କେବଳ ଲୋଇସିଂହାକୁ ନୂତନ ଏନଏସି ବା ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କରାଯାଇଛି। ଜିଲ୍ଲାର ଅନ୍ୟ ୩ ପ୍ରମୁଖ ଦାବିଦାର ଥିବା ଅଞ୍ଚଳବାସୀଙ୍କୁ ନିରାଶ ହେବାକୁ ପଡ଼ିଛି। ସେହିପରି ୭ଟି ନୂତନ ପୌର ପରିଷଦ ମଧ୍ୟ ଘୋଷଣା ହୋଇଛି। କଣ୍ଟାବାଞ୍ଜିକୁ କିନ୍ତୁ ନିରାଶ ହେବାକୁ ପଡ଼ିଛି। ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଏହି ଘୋଷଣା କରି ବିଜେପି ମାଇଲେଜ ନେବା ପାଇଁ ଉଦ୍ୟମ କରିଛି। ତେବେ ଏହା ଆଗକୁ ଏହା ଲାଭ ଦେବ ନା କ୍ଷତି ହେବ ତାକୁ ନେଇ ଅଙ୍କକଷା ଆରମ୍ଭ ହୋଇଛି।

ବଲାଙ୍ଗିର ଜିଲ୍ଲାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ବା ଏନଏସି ମାନ୍ୟତା ପାଇବା ପାଇଁ ରହିଥିବା ମାପଦଣ୍ଡ ପୂରଣ କରୁଥିବା ଅନେକ ଅଞ୍ଚଳ ରହିଛି; ଯେଉଁମାନେ କି ପୂର୍ବରୁ ଏହି ମାନ୍ୟତା ପାଇଁ ଦାବି କରିଆସୁଛନ୍ତି। ଜିଲ୍ଲାକୁ କିନ୍ତୁ ଅଣଦେଖା କରାଯାଇଛି। ତେବେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ସମୟରେ ଜିଲ୍ଲାର ଲୋଇସିଂହା, ବେଲପଡ଼ା, ସଇଁନ୍ତଲା ଓ ସିନ୍ଦେ୍ଧକେଲାକୁ ନୂତନ ଏନଏସି ଭାବେ ଘୋଷଣା କରାଯାଇଥିଲା; କିନ୍ତୁ ସରକାର ବଦଳିବା ପରେ ଏହି ନିଷ୍ପତ୍ତିକୁ ଚାପି ଦିଆଯାଇଛି। ଗତ କିଛି ଦିନ ପୂର୍ବରୁ ୧୨ଟି ନୂତନ ଏନଏସି ତାଲିକା ପ୍ରକାଶ ପାଇଥିଲା; ଯେଉଁଥିରେ ଜିଲ୍ଲାର କୌଣସି ବି ଗୋଟିଏ ନାମ ନ ଥିଲା। ଏହାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ବେଲପଡ଼ାରେ ବନ୍ଦ ଡାକରା ଦିଆଯାଇଥିବା ବେଳେ ସଇଁନ୍ତଲାରେ ମଧ୍ୟ ଆନ୍ଦୋଳନ ପାଇଁ ଲୋକେ ସଜବାଜ ହୋଇଛନ୍ତି। ତେବେ ରବିବାର ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁଣି ଏକ ତାଲିକା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନୂତନ ୭ ପୌରପରିଷଦ ଓ ୧୬ ଏନଏସି ତାଲିକା ଘୋଷଣା କରିଛନ୍ତି। ଏଥିରେ ବଲାଙ୍ଗିର ଜିଲ୍ଲାର ଏକ ମାତ୍ର ନୂତନ ଏନଏସି ଭାବେ ଲୋଇସିଂହାକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଲୋଇସିଂହା ଏହି ମାନ୍ୟତା ପାଇଁ ପ୍ରବଳ ଦାବିଦାର ରହିଥିଲା। ରାଜ୍ୟ ସରକାର ଏନେଇ ଘୋଷଣା କରିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି। ଲୋକେ ଏହି ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି; ହେଲେ ଜିଲ୍ଲାର ଅନ୍ୟ ୩ ପ୍ରମୁଖ ଦାବିଦାର ମାନ୍ୟତା ନ ପାଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ବେଲପଡ଼ା, ସଇଁନ୍ତଲା ଓ ସିନ୍ଦେ୍ଧକେଲା ପୁଣି ଥରେ ବାଦ ପଡ଼ିଛି। କେବଳ ଏତିକି ନୁହଁ; ପୌରପରିଷଦ ତାଲିକାରେ ଗଞ୍ଜାମକୁ ବଡ ଭାଗ ଦିଆଯାଇଛି। ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜିକୁ ପୂର୍ବରୁ ବିଜେଡି ସରକାର ସମୟରେ ପୌର ପରିଷଦ ଘୋଷଣା କରାଯାଇଥିଲା। ବର୍ତ୍ତମାନ କଣ୍ଟାବାଞ୍ଜି ବଞ୍ଚିତ ହୋଇଛି। କଣ୍ଟାବାଞ୍ଜି ସେହି ବିଧାନସଭା ଆସନ; ଯେଉଁଠି ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏଣୁ କଣ୍ଟାବାଞ୍ଜିକୁ ଅଣଦେଖା କରାଯାଇଥିବାରୁ ନିହାତି ଭାବେ ଏଥିପାଇଁ ବିଧାୟକ ଲକ୍ଷ୍ମଣ ବାଗଙ୍କୁ ହିଁ ଉତ୍ତର ରଖିବାକୁ ପଡ଼ିବ ବୋଲି ଆଲୋଚନା ହେଉଛି। ଏମିତିରେ ଆଗକୁ ପଞ୍ଚାୟତ ଓ ପେର ନିର୍ବାଚନ। ନୂତନ ଏନଏସି ଓ ପୌର ପରିଷଦ ଘୋଷଣା କରି ବିଜେପି ଭୋଟ ଗୋଟାଇବା ଉଦ୍ୟମ ଆରମ୍ଭ କରିଛି; କିନ୍ତୁ ଏହା ଦଳ ପାଇଁ କେତେ ଲାଭ ଦେବ ତାହା କହିବା ମୁସ୍କିଲ। ଅଣଦେଖାକୁ ନେଇ ଲୋକଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ବିଜେପି ଭୋଟବ୍ୟାଙ୍କ ଉପରେ ପ୍ରଭାବ ପକାଇବ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଲୋଇସିଂହାକୁ ଏନଏସି ମାନ୍ୟତା ମିଳିବା ପରେ ଜିଲ୍ଲାରେ ଏନଏସି ସଂଖ୍ୟା ୪ରେ ପହଞ୍ଚିଥିବା ବେଳେ ପୌରପରିଷଦ ସଂଖ୍ୟା ୨ ରେ ହିଁ ସୀମିତ ରହିଛି।

- କେବଳ ଲୋଇସିଂହାକୁ ଏନଏସି ଘୋଷଣା
- କଣ୍ଟାବାଞ୍ଜିକୁ ମିଳିଲାନି ପୌର ପରିଷଦ ମାନ୍ୟତା
- ଏନଏସି ମାନ୍ୟତାରୁ ବେଲପଡ଼ା, ସଇଁନ୍ତଲା ଓ ସିନ୍ଧେକେଲା ବଞ୍ଚିତ

## ବଲାଙ୍ଗିରରେ ସ୍ୱାୟତ୍ତ ଶାସନ ଦିବସ

ବଲାଙ୍ଗିର, ୩୧।୮ (ସମିସ): ବଲାଙ୍ଗିର ପୌରପରିଷଦ ତରଫରୁ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ସକାଳୁ ସକାଳୁ ପୌରାଧ୍ୟକ୍ଷା ଲିକା ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସମସ୍ତ କାଉନସିଲର, ସମସ୍ତ କର୍ମଚାରୀଙ୍କ ସହ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ କର୍ମଚାରୀ ଓ କାଉନସିଲରଙ୍କ ଉଦ୍ଦେଶ୍ୟରେ ପୌରାଧ୍ୟକ୍ଷା ସ୍ୱାୟତ୍ତ ଶାସନ ଦିବସର ଗୁରୁତ୍ୱ ବିଷୟରେ ସମ୍ଭାଷଣ ରଖିଥିଲେ। ଏହା ପରେ ପରେ ସହରରେ ଅବସ୍ଥିତ ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଦିନ ୧୧ଟାରେ ଆମର ବଲାଙ୍ଗିରର ବରିଷ୍ଠ ନାଗରିକ ବରିଷ୍ଠ କଳାକାର ତଥା ପୌରାଞ୍ଚଳ ଅଧୀନ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ଅନେକ ଧର୍ମାନୁଷ୍ଠାନର ବ୍ୟକ୍ତିବିଶେଷଙ୍କୁ ନେଇ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ପ୍ରେକ୍ଷାଳୟରେ ଏକ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ସମ୍ମାନିତ ଅତିଥି ଭାବେ ପବିତ୍ର ବେହେରା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ତରଣୀସେନ ସୁନା, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ମଞ୍ଚାସୀନ ଥିଲେ। ବିଜୟ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।



## ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଛାତ୍ରୀଙ୍କ ସଫଳତା



ତରଭା, ୩୧।୮ (ସମିସ): ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ତରଭା ବ୍ଲକ ରଣିସର୍ଡା ପଞ୍ଚାୟତ ଏକ ନିପଟ ମଫସଲ ଗାଁ ଅର୍ଡାର ଏକ ଚାଷୀ ପରିବାର ତରଣୀ ସେନ କର୍ମୀ ଓ ଉର୍ମିଳା କର୍ମୀଙ୍କ ଝିଅ ଚନ୍ଦ୍ରକାନ୍ତି କର୍ମୀ କୃତିତ୍ୱର ସହ ବୁର୍ଲା ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଚନ୍ଦ୍ରକାନ୍ତି ୨୦୧୯ ମସିହାରେ ମେଣ୍ଡା ଉଚ୍ଚ ବିଦ୍ୟାଳୟରୁ ଦଶମ ଶ୍ରେଣୀ ପାସ କରି ୨୦୨୧ ମସିହାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରୁ ଦ୍ୱାଦଶ ବିଜ୍ଞାନରେ ପାସ କରିଥିଲେ। ସେ ଜଣେ ଚାଷୀ ପରିବାରରୁ ଆସି ତାଙ୍କ ପରିଶ୍ରମ ବଳରେ ସଫଳତା ପାଇଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ରୋଗୀଙ୍କ ସେବା କରିବା ଲକ୍ଷ୍ୟ ରଖିଛନ୍ତି।

## ଗଣେଶ ପୂଜା ଅବସରରେ ଖାଦ୍ୟ ବଣ୍ଟନ



ସୁବଳୟା, ୩୧।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦର ସ୍ଥିତ ଚମ୍ପାପୁର ଗଣେଷ ପୂଜା କମିଟି ପକ୍ଷରୁ ଗଣେଷ ପୂଜା ଅବସରରେ ଖାଦ୍ୟ ବଣ୍ଟନ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ବିକାଶ ମେହେର, ସମ୍ପାଦକ ରବୀନ୍ଦ୍ର ମେହେର, ଆକାଶ ମେହେର ପରିଚାଳନା କରିଥିବା ବେଳେ ଭଷାଣୀ ଉତ୍ସବରେ ଅଶ୍ୱୀନୀ, ସଞ୍ଜିତ, ପ୍ରକାଶ, କୃଷ୍ଣ, ରିଙ୍କୁ, ପଞ୍ଚାନନ, ତିରନ, ସଞ୍ଜିବ, ଦାମୋଦର ଓ ସୁଦାମ ନେତୃତ୍ୱ ନେଇଥିଲେ।

## ବସଲାଟ ସଂରକ୍ଷିତ ଜଙ୍ଗଲରୁ ୪ ଶିକାରୀ ଗିରଫ



ଲଛିପୁର, ୩୧।୮ (ସମିସ): ସୋନପୁର ବନାଞ୍ଚଳ ଲଛିପୁର ସେକ୍ସନ ବସଲାଟ ରିଜର୍ଭ ଜଙ୍ଗଲରେ ବନ ବିଭାଗ ଚଢାଉ କରି ଜନ୍ତୁ ଶିକାର ପାଇଁ ବିଛାଇ ଥିବା ବିଦ୍ୟୁତ ତାର, ଜାଲ ଜବତ କରିବା ସହ ୪ ଜଣ ଶିକାରୀଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ଲଛିପୁର ରେଞ୍ଜ ବସଲାଟ ଜଙ୍ଗଲରେ ଶିକାରୀମାନେ ଜନ୍ତୁ ଶିକାର କରିବା ପାଇଁ ବିଦ୍ୟୁତ୍ ତାର ଓ ଜାଲ ବିଛାଇ ଥିବା ବନବିଭାଗ ଖବର ପାଇଥିଲା। ଲଛିପୁର ବନପାଳ କବିତା ପାତ୍ର ଙ୍କ ନେତୃତ୍ୱରେ ଫରେଷ୍ଟର ରତନଲାଲ ବଢ଼େଇ, ସ୍କାର୍ଡ ଭାଗିରଥି ସାହୁ, ଧିବର ପଧାନ, ଜୟରାମ ମାଝୀ, ପ୍ରକାସ ମହାକୁର, ବନରକ୍ଷୀ ବଳରାମ ନାଏକ ପ୍ରମୁଖ ଜଙ୍ଗଲରେ ଚଢାଉ କରିଥିଲେ। ଚଢାଉ ବେଳେ ସେଠାରୁ ଜନ୍ତୁ ଶିକାର ପାଇଁ ବିଛାଇ ଥିବା ବିଦ୍ୟୁତ ତାର, ଓ ଜାଲ ଜବତ କରିବା ସହ ଛକୋରମାଲ ଗ୍ରାମର ସୁଦାମ ବରିହା (୩୫), ଦାମ ବରିହା (୩୦), ବିଶିକେଶନ ବଗର୍ତ୍ତି (୨୨) ଓ ସ୍ୱପ୍ନେ ବଗର୍ତ୍ତି (୩୨) ଆଦି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ। ଏନେଇ ବନ ବିଭାଗ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନପାଳ କବିତା କର ସୂଚନା ଦେଇଛନ୍ତି।

## ଏଫଆର୍‌ସିସିରେ ସ୍ୱାୟତ୍ତ ଶାସନ ଦିବସ ଓ ନୂଆଖାଇ ଭେଟ୍‌ଘାଟ୍




ତରଭା, ୩୧।୮ (ସମିସ): ତରଭାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଫଆରସିସିରେ ରବିବାର ସ୍ୱାୟତ୍ତ ଶାସନ ଦିବସ ଓ ନୂଆଖାଇ ଭେଟଘାଟ-୨୦୨୫ ଆୟୋଜିତ ହୋଇଯାଇଛି। କ୍ଲବର ସଭାପତି ଶୈଳେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ଦେବେନ୍ଦ୍ର ବିଜୟ ସାହୁ ମୁଖ୍ୟଅତିଥି ଓ ନାରାୟଣ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କୃଷିଭିତ୍ତିକ ଗଣପର୍ବ ନୂଆଖାଇ ସହରାଞ୍ଚଳରେ ସଙ୍କୁଚିତ ହେଉଥିବାରୁ ବକ୍ତା ମାନେ ଚିନ୍ତାବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅଗଷ୍ଟ ମାସରେ ପରଲୋକ ଗମନ କରିଥିବା କ୍ଲବ ସଦସ୍ୟ କୃଷ୍ଣ କୁମାର ବାଘ, ସଂଯୁକ୍ତା ବାଇ ଓ ସାଧୁଚରଣ ମାହାଣାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ହୀରଣ୍ମୟ ପଟ୍ଟନାୟକ ପରିଚାଳନା କରିଥିଲେ। ସଭ୍ୟ ପ୍ରଦୀପ ମାହାଣା, ଜୟପ୍ରକାଶ ନାରାୟଣ ସାହୁ, ଡ଼.ଉପେନ୍ଦ୍ର ପଣ୍ଡା, ରବୀନ୍ଦ୍ର ଠାକୁର, କ୍ଷେତ୍ରବାସୀ ସାହୁ, ରଞ୍ଜନ ସାହୁ, ଦେବେନ୍ଦ୍ର ନାଏକ, ଆନନ୍ଦ ପ୍ରକାଶ ଅଗ୍ରୱାଲ, ଅକ୍ଷୟ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

### ● ବଡ଼ମାଳ ଫାଣ୍ଡିରେ ବିଜେପି କର୍ମୀଙ୍କ ଆତଙ୍କ

## ଅଧିକାରୀ, କନେଷ୍ଟବଳଙ୍କୁ ଆକ୍ରମଣ


ସଇଁତଳା, ୩୧।୮ (ସମିସ): ବଲାଙ୍ଗିର ଜିଲ୍ଲା ସଇଁତଳା ଥାନା ଅଧୀନ ବଡ଼ମାଳ ଫାଣ୍ଡି ଅଧିକାରୀ ହରେକୃଷ୍ଣ ମାଝୀ ଓ କନେଷ୍ଟବଳ ତପନେ ନାଗଙ୍କ ଉପରେ ଆକ୍ରମଣ ହୋଇଛି। ସ୍ଥାନୀୟ ବିଜେପି ନେତାଙ୍କ ଭାଇଙ୍କ ସହ ୩ ଜଣ ବ୍ୟକ୍ତି ପହଞ୍ଚି ଫାଣ୍ଡି ଅଧିକାରୀଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ। ସଇଁତଳା ଥାନା ଅଧିକାରୀ ପହଞ୍ଚି ଘଟଣା ସମ୍ପର୍କରେ ବୁଝାସୁଝା କରଛନ୍ତି। ତେବେ ଏ ସମ୍ପର୍କରେ ବଡ଼ମାଳ ଫାଣ୍ଡି ଅଧିକାରୀ କୌଣସି ପ୍ରକାର ପ୍ରତିକ୍ରିୟା ଦେଉ ନ ଥିବା ବେଳେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠନ ହେବ ବୋଲି ଟିଟିଲାଗଡ଼ ଏସଡିପିଓ ଯୋଶୋବନ୍ତ ପଧାନି କହିଛନ୍ତି।

## ୭ ଦିନ ବ୍ୟାପି ଭଗବତ କଥା ଜ୍ଞାନଯଜ୍ଞ

ଟିଟିଲାଗଡ଼, ୩୧।୮ (ସମିସ): ଟିଟିଲାଗଡ଼ ସହରର ଡିଏନ୍ ରିସର୍ଟରେ ୭ ଦିନ ବ୍ୟାପି ଭଗବତ କଥା ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୃନ୍ଦାବନ ଶ୍ରୀଧାମର ସଞ୍ଜୀବ କୃଷ୍ଣ ଠାକୁରଜି କଥାମୃତ ପରିବେଷଣ କରିଛନ୍ତି। ୨୪ ତାରିଖରୁ ଶନିବାର ଯାଏଁ ସେ ପ୍ରତିଦିନ ବିଭିନ୍ନ କଥା ବସ୍ତୁ ଉପରେ ପ୍ରବଚନ ଦେଇଥିଲେ। କଳାହାଣ୍ଡି ଧର୍ମଗଡ଼ର କିଶୋର ଅଗ୍ରୱାଲ, ନରେଶ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ରମେଶ ଅଗ୍ରୱାଲ, କେସିଙ୍ଗାର ଜୟ ଭଗବାନ ପ୍ରମୁଖ ସହଯୋଗ କରିଥିଲେ।






































● ସଫଳ ହେଲା ବିଜେଡିର ବନ୍ଦ ଡାକରା

## ଜୟପାଟଣାକୁ ଏନ୍‌ଏସି ଘୋଷଣା

ଜୟପାଟଣା, ୩୧।୮ (ସମିସ): ସ୍ୱୟତ୍ତ ଶାସନ ଦିବସରେ ମୋହନ ସରକାର ୧୬ଟିଏନ୍‌ଏସି ଘୋଷଣା କରିଛନ୍ତି।ଯାହାକୁ ନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।ଜୟପାଟଣାକୁ ପୂର୍ବ ବିଜେଡି ସରକାର ଏନ୍‌ଏସି ଘୋଷଣା କରିଥିଲେ।ନିକଟରେବର୍ତ୍ତମାନ ବିଜେପି ସରକାର ପକ୍ଷରୁ ୧୨ଟି ଏନ୍‌ଏସି ଘୋଷଣା କରିଥିଲେ। କିନ୍ତୁ ଜୟପାଟଣା ଏଥିରେ ସାମିଲ ନଥିବା ବେଳେ ବିଜେଡି ଜିଲ୍ଲା ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଓ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଜିଲ୍ଲା ବିଜେଡି ସଭାପତିଙ୍କ ଆହ୍ୱାନକ୍ରମେ ଜୟପାଟଣା ବିଜୁ ଜନତା ଦଳ ପକ୍ଷରୁ ଏନ୍‌ଏସି ଦାବି ନେଇ ୬ ଘଣ୍ଟା ଜୟପାଟଣାକୁ ବନ୍ଦ ଡାକରା ଦିଆଯାଇଥିବା ଏଥିରେ ସମସ୍ତେ ସାମିଲ ହୋଇଥିଲେ।ବର୍ତ୍ତମାନ ଏନ୍‌ଏସି ଘୋଷଣା ହେବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଜୟପାଟଣାବାସୀ।ମୁଖ୍ୟତଃ ଜୟପାଟଣା ସହରରେ ଡ୍ରେନେଜ ସମସ୍ୟା ଉତ୍କଟ ପରିସ୍ଥିତି ସୃଷ୍ଟି କରିଛି।ଏନ୍‌ଏସି ହେଲେ ଜୟପାଟଣା ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି।

## ମ. ରାମପୁରକୁ ଏନ୍‌ଏସି ମାନ୍ୟତା ଦାବି

ମ.ରାମପୁର, ୩୧।୮ (ସମିସ): ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ଏନ୍‌ଏସି ତାଲିକାରେ ମ. ରାମପୁର ସହର ମାନ୍ୟତା ରୁ ବାଦ୍ ପଡ଼ିଛି।ଯାହାକୁ ନେଇ ଉକ୍ତ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଇଛି। ଯାହାକୁ ନେଇ ମ. ରାମପୁର ସଚେତନ ନାଗରିକ ମଞ୍ଚ ତରଫରୁ ସ୍ଥାନୀୟ ଡାକ ବଙ୍ଗଳା ଓ ବସଷ୍ଟାଣ୍ଡ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଯାଇଛି। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷପୁଷ୍ପେନ୍ଦ୍ର ସିଂହଦେଓ, ରାଜ୍ୟ ସରପଞ୍ଚ ସଙ୍ଘ ସଭାପତି ରୋମାଞ୍ଚ ସାହୁ(ରାଷ୍ଟ୍ର), ସମାଜସେବୀ ସତ୍ୟ ନାରାୟଣ ସାହୁ, ପ୍ରେସ କ୍ଲବ ସଭାପତି ପ୍ରଶାନ୍ତ ସାମନ୍ତରା, ବିକାଶ ରଞ୍ଜନ ସିଂହଦେଓ ମ.ରାମପୁର ଜନଜାଗରଣ ମଞ୍ଚ ସଭାପତି ଚମରା ବଗର୍ତ୍ତି ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ପାତରଅନ୍ତର ନୀତିକୁ ଦୃଢ଼ ନିନ୍ଦା କରିଥିଲେ। ଯଦିଓ ମ.ରାମପୁର ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ନ କରନ୍ତି ତେବେ ଆଗାମୀ ଦିନରେ ଉକ୍ତ ଅଞ୍ଚଳର ଜନସାଧାରଣ ରାଜରାସ୍ତା କୁ ଓହ୍ଲାଇବା ସହ ବିଧାନସଭା ସମ୍ମୁଖରେ ଧାରଣ ଦେବା ନେଇ ଚେତାବନୀ ଦେଇଛନ୍ତି।

## ଗଣେଶ ବିସର୍ଜନ ଦେଖୁଥିବା ବେଳେ କାନ୍ଥ ଭୁଶୁଡ଼ି ୧୨ ଆହତ

କେସିଙ୍ଗା, ୩୧।୮ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ମୁସ୍କୁଟି ଗ୍ରାମରେ ଗଣେଶ ପୂଜା ବିସର୍ଜନ ଦେଖୁଥିବା ବେଳେ ପାଖରେ ଥିବା ଜର୍ଜରିତ ମାଟି କାନ୍ଥପଡ଼ି ୧୨ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ନାବାଳକ ଅଛନ୍ତି ସମସ୍ତ ଆହାତମାନେ କେସିଙ୍ଗା ସରକାରୀ, ବେସରକାରୀ ଓ ଭବାନୀପାଟଣା ଡାକ୍ତରଖାନା ରେ ଚିକିତ୍ସିତ ହେଉଛନ୍ତି। କେସିଙ୍ଗା ସରକାରୀ ଡାକ୍ତର ଖାନାରେ ଚିକିତ୍ସିତ ହେଉଥବା ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସାମାନ୍ୟ ରହିଥିବା ଡାକ୍ତର ସୂଚନା ଦେଇଛନ୍ତି।

● ଇଚ୍ଛାପୁରରେ ନୂଆଁଖାଇ ଭେଟ୍ ଘାଟ୍

## ଧୂମ୍‌ଧାମରେ ନାଚିଲେ ଗ୍ରାମବାସୀ

ନୂଆପଡ଼ା/କୋମନା, ୩୧।୮ (ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଇଚ୍ଛାପୁର ସ୍କୁଲ ଖେଳ ପଡ଼ିଆରେ ସନମାର୍ଗ ଚାରିଟେବୁଲ ଟ୍ରଷ୍ଟ ଓ ଅଭିରାମ ଆୟୁର୍ବେଦ ଆନୁକୂଳରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି।ଟ୍ରଷ୍ଟ ଅଧ୍ୟକ୍ଷ ରାଜକୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ହାସ୍ୟକବି ରସରାଜ ଅଚ୍ୟୁତ ପୁରୋହିତ, ସମ୍ମାନିତ ଅତିଥି ଭାବେ ବୁଦ୍ଧିକୋମନା ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିବେକାନନ୍ଦ ମହାନ୍ତି, ସମାଜସେବୀ ନବୀନ ଠାକୁର, ଅବସରପ୍ରାପ୍ତଶିକ୍ଷକ ଯୁବଳେଶ୍ୱର ନାଏକ, ଟିକେଲାଲ ଶବର, ସୁବାଷଚନ୍ଦ୍ର ଦାସ, ଇଚ୍ଛାପୁର ଏମଇସ୍କୁଲ ପ୍ରଧାନଶିକ୍ଷକ ଚିନ୍ତାମଣି ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ରବୀନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ନାଏକ, ଶ୍ରୀ ଶବର ଓ ଶ୍ରୀ ଦାସଙ୍କ ସମେତ ଶିକ୍ଷକ ଶ୍ରୀ ବିଶ୍ୱାଳଙ୍କୁ ଗାଁ ପିଲାଙ୍କୁ ଶିକ୍ଷାଦାନ ଓ ଚରିତ୍ର ଗଠନ ପାଇଁ ମାନପତ୍ର ଓ ଉପାଢୌକନ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଗାଁର ବୟସ୍କ ବ୍ୟକ୍ତି ଜଗଦୀଶ ବିଶ୍ୱାଳ, ସଫଳ ଚାଷୀ ତ୍ରିଲୋଚନ ସାହୁ, ଗାଁର ଯୁବ ସାମ୍ବାଦିକ ତଥା ପ୍ରତିଭା ରତନ କେତକୀ, ଶ୍ରେଷ୍ଠ କଳାକାର ଓ କ୍ରୀଡ଼ାବିତ ଭାବେ କଳ୍ପନା ସୁନାନୀ, ଯୁକ୍ତଦୁଇରେ ସର୍ବାଧିକ ନମ୍ବର ପାଇଁ ଛାତ୍ର ଆଦିତ୍ୟ ବିଶ୍ୱାଳ, ଛାତ୍ରୀ ସନ୍ତୋଶିନୀ ପ୍ରଧାନଙ୍କୁ ସମ୍ମାନିତ କରିଥିଲେ।ଏହି ଅବସରରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ବିଚାରକ ଭାବେ ଦେବରାଜ ସେଠୀ, ଭରତ ବିଶ୍ୱାଳ ଓ ନରସିଂ ସୁନାନୀ ଚୟନ କରିଥିଲେ। ଗାଁର ସଚେତନ ଯୁବକ ଚନ୍ଦ୍ରହାସ୍ୟ ପ୍ରଧାନ, ଭରତଚନ୍ଦ୍ର ସାହୁ, ସରୋଜ ପ୍ରଧାନ, ସତ୍ୟ ପ୍ରଧାନ, ଅମୃତ ବିଶ୍ୱାଳ, ଗୋପାଳ କଠାର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷା ବିଭାଗ ମୁଖ୍ୟ କିରାଣି କର୍ଣ୍ଣନିଧି ଶବରଙ୍କ ପରଲୋକ

ନୂଆପଡ଼ା/କୋମନା, ୩୧।୮ (ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟ କିରାଣୀ ଭାବେ କାର୍ଯ୍ୟରତ କର୍ଣ୍ଣ ନିଧି ଶବରଙ୍କ ରବିବାର ରାୟପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଅସୁସ୍ଥ ଅନୁଭବ କରିବାରୁ ଚିକିତ୍ସା ପାଇଁ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।ବ୍ରେନ ଷ୍ଟୋକ୍‌ରେ ତାଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ହେଉଥିଲା।ବଡ ପୁଅ କବଲୁ ଶବର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ତାଙ୍କ ପୈତୃକ ଗାଁ ବରପଦର ସମେତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନୂତନ ମ୍ୟୁନିସିପାଲଟିରୁ ବାଦପଡ଼ିଲା କେସିଙ୍ଗା

### ଅସନ୍ତୋଷ ଝାଡ଼ିଲେ ବିଭିନ୍ନ ସଙ୍ଗଠନର ସଭାପତିଙ୍କ ସମେତ ନଗରପାଳ

କେସିଙ୍ଗା, ୩୧।୮ (ସମିସ)




ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ସମଗ୍ର ଓଡ଼ିଶାର ସମୁଦାୟ ୧୬ଟି ସହରକୁ ଏନ୍‌ଏସି ଓ ୭ଟି ଏନ୍‌ଏସିକୁ ମ୍ୟୁନିସିପାଲଟି ଘୋଷଣା କରିଛନ୍ତି ହେଲେ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହର ମ୍ୟୁନିସିପାଲଟିରେ ସ୍ଥାନ ପାଇନାହିଁ।ଜିଲ୍ଲାରେ ଜୟପାଟଣା, ମଦନପୁର ରାମପୁର ଓ ନର୍ଲା ମୁଖ୍ୟ ଦାବେଦାର ଥିଲେ ମଧ୍ୟ ନର୍ଲା ଓ ଜୟପାଟଣା ବାଜି ମାରିଥିଲେ କୋଉ ଗ୍ରାଉଣ୍ଡରେ ମଦନପୁର ରାମପୁର ସହର ଏନ୍‌ଏସି ହେବାରୁ ବଞ୍ଚିତ ହେଲେ ତାହା ଆଗାମୀ ଦିନରେ ତର୍ଜମା କରାଯିବ। ଏଥିପାଇଁ କିନ୍ତୁ ବର୍ତ୍ତମାନ ରାଜ୍ୟ ବିଜେପି ସରକାରଙ୍କ ପ୍ରତି ମଦନପୁର ରାମପୁରରେ ଅସନ୍ତୋଷ ବଢ଼ିବାରେ ଲାଗିଛି ଯାହାର ପ୍ରତିଫଳନ ଆଗାମୀ କିଛି ଦିନ ମଧ୍ୟରେ ଦେଖିବାକୁ ମିଳିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଅନ୍ୟପଟେ ୬୫ ବର୍ଷର କେସିଙ୍ଗା ଏନ୍‌ଏସି ମଧ୍ୟ ସରକାରଙ୍କ ମ୍ୟୁନିସିପାଲଟି ତାଲିକାରେ ସ୍ଥାନ ପାଇଲା ନାହିଁ। ଏଥିପାଇଁ ଅଞ୍ଚଳର ବିଭିନ୍ନ ସଙ୍ଗଠନ ଓ ଅଞ୍ଚଳବାସୀଙ୍କୁ ଶକ୍ତ ଧକ୍କା ଲାଗିଛି। ନିର୍ବାଚନ ମଣ୍ଡଳୀ ଉଠି ଗଲାପରେ ସବୁକ୍ଷେତ୍ର ରେ କେସିଙ୍ଗା ଅବହେଳିତ ହେବାର ଅନେକ ଦୃଷ୍ଟାନ୍ତ ରହିଛି।ବିଗତ ୧୦ ବର୍ଷରୁ ଅଧିକ ହେଲାଣି ଅନେକ ଦାବୀ ସତ୍ତ୍ୱେ କେସିଙ୍ଗାରୁ ସିଧାସଳଖ ଟ୍ରେନ ମିଳୁନି, ଅନେକ ବର୍ଷରୁ ଡାକ ସେବା ଚାଲିଥିବା ଆରଏମ୍‌ଏସ ତାହା ମଧ୍ୟ ବର୍ତ୍ତମାନ ଉଠିଗଲା, ସହର ମଧ୍ୟରେ ଆର ଓ ବି ଶେଷ ହେବା ଏମିତି ଅନେକ ଉଦାହରଣ ଅଛି। ଏହାର କାରଣ ନେତୃତ୍ୱରର ଅଭାବ ନା ସହରବାସୀ ଏକତ୍ରିତ ନ ହେବା ଜାଣି ହେଉନାହିଁ। ରାଜନେତା, ଉଚପଦସ୍ଥ ଅଧିକାରୀ ଓ ରାଜଧାନୀକୁ ଦୌଡ଼ି ଦୌଡ଼ି ଦିନ ରାତି ଏକ କରିଥିବା ବିଭିନ୍ନ ସଙ୍ଗଠନର ମୁଖ୍ୟମାନେ ବୁଝି ପାରୁନାହାନ୍ତି ଭୁଲ ରହିଲା କେଉଁଠି। ମ୍ୟୁନିସିପାଲଟି ପାଇଁ କିଛି ମାସ ତଳେ ସହର ତଳି ଗାଆଁ ମାନଙ୍କରେ ପଲ୍ଲୀସଭା ଆୟୋଜନ କରାଯାଇ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବା ସହ ସମସ୍ତ ମ୍ୟୁନିସିପାଲଟି ହେବାର ଯୋଗ୍ୟତା ପ୍ରମାଣ ସରକାରଙ୍କ ପାଖରେ ମହଜୁଦ ଥିଲେ ମଧ୍ୟ କେସିଙ୍ଗା ବାଦପଡ଼ିବା ସହଜରେ ଗ୍ରହଣ କରିପାରୁ ନାହାନ୍ତି ଅଞ୍ଚଳବାସୀ। ଆମେ ଉକ୍ତ ବିଷୟ ଉପରେ ସଚେତନ ନାଗରିକ ମଞ୍ଚ ସଭାପତି ଉତ୍ତର ମହଲା ଙ୍କୁ ପଚାରିବାରୁ ନେତୃତ୍ୱରର ଅଭାବ କହି ଆଉଥରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଦରକାର ପଡ଼ିଲେ ପୁଣି ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଶେଷରେ ବର୍ତ୍ତମାନ ମଧ୍ୟ କେସିଙ୍ଗା ମ୍ୟୁନିସିପାଲଟି ହେବାର ଆଶା ରହିଛି ବୋଲି ପ୍ରକାଶ କରିଥିଲେ।କେସିଙ୍ଗା ନଗରପାଳ ନୃପରାଜ ଯାଦବ ମଧ୍ୟ ତାଙ୍କ ପ୍ରତିକ୍ରିୟାରେ ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ କେସିଙ୍ଗାକୁ ଅଣଦେଖା ନିଶ୍ଚିତ ଭାବେ ଦୁଃଖର ବିଷୟ ବୋଲି ପ୍ରକାଶ କରିବା ସହିତ କେସିଙ୍ଗାକୁ ମ୍ୟୁନିସିପାଲଟି ଦାବି ପୁଣି ଥରେ ଦୋହରାଇଥିଲେ।

## ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ମାଓ ସାମଗ୍ରୀ ଜବତ





ନୂଆପଡ଼ା, ୩୧।୮ (ସମିସ): ଓଡ଼ିଶା-ଛତିଶଗଡ଼ ରାଜ୍ୟ ସୀମାନ୍ତ ଗରିଆବନ୍ଧ ଜିଲ୍ଲା ମେନପୁର ଥାନା କୁଲହାଡ଼ିଘାଟ ଜଙ୍ଗଲରେ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଛି ଛତିଶଗଡ଼ ସୁରକ୍ଷା ବାହିନୀ। ବିଶେଷ ସୂତ୍ରରୁ ସୂଚନା ପାଇ ଛତିଶଗଡ଼ ରାଜ୍ୟ ସିଆରପିଏଫ୍ ୬୫ ବାଟାଲିୟନ ଏରିଆ ଡୋମିନେସନ ଅପରେସନ ବେଳେ ନୂଆପଡ଼ା ଜିଲ୍ଲା ସୀମାନ୍ତ କୁଲହାଡ଼ିଘାଟ ଓ ବିନ୍ଦ୍ରାନବାଗଡ଼ ଅଞ୍ଚଳରେ ସର୍ଚିଙ୍ଗ ଅଭିଯାନ ଆରମ୍ଭ କରିଥିଲେ। କମ୍ବିଂ ଅପରେସନ ସମୟରେ ମାଟି ତଳେ ପୋତା ଯାଇ ଥିବା ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଛି। ବିଶେଷ କରି ସିଲାଇ ମେସିନ, ପିଟୁ ବ୍ୟାଗ, ଜୋତା, ଦରି, ଔଷଧ, ତଥା ଖାଦ୍ୟ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଜବତ କରିଥିଲେ। ସିଆରପିଏଫ୍ ଯବାନମାନେ ଘଟଣାସ୍ଥଳରେ ଜବତ ମାଓ ସାମଗ୍ରୀକୁ ପୋଡ଼ି ନଷ୍ଟ କରି ଥିଲେ।ସିଆରପିଏଫ ୬୫ ବାଟାଲିୟନ ସୂଚନା ଦେଇଛନ୍ତି ଯେ, ସୀମାରେ ବିକାଶ ଓ ଶାନ୍ତି ପ୍ରତିଷ୍ଠା ପାଇଁ ଲଗାତାର ଅପରେସନ ଜାରି ରହିବ। ସୀମାନ୍ତରେ ଉଭୟ ରାଜ୍ୟର ସୁରକ୍ଷାବାହିନୀ ମୁତୟନ ରହି କୁମ୍ବିଂ ଅପରେସନକୁ ଜୋରଦାର କରିଥିବା ପୁଲିସ ସୂତ୍ରରୁ କୁହାଯାଇଛି।

## ମଦ ସହ ପିକଅପ୍ ଜବତ; ୪ ଗିରଫ

ମ.ରାମପୁର, ୩୧।୮ (ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ପୁଲିସ ୨ଶହ ଲିଟର ରନ୍ଧା ଦେଶୀ ମଦ ବୋଝେଇ ପିକ ଅପ୍ ଗାଡିକୁ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି। କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ବାଣ୍ଡି ଗାଁରୁ ଗୁନ୍ଦାବାରୁ ଗାଁକୁ ଚୋରା ଚାଲାଣ ବେଳେ ବିଶେଷ ସୂତ୍ରରୁ ଖବର ପାଇ ମ.ରାମପୁର ପୋଲିସ ହାତୀମୁଣ୍ଡା ଗାଁ ନିକଟରେ ଚଢ଼ାଉ କରି



ଜବତ କରିଛି। ଗିରଫ ୪ଜଣ ହେଲେ ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ବାଣ୍ଡି ଗାଁର ବିଦ୍ୟା ସୁନା, ଜାନୀ ମାଝୀ, ବାଳକୃଷ୍ଣ ପାତ୍ର, ବଦନା ମାଝୀ ବୋଲି ଜଣାପଡ଼ିଛି।ଚଢ଼ଉରେ ଏଏସଆଇ ଅଭିରାମ ରାଓ, ଏଏସ ଆଇ ବଳରାମ ଯାନୀ ସମେତ ଅନ୍ୟାନ୍ୟ ପୁଲିସ କର୍ମଚାରୀ ସାମିଲ ଥିଲେ।

## ନର୍ଲାକୁ ଏନ୍‌ଏସି ଘୋଷଣା, ଚାରିଆଡେ ଖୁସିର ମାହୋଲ

ଭବାନୀପାଟଣା, ୩୧।୮ (ସମିସ): ନର୍ଲାକୁ ଏନ୍‌ଏସି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ହେଲେ ନୂତନ



ବିଜେପି ସରକାରରେ ଏନ୍‌ଏସି ତାଲିକା ପ୍ରକାଶ ପାଇବା ପରେ ନର୍ଲା ତାଲିକାରେ ବାଦ ପଡ଼ିଥିଲା। ଏହାକୁ ନେଇ ଗତ ଦୁଇମାସ ଧରି ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଏଥିପାଇଁ ନର୍ଲା ବିକାଶ ମଞ୍ଚ ରାଜ୍ୟ ସରକାରଙ୍କ ବିଭିନ୍ନ ନେତା ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଥିବା ବେଳେ ନର୍ଲା ନିର୍ବାଚନ ମଣ୍ଡଳୀ ସ୍ୱାଭିମାନ ବିକାଶ ମଞ୍ଚ ତରଫରୁ ଗତ ୨୫ତାରିଖରେ ନର୍ଲାକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବି ନେଇ ବିଶାଳ ଶୋଭାଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦେଇଥିଲା। ନର୍ଲାବାସୀଙ୍କ ଦାବିକୁ ସମ୍ମାନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନର୍ଲାକୁ ଏନ୍‌ଏସି ଘୋଷଣା କରିଛନ୍ତି। ଏନ୍‌ଏସି ଘୋଷଣା ପରେ ଚାରିଆଡ଼େ ଖୁସିର ଲହରୀ ଖେଳିଯାଇଛି। ନର୍ଲା ବିଧାୟିକା ମନୋରମା ମହାନ୍ତି, ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ନର୍ଲା ନିର୍ବାଚନ ମଣ୍ଡଳୀ ସ୍ୱାଭିମାନ ବିକାଶ ମଞ୍ଚର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଏବଂ ନର୍ଲା ବିକାଶ ମଞ୍ଚର କର୍ମକର୍ତ୍ତା ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ନୂଆପଡ଼ା/କୋମନା, ୩୧।୮ (ସମିସ): ପରମ୍ପରା ଅନୁଯାୟୀ ନୂଆପଡ଼ା ଜିଲ୍ଲା କୋମନା ନବରାତ୍ରି ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। କୋମନା ସୁନ୍ଦରନଦୀ ଦେମୁହାଣୀ ଘାଟରୁ ପୂଜାର୍ଚ୍ଚନା ପରେ ମାଟି ଅନୁକୂଳ କରାଯାଇଛି। ରବିବାର ଦିନ ରାଧାଷ୍ଟମୀର ଶୁଭ ବେଳାରେ ବାଜା ବଜାଇ ପୂଜାର କର୍ତ୍ତା ଗଙ୍ଗାଧର ପାଣିଗ୍ରାହୀ, ମୁଖ୍ୟ ପୁରୋହିତ ଧବଳେଶ୍ୱର ପାଣଗ୍ରାହୀ, ପୂଜକ ରାଜୁ ପୁରୋହିତ, ପୂଜା କମିଟିର ପ୍ରମୋଦ କୁମାର ପାଢ଼ୀ, ଭୁବନେଶ୍ୱର ନାଏକ, ମଙ୍ଗଳା ପ୍ରସାଦ ବର୍ଗେ, ଶରତ ଚନ୍ଦ୍ର ପାଣିଗ୍ରାହୀ, ଈଶ୍ୱର ସାହୁ, ପାରେଶ ସାହୁ, ମାୟାଧର ସରାଫ ପ୍ରମୁଖ ମାଟି ଅନୁକୂଳ ପୂଜାରେ ଯୋଗଦାନ କରିଥିଲେ।



## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କଲମପୁର, ୩୧।୮ (ସମିସ): କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ତ ବ୍ରାହ୍ମଣ କେନ୍ଦୁଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସ୍ଥାପିତ ଶିକ୍ଷକ ବିନୟ କୁମାର ପଣ୍ଡା ଅବସର ଗ୍ରହଣ କରିଛନ୍ତି। ଶ୍ରୀ ପଣ୍ଡା ୧୯୬୫ ମସିହାରେ ଜନ୍ମଗ୍ରହଣ କରି ୧୮୮୬ମସିହାରେ ତାଙ୍କର ଚାକିରି ଜୀବନ ଆରମ୍ଭ କରିଥିଲେ। ହାରାମାଲ ବ୍ରାହ୍ମଣପଡ଼ାରେ ତାଙ୍କର ବାସସ୍ଥାନ ରହିଥିବା ବେଳେ ପଞ୍ଚାୟତ ବ୍ରାହ୍ମଣକେନ୍ଦୁଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନିୟୋଜିତ ରହିଥିଲେ। ରବିବାର ଦିନ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସମେତ ଅଭିଭାବକ ଅଭିଭାବିକାଙ୍କୁ ନେଇସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାମନାଥ ଶବରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ପଣ୍ଡାଙ୍କୁ ମାନପତ୍ର ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଶିକ୍ଷକ ମାର୍କଣ୍ଡ ଠାକୁର, ଅଶ୍ୱିନୀ କୁମାର ବେହେରା ସହଯୋଗ କରିଥିବା ବେଳେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲିପ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ସନାତନ ଭଞ୍ଜ, ପଣ୍ଡିଗାଁ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ଚୌଧୁରୀ, ଅବସରପ୍ରାପ୍ତ ଶିକ୍ଷକ ମୋହନ ମୁଣ୍ଡ, ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ପଣ୍ଡା, ଶିକ୍ଷକ ନକୁଳ ଚନ୍ଦ୍ର ଶବର, ଦିବ୍ୟରଞ୍ଜନ ମୁଣ୍ଡ, ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ବିଜୟ କୁମାର ସୁର ଦେଓ, ଶିକ୍ଷକ ସୁକାନ୍ତ ପଣ୍ଡା, ସୁମନ୍ତ କୁମାର ଭୋଇ, ଶିକ୍ଷକ ଦିବ୍ୟରଞ୍ଜନ ଦଣ୍ଡସେନା, ଶିକ୍ଷକ ଲକ୍ଷ୍ମଣ ମାଝୀ, ଶିକ୍ଷକ ରାକେଶ ନାଏକ ସମେତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।



## ନୂଆଁଖାଇ ପରେ 'ବନ୍ଧୁ ଭେଟ୍'

କୋକସରା, ୩୧।୮ (ସମିସ): ନୂଆଖାଇ ପରେ ପରେ ଏକ ନିଆରା ପରମ୍ପରା କୋକସରା ସମେତ କଳାହାଣ୍ଡିରେ ଦେଖିବାକୁ ମିଳିଛି। ଏହା ହେଉଛି 'ବନ୍ଧୁ ଭେଟ୍'। ଗୁରୁବାର ଦିନ କୋକସରା ବ୍ଲକର ପ୍ରାୟ ପ୍ରତ୍ୟେକ ଗାଁରେ ପ୍ରବଳ ଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଥିଲା ନୂଆଁଖାଇ। ଶୁକ୍ରବାର ନୂଆଖାଇ ବାସୀ ଓ ଶନିବାର ତିଆସୀ ପର୍ବ ପରେ ରବିବାର ଠାରୁ ଆରମ୍ଭ ହୋଇଛି ବନ୍ଧୁ ଭେଟ୍। ଲୋକେ ଝିଅ ଜ୍ୱାଇଁ ଓ ବନ୍ଧୁବାନ୍ଧବ ଘରକୁ ଯିବା ଆରମ୍ଭ କରି ଦେଇଛନ୍ତି। ପ୍ରାଚୀନ କାଳରୁ ଆଦି ସଂସ୍କୃତିର ଧାରାକୁ ନେଇ ପରିପୃଷ୍ଟ ହୋଇଥିବା ମହାପାର୍ବଣ ନୂଆଖାଇର ଏକ ବିଶିଷ୍ଟ ତଥା ଅନ୍ତିମ ପର୍ଯ୍ୟାୟ ହେଉଛି ବନ୍ଧୁ ଭେଟ୍। ନୂଆଖାଇ ପର୍ବ ଭାଇ, ପାଖ ପଡ଼ିଶା, ଗାଁର ବନ୍ଧୁ ଆଦିଙ୍କୁ ଏକତା ସୁତ୍ରରେ ବାନ୍ଧିଥାଏ। ଗୃହକର୍ତ୍ତାମାନେ ଗୌନ୍ତିଆ, ଜାନୀ, ଝାଙ୍କର, ଗଣା ଆଦିଙ୍କୁ ମଧ୍ୟ ସାଧ ମୁତାବକ ଭାତିଆ ପ୍ରଦାନ କରିଥାନ୍ତି। ନୂଆଖାଇ ସନ୍ଧ୍ୟାରେ ହଳିଆ ତୁଲିଆ ଓ ବୟୋବୃଦ୍ଧମାନେ ଗ୍ରାମର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଘରକୁ ଯାଇ ନୂଆଖାଇ ଟଙ୍କା ଆଣି ମଦ ପିଇଥାନ୍ତି। ଅପରାହ୍ଣରୁ ସନ୍ଧ୍ୟା ପର୍ଯ୍ୟନ୍ତ ବୟସ୍କ ବ୍ୟକ୍ତିମାନେ ତାସ୍ ଖେଳିବା ସହ ଡାପ୍, ବାଡିଖେଳ, ଘୁମୁରା ଆଦି ମନୋରଞ୍ଜନଧର୍ମୀ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିଥାନ୍ତି। ନୂଆଖାଇ ପରଦିନକୁ ବାସି ଭାବେ ପାଳନ କରାଯାଏ। ଏହା ହେଉଛି ମଉଜ ମଜଲିସର ଦିନ। ଘରେ ଘରେ ମାଂସ ରନ୍ଧାଯାଇ ସମସ୍ତେ ଖୁସି ମନରେ ଖାଇଥାନ୍ତି। ଚାଷୀ, ଖଟିଖିଆ ଓ ବିଭିନ୍ନ କର୍ମଜୀବୀ ଏହି ଅବସରରେ ସମସ୍ତ ଦୁଃଖ କଷ୍ଟ ଭୁଲି ଯାଇଥାନ୍ତି। ନୂଆଖାଇର ସପ୍ତାହେ ମଧ୍ୟରେ ଗୃହକର୍ତ୍ତା କିମ୍ବା ପରିବାରର ସଦସ୍ୟମାନେ ଝିଅ ଜ୍ୱାଇଁ, ବନ୍ଧୁବାନ୍ଧବ ଘରକୁ ବୁଲିଯିବାର ପରମ୍ପରା ରହିଛି। ନୂଆଖାଇ ପରେ ଘରକୁ କୁଣିଆ ଆସିଲେ ତାଙ୍କୁ ପରିବାର ପକ୍ଷରୁ ବିଶେଷ ଭାବେ ଚର୍ଚ୍ଚା କରାଯାଏ। ପାରିବାରିକ ଓ ସାମାଜିକ ବନ୍ଧନ ଦୃଢ଼ କରିବାରେ ଏହି ପାର୍ବଣ ମୁଖ୍ୟଭୂମିକା ନିର୍ବାହ କରିଥାଏ।



# ନଷ୍ଟ ହେଉଛି ସରକାରୀ କୋଠା

ମ.ରାମପୁର, ୩୧।୮ (ସମିସ)



ରାଜ୍ୟ ସରକାରଙ୍କ ଅପାରଗତା ହେଉ ଅବା ସରକାରୀ ଅଧିକାରୀ ମାନଙ୍କ ବୈମାତୃକ ମନୋଭାବ ଯେଉଁଥି ପାଇଁ ଅନେକ ସରକାରୀ ଯୋଜନା ଅବା ସରକାରୀ ସମ୍ପତ୍ତି ନଷ୍ଟ ହେବାରେ ଲାଗିଛି। ଏଭଳି କିଛି ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇ ଏବେ ନିଜର ଅସ୍ତିତ୍ୱ ହରେଇବା ଉପରେ! ଏଣେ"ଖତ ଖାଉଛି କୋଟି କୋଟି ଟଙ୍କାର ସରକାରୀ କୋଠା। ଅଥଚ ବିଭାଗୀୟ ଅଧିକାରୀଙ୍କ ନିଘା ନାହିଁ। କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ସହର ଶିଶୁ ମନ୍ଦିର ସମ୍ମୁଖ ଦେଇ ଯାଇଥିବା ରାସ୍ତା ଶେଷ ମୁଣ୍ଡରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ୮ ଗୋଟି ସରକାରୀ କାର୍ଯ୍ୟାଳୟ ଓ କୋଠା ନିର୍ମିତ ହୋଇସାରିଛି। ଅଥଚ ଏଯାଏଁ ଏହା କାର୍ଯ୍ୟକ୍ଷମ ହୋଇପାରି ନାହିଁ କିମ୍ବା କୌଣସି ଅଧିକାରୀ ନାହାଁନ୍ତି କି ସୁରକ୍ଷକର୍ମୀ ମଧ୍ୟ ଜଣେ ନାହାଁନ୍ତି।ଯା ଫଳରେ ଉକ୍ତ ଗୃହ ଗୁଡ଼ିକର ବିଭିନ୍ନ ସରଞ୍ଜାମ, ଆସବାବ ପତ୍ର ଚୋରି ହେବା ସହ ଏହାର ପରିସର ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିବା ଓ ଦେହଜୀବୀଙ୍କ ଚରାଭୂଇଁ ସଦୃଶ ହୋଇଥିବା ସୂଚନା ରହିଛି।ତେବେ ଜଣେ ଗରିବ ଶ୍ରେଣୀର ଲୋକଟି ଘର ଖଣ୍ଡେ ପାଇଁ ବାର ଦୁଆର ଶୁଣ୍ଠି ପିଣ୍ଡା ହେଉଥିବା ବେଳେ କିନ୍ତୁ ସରକାରଙ୍କ ମାଲ ଦରିଆ ମେ ଡ଼ାଲ୍ ଭଳି

**ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନି**

ଏଠି ଗଢ଼ି ଉଠିଥିବା ସରକାରୀ କାର୍ଯ୍ୟାଳୟ ଗୁଡିକ ଅବ୍ୟବହୃତ ହୋଇ ରହିଛି। ତେବେ ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଏ ଦିଗରେ ଯତ୍ନବାନ୍ ହେବା ସହ ଉକ୍ତ କାର୍ଯ୍ୟାଳୟ ଗୁଡ଼ିକ ସୁରକ୍ଷା ଓ ବ୍ୟବହାର ଉପଯୋଗୀ ନିମନ୍ତେ ପଦକ୍ଷେପ ନେବାକୁ ଦାବି ହୋଇଛି।

## ସ୍ୱାୟତ୍ତ ଶାସନ ଦିବସରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

କେସିଙ୍ଗା, ୩୧।୮ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳନ ହୋଇଯାଇଛି।ଏଥି ପାଇଁ ଏନ୍‌ଏସି ପାଖ କଲ୍ୟାଣ ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ପରିଷଦ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅଧ୍ୟକ୍ଷଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା।ପରେ ପରିଷଦ ବୃନ୍ଦ, ଏନ୍ ଏ ସି କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସଚେତନତାର ବାର୍ତ୍ତା ନେଇ ସହର ପରିକ୍ରମା ଅନୁଷ୍ଠିତ ହୋଇଥିଲା।ପରେ ସହରରେ କେସିଙ୍ଗା ଏନ୍‌ଏସି ପକ୍ଷରୁ ବିଭିନ୍ନ ୱାର୍ଡରେ ନବନିର୍ମିତ ପ୍ରକଳ୍ପ ଗୁଡ଼ିକର ଯଥା କଂସେଇ ଖାନା, ଗୋଷ୍ଠୀକେନ୍ଦ୍ର, ମିଶନ ଶକ୍ତି ଗୃହ ଉଦ୍ଘାଟନ କରାଯାଇ ଅଞ୍ଚଳବାସୀଙ୍କୁ ଉତ୍ସର୍ଗୀଗତ କରାଯାଇଥିଲା।ଶେଷରେ କଲ୍ୟାଣ ମଣ୍ଡପ ଠାରେ ଅଧ୍ୟକ୍ଷ ନୃପ ରାଜ ଯାଦବଙ୍କ ସଭାପତିତ୍ୱରେ ସଭାର ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷ ନିଜ ଅଭିଭାଷଣରେ କେସିଙ୍ଗା ଏନ୍‌ଏସିପକ୍ଷରୁ ଉନ୍ନତିମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ।ଏନ୍‌ଏସି ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀକୁ ପୁରସ୍କାର ବଣ୍ଟନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ ପୂର୍ବତନ ସାଂସଦ ଅର୍କକେଶରି ଦେଓ।ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, କନିଷ୍ଠଯନ୍ତ୍ରୀ ନାରାୟଣ ମହାରଣା, ମୋହନ ସାହୁ, ଶ୍ରୀନିବାସ ଶ୍ରିନୁ, ଆକୁଳ ନାଏକ, ଗଦାଧର ସିଂଦେଓ, ପ୍ରଶାନ୍ତ ବାରିକ, ସମସ୍ତ ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ।ମଞ୍ଚ ପରିଚାଳନା କରିଥିଲେ ପରିଷଦ କର୍ମଚାରୀ ନୃସିଂହ ଚରଣ ବେହେରା।



# ଜାତୀୟ କ୍ରୀଡ଼ା ଦିବସ ଅବସରରେ ସାଇକଲ ଶୋଭାଯାତ୍ରା

ବୌଦ୍ଧ,୩୧।୮ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଜାତୀୟ କ୍ରୀଡା ଦିବସ ଅବସରରେ ସାଇକଲ ଶୋଭାଯାତ୍ରା ଶୁଭାରମ୍ଭ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ଏହି ସାଇକଲ ଶୋଭାଯାତ୍ରକୁ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ, ସହକାରୀ ଜିଲ୍ଲାପାଳ ଅକ୍ରୁର ଯାନୀ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶୋଭାଯାତ୍ରା କୋର୍ଟ ଛକ ପୋଡ଼ାପଡା ଛକ, ଗାନ୍ଧୀ ଛକ, ବାଘଗୁଡ଼ା ଛକ, ଜାମୁଛକ, ଟ୍ରେଜେରୀ ଛକ ଦେଇ ଜିଲ୍ଲା ଷ୍ଟାଡିୟମରେ ପହଞ୍ଚି ଥିଲା। ଏହି ସାଇକଲ ଶୋଭାଯାତ୍ରରେ ସହରର ବିଭିନ୍ନ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।




# ମନମୁଣ୍ଡାକୁ ମିଳିଲାନି ଏନ୍ଏସି ମାନ୍ୟତା

ମନମୁଣ୍ଡା,୩୧।୮ (ସମିସ):

ରାଜ୍ୟ ସରକାର ରବିବାର ୧୬ଟି ନୂତନ ଏନ୍ଏସି ଘୋଷଣା କରିଛନ୍ତି। ଏଥିରେ କିନ୍ତୁ ବୌଦ୍ଧ ଜିଲ୍ଲା ମନମୁଣ୍ଡାର ନାଁ ନାହିଁ। ଏଣୁ ମୋହନ-ବିଜେପି ସରକାର ଉପରେ ଜନସାଧାରଣ ଖପ୍ପା ହୋଇଛନ୍ତି। ଏହାକୁ ନେଇ ଲୋକେ ଆନ୍ଦୋଳନ ପାଇଁ ସଜବାଜ ହେଲେଣି।

ବିଜେପି ସରକାର ପ୍ରଥମ ପର୍ଯ୍ୟାୟରେ ୧୨ଟି ଏନ୍ଏସି ଘୋଷଣା କରିଥିଲା। ସେଥିରେ ମନମୁଣ୍ଡାକୁ ବାଦ ଦିଆଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟକୁ ଧୈର୍ଯ୍ୟ ଧରି କରିବାକୁ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗ ମନମୁଣ୍ଡାବାସୀଙ୍କୁ କହିଥିଲେ। କିଛି ଦିନ ପୂର୍ବରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମନମୁଣ୍ଡା ଗସ୍ତରେ ଆସିଥିବାବେଳେ ମନମୁଣ୍ଡା ଏନ୍ଏସି ଆହ୍ୱାନ କମିଟି ସଭାପତି ରାଧେଶ୍ୟାମ ସାହୁଙ୍କ ନେତୃତ୍ୱରେ ସାମ୍ବାଦିକ ବୈଦ୍ୟନାଥ ହୋତା, ଆଶିଷ ସାହୁ, ବିପ୍ରଚରଣ ବେହେରା, ଛନ୍ଦା ଚରଣ ମେହେର, ସାମ୍ବାଦିକ ବିରଜା ନନ୍ଦନ ଦାନୀ, ଆଇନଜୀବୀ ଅକ୍ରୁର ବେହେରା ପ୍ରମୁଖ ଏନ୍ଏସି ପାଇଁ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ଶ୍ରୀ ମହାପାତ୍ର ସକାରାତ୍ମକ ମନ୍ତବ୍ୟ ମଧ ଦେଇଥିଲେ। ରବିବାର ସରକାର ନୂତନ ଏନ୍ଏସି ଘୋଷଣା କରିଛନ୍ତି। ମନମୁଣ୍ଡାକୁ କିନ୍ତୁ ଉପେକ୍ଷା

**■ ମୋହନ-ବିଜେପି ସରକାର ଉପରେ ଖପ୍ପା ଜନସାଧାରଣ**

**■ ଆନ୍ଦୋଳନ ପାଇଁ ସଜବାଜ**

କରାଯାଇଛି। ଏହାକୁ ନେଇ ମନମୁଣ୍ଡା ଅଞ୍ଚଳରେ ଘୋର ଅସନ୍ତୋଷ ଦେଖା ଦେଇଛି। ରାଜ୍ୟ ସରକାରଙ୍କ ଉପରେ ବିଶୋଦଗାର ପ୍ରକାଶ ପାଇଛି। କଣ୍ଟାମାଳ ବିଜେପି ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କୁ ମନମୁଣ୍ଡା ପଞ୍ଚାୟତ ତଥା ଏହି ଜିଲ୍ଲାପରିଷଦ ଜୋନ ନଂ ୩ରୁ ସର୍ବାଧିକ ଭୋଟ ଦେଇ ଲୋକେ ବିଜୟୀ ମଧ କରିଥିଲେ। ଏହା ସତ୍ତ୍ୱେ ମଧ ମନମୁଣ୍ଡାକୁ ଅଣଦେଖା କରାଯାଇଛି। ବୌଦ୍ଧ ଜିଲ୍ଲାରେ ଏନ୍ଏସି ପାଇଁ ମନମୁଣ୍ଡା ସବୁଠୁ ଅଧିକ ସାମ୍ଭାବ୍ୟତା ( ଫିଜିବିଲିଟି) ରହିଛି। ପଶ୍ଚିମ ଓଡ଼ିଶାରୁ ପୂର୍ବ ଓ ଦକ୍ଷିଣ ଓଡ଼ିଶାକୁ ଗମନାଗମନର ପ୍ରବେଶ ଦ୍ୱାର ଭାବେ ପରିଚିତ ମନମୁଣ୍ଡା ଲୋକ ସଂଖ୍ୟା ଦୃଷ୍ଟିରୁ ବୌଦ୍ଧ ଜିଲ୍ଲାର ସବୁଠୁ ବଡ ପଞ୍ଚାୟତ। ମନମୁଣ୍ଡା ଥାନା ଅଧୀନରେ ୧୭ଟି ପଞ୍ଚାୟତ ରହିଛି। ଏହାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ୨୪ଟି ପଞ୍ଚାୟତ ରହିଛି। ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ସହ ସଂଲଗ୍ନ ତଥା ମହାନଦୀ-ତେଲନଦୀ କୂଳରେ ଅବସ୍ଥିତ ମନମୁଣ୍ଡାରେ ସମସ୍ତ ସ୍କୁଲ, କଲେଜ, ଡାକଘର, ବ୍ୟାଙ୍କ୍ ସମେତ ପ୍ରାୟ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନ ରହିଛି। ବ୍ଲକ, ଜିଲ୍ଲା ସଦର ମହକୁମା, ରାଜଧାନୀ ସହ ରାଜ୍ୟର ପ୍ରାୟ ସମସ୍ତ ଛୋଟ ବଡ ସହରକୁ ଗମନାଗମନର ପର୍ଯ୍ୟାପ୍ତ ସୁବିଧା ଓ ସାଧନ ଥିବା ଏହା ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର। ଏ ଅଞ୍ଚଳର ରାସ୍ତାଘାଟ ପ୍ରାୟ ପିଚୁ ଓ କଂକ୍ରିଟ ସହ ଡ୍ରେନେଜ ସୁବିଧା ରହିଛି। ରାଜସ୍ୱ ଆୟ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଓ ସୁବିଧା ରହିଛି। ଘଞ୍ଚ ଜନ ବହୁଳ ତଥା ବ୍ୟସ୍ତ ବହୁଳ ମନମୁଣ୍ଡାର ରକ୍ଷଣାବେକ୍ଷଣ ତଥା ପରିଚାଳନା ପାଇଁ ପଞ୍ଚାୟତ ପାଣ୍ଠି ପର୍ଯ୍ୟାପ୍ତ ହେଉ ନାହିଁ। ଏନ୍ଏସି ବିନା ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଅସମ୍ଭବ। ଏଥିପାଇଁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାରର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ମନମୁଣ୍ଡାକୁ ଏନ୍ଏସି ମାନ୍ୟତା ପ୍ରଦାନ ଦାବିରେ ତତ୍କାଳୀନ ଗୃହ ଓ ସହରାଞ୍ଚଳ ଉନ୍ନୟନ ମନ୍ତ୍ରୀଙ୍କୁ ୨୦୨୦ ନଭେମ୍ବର ୨୩ରେ ମନମୁଣ୍ଡା ଏନ୍ଏସି ଆହ୍ୱାନ କମିଟି ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ୨୦୨୪ରେ ବିଜେଡି ସରକାରଏନ୍ଏସି ଘୋଷଣା ବେଳେ ସେଥିରେ ମନମୁଣ୍ଡାକୁ ସାମିଲ କରାଯାଇଥିଲା। ଡବଲ ଇଞ୍ଜିନ ସରକାର ଏହାର ପୁନର୍ବିଚାର କରି ମନମୁଣ୍ଡାକୁ ତୁରନ୍ତ ଏନ୍ଏସି ଘୋଷଣା ତଥା ତାଲିକାଭୁକ୍ତ କରିବାକୁ ସାଧାରଣରେ ଦୃଢ଼ ଦାବି କରାଯାଇଛି। ଅନ୍ୟଥା ଏହାକୁ ନେଇ ଜୋରଦାର ଆନ୍ଦୋଳନ ଓ ବନ୍ଦ ପାଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।




# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ବୌଦ୍ଧ,୩୧।୮ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ତାଳବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତାଳବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଭାପତି ସୁଜାତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ହୃଦାନନ୍ଦ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ସାହୁ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶୀଲ ପରିଡା, ପିପଲକଟା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ମିଶ୍ର, ରାଧାନଗର ସ୍କୁଲର ପ୍ରଧାନ ଶିକ୍ଷକ ଦେବରାଜ ମଲିକ, ବ୍ଲକ୍ ଶିକ୍ଷା ଯୋଜନା ସଂଯୋଜକ ବାଳଗୋପାଳ ସ୍ୱାଇଁ, ଧଳପୁର ସ୍କୁଲର ପ୍ରଧାନ ଶିକ୍ଷକ ପଲସ୍ତି ଭୋକ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ସନ୍ତୋଷ ଜେନାଙ୍କୁ ଔପଢୌକନ ଓ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚାସୀନ ଅତିଥିମାନେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକଙ୍କ ଚାକିରି ସମୟର କାର୍ଯ୍ୟକଳାପ, ସମୟାନୁବର୍ତ୍ତିତା, ଛାତ୍ର ବତ୍ସଳତା ଆଦି ସୁଗୁଣଗୁଡ଼ିକ ଉପରେ ପ୍ରଶଂସା କରିଥିଲେ। ଶିକ୍ଷକ ଶ୍ରୀଧର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଚିଦାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଶୁଭଶ୍ରୀ ବେହେରା, ଶରତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।





















## ମଦ ଜବତ, ଜଣେ ଗିରଫ

ଶଗଡା,୩୧।୮ (ସମିସ):ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଖଇରମାଳ ଗ୍ରାମ ନିକଟ ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତି ଚାଲିଥିବା ଖବର ପାଇ ଅବକାରୀ ବିଭାଗ ଚଢ଼ଉ କରିଛି। ତେବେ ଘଟଣା ସ୍ଥଳରୁ ମାଫିଆ ଫେରାର ମାରିଥିବା ବେଳେ ଅବକାରୀ ଟିମ୍ ୨୮୦ କେଜି ମହୁଲ ପୋଚ ସହ ୩୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି। ସେହିପରି ଜିଲ୍ଲା ଅବକାରୀ ମୋବାଇଲ ଟିମ୍ ବାଉଁଶୁଣି ଥାନା ବାଦିକଟା ଗ୍ରାମ୍ୟ ରାସ୍ତାରେ ଚଢ଼ଉ କରି ଶିଶିର ମହାକୁଡ଼ ନିକଟରୁ ୨୬ ଲିଟର ଦେଶୀ ମଦ ଜବତ କରିବା ସହ ତାକୁ ଗିରଫ କରିଥିଲା। ଜିଲ୍ଲା ଅବକାରୀ ମୋବାଇଲ ଟିମ୍‌ର ଏସ୍ଆଇ ସତ୍ୟନାରାୟଣ ପ୍ରଧାନ ଏହି ସୂଚନା ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଐତିହ୍ୟ

- ୧୯୪୨- ଇଣ୍ଡିଆନ ନେସନାଲ ଆର୍ମି ଗଠନ ହେଲା।
- ୧୯୫୬- ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ସ୍ଥାପନା।
- ୧୯୭୪- ଇଣ୍ଡିଆନ୍ ଅଏଲ୍ ରିଫାଇନାରି ଓ ଇଣ୍ଡିଆନ୍ ଅଏଲ୍ କମ୍ପାନିକୁ ମିଶାଇ ଦିଆଯାଇ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ କରିଦିଆଗଲା।
- ୧୯୯୭- ପରିବେଶବିତ୍ ଏମ୍.ସି ମେହେତାଙ୍କୁ ରମଣ ମାଗାସେସ୍ ପୁରସ୍କାର ଦିଆଗଲା।



## ତାନ୍ତ୍ରିକ ଭୂମିକାରେ ଶିଳ୍ପା

ଖୁବ୍ ଶୀଘ୍ର ସୁପର୍ ନାଚୁ୍ୟରାଲ ଥ୍ରିଲର୍ ଫିଲ୍ମ 'ଜଟାଧାରା' ରିଲିଜ୍ ହେବାକୁ ଯାଉଛି। ଏଥିରେ ସୋନାକ୍ଷୀ ସିହ୍ନା ଓ ସୁଧୀର ବାବୁ ମୁଖ୍ୟ ଚରିତ୍ରରେ ନଜର ଆସିବେ। ନିକଟରେ ଏହାର ଟିଜର୍ ଜାରି କରାଯାଇଥିଲା। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏବେ ଏହି ଫିଲ୍ମର ଅନ୍ୟ ଜଣେ ଅଭିନେତ୍ରୀଙ୍କ ଲୁକ୍‌କୁ ସେୟାର୍ କରାଯାଇଛି। ଫିଲ୍ମରେ ଶିଳ୍ପା ଶିରୋଦକର ମଧ୍ୟ ନଜର ଆସିବେ। ଶିଳ୍ପାଙ୍କୁ ତାନ୍ତ୍ରିକ ଭୂମିକାରେ ଦେଖିବାକୁ ମିଳିବ। ପୋଷ୍ଟର୍‌ରେ ଶିଳ୍ପା ଯଜ୍ଞକୁଣ୍ଡ ସମ୍ମୁଖରେ କଳା ରଙ୍ଗର ଶାଢ଼ି ପିନ୍ଧି ତନ୍ତ୍ର ମନ୍ତ୍ର କରୁଥିବାର ଦେଖାଯାଇଛନ୍ତି। ତାଙ୍କ ପଛରେ ଅନେକଗୁଡ଼ିଏ ଦୀପ ରହିଛି। ଏଥିରେ ତାଙ୍କ ଚରିତ୍ରର ନାମ ଶୋଭା ରହିଛି। ତେବେ ଶିଳ୍ପାଙ୍କ ଏହି ଲୁକ୍‌କୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏଯାଏଁ ଫିଲ୍ମର ରିଲିଜ୍ ଡେଟ୍ ଘୋଷଣା କରାଯାଇ ନାହିଁ। ପ୍ରେରଣା ଅରୋରା ଓ ଜି ଷ୍ଟୁଡିଓ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। ଭେଙ୍କଟ କଲ୍ୟାଣ ଓ ଅଭିଷେକ ଜୟସୱାଲ ଏହାର ନିର୍ଦ୍ଦେଶନା ଦେଇଛନ୍ତି।





## ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡି କ୍ଷତିକାରକ

ଶରୀରକୁ ସୁସ୍ଥ ରଖିବା ପାଇଁ ଅନ୍ୟ ଭିଟାମିନ୍ ଭଳି ଭିଟାମିନ୍ ଡି ମଧ୍ୟ ଖୁବ୍ ଜରୁରି। ହେଲେ ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡି ଶରୀର ପାଇଁ କ୍ଷତିକାରକ। ୨୦୨୪ ମସିହାରେ ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡିର ସେବନ ଯୋଗୁଁ ବ୍ରିଟେନର ୮୯ ବର୍ଷୀୟ ଜଣେ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଭିଟାମିନ୍ ଡି'ର ଓଭରଡୋଜ୍ ଯୋଗୁଁ ତାଙ୍କ ହାର୍ଟ ଏବଂ କିଡ୍‌ନୀ ଫେଲ୍ ହୋଇଯାଇଥିଲା ବୋଲି ସେତେବେଳେ ଡାକ୍ତର କହିଥିଲେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ୧୯ରୁ ୭୦ ବର୍ଷୀୟ ବୟସ୍କ ବ୍ୟକ୍ତିବିଶେଷଙ୍କୁ ପ୍ରତିଦିନ ୧୫ ମାଇକ୍ରୋଗ୍ରାମ୍ ଏବଂ ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ୨୦ ମାଇକ୍ରୋଗାମ୍ ଭିଟାମିନ୍ ଡି ସେବନ କରିବା ଉଚିତ। ସେହିପରି ଜଣେ ବୟସ୍କ ବ୍ୟକ୍ତି ଅତି ବେଶୀରେ ପ୍ରତିଦିନ ୧୦୦ ମାଇକ୍ରୋଗାମ୍ ଭିଟାମିନ୍ ଡି ନେଇପାରିବେ। ପ୍ରତିଦିନ ଏହାଠୁ ଅଧିକ ଭିଟାମିନ୍ ଡି ସେବନ କରିବା ବିଷ ତୁଲ୍ୟ ହୋଇଥାଏ। ତେବେ କ୍ଲିଭ୍‌ଲ୍ୟାଣ୍ଡ କ୍ଲିନିକ୍ ଅନୁସାରେ, କିଛି ଲୋକଙ୍କ ପାଇଁ ୧୦୦ ମାଇକ୍ରୋଗାମ୍ ଭିଟାମିନ୍ ଡି ବି କ୍ଷତିକାରକ ହୋଇପାରେ। ଭିଟାମିନ୍ ଡି ଶରୀରରେ ଅଧିକ ହେବା ଦ୍ୱାରା ରକ୍ତରେ କ୍ୟାଲସିୟମ୍ ସ୍ତର ବଢ଼ିଯାଏ। ପ୍ରାରମ୍ଭିକ ଲକ୍ଷଣ ଭାବେ ବାନ୍ତି, କୋଷ୍ଠକାଠିନ୍ୟ, ପେଟ ଯନ୍ତ୍ରଣା ଏବଂ ଭୋକ କମ୍ ଲାଗେ। ସେହିପରି ଏହି ସ୍ଥିତି ଅଧିକ ଉତ୍କଟ ହେଲେ ମଣିଷ ଚେତାଶୂନ୍ୟ ହେବା ଆଶଙ୍କା ରହିଛି। କେବଳ ସେତିକି ନୁହେଁ, କିଡ୍‌ନି ଜନିତ ସମସ୍ୟା, ମାଂସପେଶୀ ଯନ୍ତ୍ରଣା ଓ ଦୁର୍ବଳ ଲାଗିବା ଏବଂ ହୃଦ୍ ସ୍ପନ୍ଦନ ସହ ଜଡ଼ିତ ସମସ୍ୟା ମଧ୍ୟ ଦେଖା ଦେଇପାରେ। ତେବେ ଏହାର ଅତ୍ୟଧିକ ପ୍ରଭାବ ପ୍ରଥମେ କିଡ୍‌ନି ଉପରେ ପଡ଼ିଥାଏ। ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ଅନୁସାରେ, ଏହାଦ୍ୱାରା କିଡ୍‌ନିରେ ଷ୍ଟୋନ, କ୍ୟାଲସିୟମ ଜମିବା ଏବଂ ଅଚାନକ ଏହା ଖରାପ ହେବା ସମସ୍ୟା ଦେଖା ଦିଏ। ଏହାପରେ ଏହାର ଅଧିକ ପ୍ରଭାବ ହାର୍ଟ ଉପରେ ପଡ଼ିଥାଏ। ଫଳରେ ହୃଦ୍‌ଘାତ ହେବା ଆଶଙ୍କା ଥାଏ। ଭିଟାମିନ୍ ଡି ସ୍ୱାସ୍ଥ୍ୟ ଲାଗି ଜରୁରି। ହେଲେ ସବୁବେଳେ ଠିକ୍ ମାତ୍ରାରେ ଏବଂ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏହାକୁ ନେବା ଉଚିତ।

## ଆଠମାସ ପାଣିରେ ବୁଡ଼ିରୁହେ ମନ୍ଦିର

ଭାରତର କୋଣ ଅନୁକୋଣରେ ଅନେକ ମନ୍ଦିର ଅଛି। କିଛି ମନ୍ଦିର ତା'ର ସ୍ଥାପତ୍ୟ ଓ କଳାକୃତି ପାଇଁ ଜଣାଯାଉଥିବାବେଳେ ଆଉ କିଛି ତା'ର ରହସ୍ୟମୟ ଇତିହାସ ପାଇଁ ଚର୍ଚ୍ଚିତ। ଏହିକ୍ରମରେ ହିମାଚଳ ପ୍ରଦେଶରେ ଥିବା ବାଥୁ କି ଲଡ଼ି ଶୈବପୀଠ ବର୍ଷକୁ ଆଠ ମାସ ପାଣି ଭିତରେ ବୁଡ଼ି ରହିଥାଏ। କେବଳ ଚାରି ମାସ ଶ୍ରଦ୍ଧାଳୁ ଭଗବାନଙ୍କୁ ଦର୍ଶନ କରିପାରନ୍ତି। ବାଥୁ କି ଲଡ଼ି ମନ୍ଦିର ପଞ୍ଜାବର ଜଳନ୍ଧରଠାରୁ ପ୍ରାୟ ୧୫୦ କିଲୋମିଟର ଦୂରରେ ମହାରାଣା ପ୍ରତାପ ସାଗର ହ୍ରଦର ଏକ ଟାପୁରେ ରହିଛି। ଏଠାରେ ମୁଖ୍ୟ ମନ୍ଦିର ବ୍ୟତୀତ ଆହୁରି ପାଞ୍ଚୋଟି ଛୋଟ ମନ୍ଦିର ଅଛି, ଯାହାକୁ ଦୂରରୁ ଦେଖିଲେ ଏକ ମାଳାରେ ଗୁନ୍ଥା ହୋଇଥିବା ପରି ମନେହୁଏ, ତେଣୁ ଏହି ମନ୍ଦିରକୁ ବାଥୁ କି ଲଡ଼ି (ମାଳା) କୁହାଯାଏ। ଏହି ମନ୍ଦିରର ସମ୍ପର୍କ ମହାଭାରତ କାଳରୁ ଥିବା କଥା ସ୍ଥାନୀୟ ଲୋକେ କୁହନ୍ତି। ସେହିଭଳି ଆଉ କିଛି ଲୋକ ସ୍ଥାନୀୟ ଅଞ୍ଚଳର ରାଜା ଏହାକୁ ନିର୍ମାଣ କରିଥିବା କଥା କୁହନ୍ତି। ଏହି ମନ୍ଦିର ଜୁଲାଇରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ପାଣି ଭିତରେ ବୁଡ଼ି ରୁହେ। ହ୍ରଦରୁ ପାଣି କମିବା ପରେ ମାର୍ଚ୍ଚରୁ ଜୁନ୍ ମାସ ଯାଏଁ ଏହା ଦୃଶ୍ୟମାନ ହୁଏ। ଏଠାରେ ଥିବା ଛଅଟି ମନ୍ଦିରରୁ ପାଞ୍ଚୋଟି ଭଗବାନ ବିଷ୍ଣୁଙ୍କୁ ସମର୍ପିତ ହୋଇଥିବାବେଳେ ଗର୍ଭଗୃହରେ ଭଗବାନ ଶିବ ବିରାଜିତ। ଏହି ମନ୍ଦିରକୁ ଦର୍ଶନ କରିବା ପାଇଁ ଲୋକେ ଡଙ୍ଗାରେ ଯାଇଥାନ୍ତି। ଅନ୍ୟପଟେ ବାଥୁ ନାମକ ଶକ୍ତିଶାଳୀ ପଥରରୁ ଏହି ମନ୍ଦିର ନିର୍ମାଣ କରାଯାଇଥିବାରୁ ଆଠ ମାସ ପାଣି ଭିତରେ ବୁଡ଼ି ରହିଲେ ବି ଏହାର ସଂରଚନାରେ କୌଣସି ପରିବର୍ତ୍ତନ ଆସେ ନାହିଁ ବୋଲି କୁହାଯାଏ।



## ସୁନିଆ ଓ ବାମନ ଜନ୍ମ



ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥୀରେ ସୁନିଆ ପର୍ବ ଓ ବାମନ ଉତ୍ସବ ପାଳନ କରାଯାଏ। ଏଥର ଏହି ପର୍ବ ସେପ୍ଟେମ୍ବର ୪ ତାରିଖରେ ପାଳନ ହେବ। ଏହିଦିନ ବାମନ ଅବତାରରେ ବିଷ୍ଣୁ ଅଦିତିଙ୍କ ଗର୍ଭରୁ ଜନ୍ମ ହୋଇଥିଲେ। ଏହି ପବିତ୍ର ତିଥିକୁ 'ବାମନ ଦ୍ୱାଦଶୀ' ବି କୁହାଯାଏ। ଅନ୍ୟପକ୍ଷରେ ଏହି ଦିନ ଗଜପତିଙ୍କ ନୂଆ ଅଙ୍କ ଆରମ୍ଭ ହୁଏ। ତେଣୁ ଏହାକୁ ଉତ୍କଳୀୟ ନବବର୍ଷ ବୋଲି କୁହାଯାଏ। ଓଡ଼ିଆ ଜାତକରେ ବର୍ଷ, ମାସ, ତାରିଖ ଓ ନକ୍ଷତ୍ର ଲେଖା ଥାଏ। ସୁନିଆ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିଆସନ ବର୍ଷର ଗଣନା ହୋଇଥାଏ। ଏହିଦିନ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସି ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟି ଦେଇ ମହାରାଜାଙ୍କୁ ଆଶୀର୍ବାଦ କରିଥାନ୍ତି। ସମସ୍ତଙ୍କୁ ଶ୍ରୀନଅରରେ ମହାପ୍ରସାଦ ମଧ୍ୟ ବଣ୍ଟାଯାଏ। ତେବେ ସୁନିଆରେ ଗଜପତି ମହାରାଜା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି କନକ ଭେଟି ଅର୍ପଣ କରିବାର ପ୍ରଥା ଅଛି। ଏହିଦିନ ସ୍ୱର୍ଣ୍ଣମୁଦ୍ରାରେ ଗଜପତି ମହାରାଜାଙ୍କ ନୂତନ ଅଙ୍କ କଟାଯାଇ ନୂତନ ଅଙ୍କର ଗଣନା ଆରମ୍ଭ ହୁଏ। ଏବେ ରାଜତନ୍ତ୍ର ନ ଥିଲେ ମଧ୍ୟ ରାଜ ପରିବାରମାନଙ୍କରେ ଏହିପର୍ବ ଯଥାବିଧି ପାଳିତ ହୋଇ ଆସୁଛି।

## ସ୍ୱସ୍ତି

## ଭାଗବତ ଜନ୍ମ

ଶ୍ରୀମଦ୍ ଭାଗବତ ହେଉଛି ଭଗବାନଙ୍କ ବାଙ୍ମୟ ରୂପ। ଭାଦ୍ରବ ପୂର୍ଣ୍ଣିମା ଦିନ ଭାଗବତ ଜନ୍ମ ପାଳନ କରାଯାଏ। ମହର୍ଷି ବ୍ୟାସଦେବ ଏହିଦିନ ଶ୍ରୀମଦ୍ ଭାଗବତର ରଚନା କରିଥିଲେ ବୋଲି କୁହାଯାଏ। ମୂଳ ସଂସ୍କୃତ ଭାଗବତକୁ ଅତିବଡ଼ି ଜଗନ୍ନାଥ ଦାସ ନବାକ୍ଷରୀ ଛନ୍ଦରେ ଓଡ଼ିଆରେ ରଚନା କରିଛନ୍ତି। ତେଣୁ ଏହିଦିନ ଜଗନ୍ନାଥ ଦାସଙ୍କ ରଚିତ 'ଓଡ଼ିଆ ଭାଗବତ' ପାଇଁ ଉତ୍ସର୍ଗୀକୃତ।

ଭାଗବତ ଜନ୍ମକୁ 'ଭାଗବତ ବଢ଼ା' ମଧ୍ୟ କୁହାଯାଏ। ଭାଦ୍ରବ ଶୁକ୍ଳ ନବମୀଠାରୁ ଆରମ୍ଭ ହେଉଥିବା ଭାଗବତ ପାରାୟଣ ଏହିଦିନ ସମାପନ ହୁଏ। ତେବେ ଭାଗବତ ପାରାୟଣର ଯେଉଁ ବିଧି ଅଛି, ତାହାକୁ 'ଭାଗବତ ସପ୍ତା' କୁହାଯାଏ। ଏହାର ଅର୍ଥ ସାତଦିନ ପର୍ଯ୍ୟନ୍ତ ବା ସପ୍ତାହବ୍ୟାପୀ ଭାଗବତ ପାଠ।

ଏହିଦିନ ଭାଗବତ ପୋଥି ନିକଟରେ ନୈବେଦ୍ୟ ଅର୍ପଣ କରାଯାଏ। ପୂର୍ବରୁ ଗାଁ ଗାଁରେ ଭାଗବତ ଟୁଙ୍ଗି ଥିଲା। ଏଠାରେ ପ୍ରତିଦିନ ସନ୍ଧ୍ୟାରେ ଭାଗବତ ପାଠ କରାଯାଉଥିଲା। ଗାଁର ବୟସ୍କ, ମହିଳା, ପୁରୁଷ, ଛୋଟ ପିଲା ସମସ୍ତେ ଏହି ଗୋଟିଏ ସ୍ଥାନରେ ବସି ଭାଗବତର ଅମୃତ ବାଣୀ ଶୁଣନ୍ତି। ସେଥିପାଇଁ ଭାଗବତ ଘରେ ଘରେ ପୂଜା ପାଏ। ପରମ ଶାସ୍ତ୍ର ଭାଗବତ ପାଠ ତଥା ଏହାର ଶ୍ରବଣ ଦ୍ୱାରା ଉଭୟ ଶ୍ରୋତା, ବକ୍ତା ଓ ପ୍ରଶ୍ନକର୍ତ୍ତା ସମସ୍ତେ ମୋକ୍ଷ ତଥା ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭ କରନ୍ତି। ମହାପୁରାଣ ଭାଗବତ ବାରଖଣ୍ଡରେ ବିଭକ୍ତ। ପ୍ରତିଖଣ୍ଡରେ ୧୦-୩୦ଟି ଅଧ୍ୟାୟ ଥିବା ବେଳେ ପ୍ରତି ଅଧ୍ୟାୟରେ ୫୦-୩୦୦ ପଦ ଅଛି। ସେହିପରି ଏହାକୁ ଏଭଳି ଭାବେ ରଚନା କରାଯାଇଛି ଯେ, ପ୍ରତିଦିନ ଗୋଟିଏ ଗୋଟିଏ ଅଂଶକୁ ୩୬୫ ଦିନ ପର୍ଯ୍ୟନ୍ତ ପାଠ କରାଯାଇପାରିବ। ଏ ଦୃଷ୍ଟିରୁ ଭାଗବତ ହେଉଛି ବ୍ୟାପକତାର ପରିଚୟ। ଅନ୍ୟ ଏକ ମତରେ, ଶୁକମୁନି ରାଜ ପରୀକ୍ଷିତଙ୍କୁ ଉଦ୍ଧାର କରିବା ପାଇଁ ତାଙ୍କୁ ମହର୍ଷି ବ୍ୟାସକୃତ ଶ୍ରୀମଦ୍‌ଭାଗବତ ଶୁଣାଇ ଥିଲେ। ଭାଦ୍ରବ ପୂର୍ଣ୍ଣିମାରେ ତାହା ସମାପନ ହୋଇଥିଲା। ତେବେ ଯାହା ହେଉ, ଭାଗବତରେ ଅମୂଲ୍ୟ ଉପଦେଶ ରହିଛି। ମଣିଷକୁ ସତ୍‌ମାର୍ଗରେ ଯିବା ପାଇଁ ସେଥିପାଇଁ ଭାଦ୍ରବ ପୂର୍ଣ୍ଣମୀ ଭାଗବତ ଜନ୍ମର ପୁଣ୍ୟ ତିଥି ଭାବେ ପାଳନ କରାଯାଉଛି। ସେଥିପାଇଁ କୁହାଯାଇଛି- 'ପରମ ଶାସ୍ତ୍ର ଭାଗବତ। ଅଭ୍ୟାସ କରୁଥିବା ନିତ୍ୟ।' ଚଳିତବର୍ଷ ସେପ୍ଟେମ୍ବର ୭ ତାରିଖରେ ଏହା ପଡ଼ୁଛି।



## ଗୃହ ପ୍ରବେଶର ଉପହାର

ନୂଆ ଘର କିଣିଲେ କିମ୍ବା ତିଆରି କଲେ ଗୃହ ପ୍ରବେଶ ପୂଜା କରାଯାଏ। ଏହି ଅବସରରେ ଲୋକମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଏ। ତେବେ ଗୃହ ପ୍ରବେଶ ପୂଜାରେ କେଉଁ ଉପହାର ଦେବା ଶୁଭ ହୋଇଥାଏ, ସେ ସମ୍ପର୍କରେ ଜାଣିବା।



- ଗଣେଶଙ୍କ ଏକ ସୁନ୍ଦର ମୂର୍ତ୍ତି ଗୃହ ପ୍ରବେଶ ଲାଗି ଏକ ସୁନ୍ଦର ଉପହାର ହୋଇପାରେ।
- ରୁପାକୁ ଶୁଭ ବୋଲି କୁହାଯାଏ। ତେଣୁ ରୁପା ମୁଦ୍ରା, ପ୍ଲେଟ୍ ଏବଂ ରୁପାର ଗଣେଶ- ଲକ୍ଷ୍ମୀଙ୍କ ମୂର୍ତ୍ତି ବି ଦେଇପାରିବେ। ଏହାକୁ ରଖିଲେ ଘରେ ସୁଖ-ସମୃଦ୍ଧି ବୃଦ୍ଧି ପାଏ।
- ତୁଳସୀଙ୍କୁ ଦେବୀ ଲକ୍ଷ୍ମୀଙ୍କ ରୂପ ବୋଲି ବିବେଚନା କରାଯାଏ। ଏହାକୁ ଘରେ ରଖିବା ଶୁଭ। ଏହା ଘରର ବାତାବରଣକୁ ଶୁଦ୍ଧ କରିଥାଏ। ତେଣୁ ତୁଳସୀ ଗଛ ଉପହାରରେ ଦେବା ଭଲ।
- ପୂଜା ପାଇଁ ଦୀପ, ଘିଅ ତଥା ପୂଜା ସାମଗ୍ରୀ ଦେଇପାରିବେ।
- ରୋଷେଇ ଲାଗି ନୂଆ ବାସନ ମଧ୍ୟ ଖୁବ୍ ଉପଯୋଗୀ ଉପହାର ହୋଇପାରେ।

## ସ୍ୱପ୍ନରେ ମୂଷା ଦେଖୁଥିଲେ

ହିନ୍ଦୁ ଧର୍ମରେ ମୂଷାକୁ ଗଣେଶଙ୍କ ବାହନ ବୋଲି କୁହାଯାଏ। ସ୍ୱପ୍ନରେ ବାରମ୍ବାର ମୂଷା ଦେଖିବା ଶୁଭ କି ଅଶୁଭ ସେସମ୍ପର୍କରେ ସ୍ୱପ୍ନ ଶାସ୍ତ୍ରରେ କୁହାଯାଇଛି। ତେବେ ଅଲଗା ଅଲଗା ମୂଷା ସ୍ୱପ୍ନରେ ଦେଖିବା କି ସଙ୍କେତ ଦିଏ, ସେ ସମ୍ପର୍କରେ, ଜାଣିବା।

- ସ୍ୱପ୍ନରେ କଳା ମୂଷା ଭୟଭୀତ ହେଇ ଦୌଡ଼ି ଯିବାକୁ ଅଶୁଭ ବୋଲି କୁହାଯାଇଛି। ଏହା ନକାରାତ୍ମକ, ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟାର ସଙ୍କେତ ଦିଏ।
- ସ୍ୱପ୍ନରେ ମୂଷା ଧରିବା ଦେଖିବାର ଅର୍ଥ ହେଉଛି କୌଣସି ସମସ୍ୟାର ସମାଧାନ ମିଳିପାରେ।
- ସେହିପରି ସ୍ୱପ୍ନରେ ମୃତ ମୂଷାକୁ ଦେଖିବା ଶୁଭ। ଏଭଳି ସ୍ୱପ୍ନ ଭବିଷ୍ୟତରେ ସମସ୍ୟାରେ ଜିତ୍ ହାସଲ କରିପାରିବେ।
- ମୂଷା ଛୁଆକୁ ସ୍ୱପ୍ନରେ ଦେଖିବା ଅତ୍ୟନ୍ତ ଶୁଭ। ଏଭଳି ସ୍ୱପ୍ନ ଜୀବନରେ ସୁଧାର ଆଣି ଧନଲାଭର ସଙ୍କେତ ଦିଏ। ଗଣେଶଙ୍କ ବିଶେଷ କୃପା ପ୍ରାପ୍ତି ହୁଏ।
- ତେବେ ସ୍ୱପ୍ନରେ ବଡ଼ ମୂଷା ଦେଖିବା ଅଶୁଭ ବୋଲି କୁହାଯାଇଛି। କୌଣସି ଅନ୍ତରଙ୍ଗ ବ୍ୟକ୍ତି ଧୋକା ଦେବାକୁ ଏହା ସୂଚାଏ।
- ମୂଷା ପଲଙ୍କୁ ସ୍ୱପ୍ନରେ ଦେଖିବା ଅଶୁଭ। ସମ୍ପର୍କରେ ଚିନ୍ତା ଓ କ୍ୟାରିୟରରେ ସମସ୍ୟା ଦେଖାଦେବାକୁ ଏହା ଇଙ୍ଗିତ କରେ।



# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

● ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

## ସାତ୍ତ୍ୱିକ-ଚିରାଗ ପୁଣି କାଂସ୍ୟରେ ସନ୍ତୁଷ୍ଟ



ପ୍ୟାରିସ, ୩୧।୮ (ଏଜେନ୍ସି): ଭାରତୀୟ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପ୍ୟାରିସରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଶନିବାର ରାତିରେ ଖେଳାଯାଇଥିବା ପୁରୁଷ ଡବଲ୍ସ ସେମିଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୧୯-୨୧, ୨୧-୧୮, ୧୨-୨୧ ଗେମରେ ଚୀନର ଚେନ୍ ବୋ ୟାଙ୍ଗ ଓ ଲିଉ ୟି ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ। ଚୀନ ଯୋଡ଼ିଙ୍କୁ ଏହି ମ୍ୟାଚ୍ ଜିତିବା ଲାଗି ଏକ ଘଣ୍ଟା ୭ ମିନିଟ୍ ସମୟ ଲାଗିଥିଲା। ଫାଇନାଲରେ ପ୍ରବେଶ କରିପାରି ନ ଥିଲେ ମଧ୍ୟ ବ୍ୟାଡ୍‌ମିଣ୍ଟନର ନିୟମ ଅନୁଯାୟୀ ଉଭୟ ସାତ୍ତ୍ୱିକ-ଚିରାଗ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ସାତ୍ତ୍ୱିକ-ଚିରାଗ ଯୋଡ଼ିଙ୍କ ଏହା ଦ୍ୱିତୀୟ କାଂସ୍ୟ ପଦକ। ଏଥିପୂର୍ବରୁ ୨୦୨୨ ସଂସ୍କରଣରେ ଏହି ଭାରତୀୟ ଯୋଡ଼ି ସମାନ ସଫଳତା ପାଇଥିଲେ। ସେହିଭଳି ୨୦୧୧ରୁ ଏହି ମେଗା ଇଭେଣ୍ଟର ପ୍ରତ୍ୟେକ ସଂସ୍କରଣରେ ଭାରତ ଅତିକମ୍‌ରେ ଗୋଟିଏ ପଦକ ଜିତିବାର ଧାରାକୁ ବଜାୟ ରଖିବାରେ ସଫଳ ହୋଇଛି। ବିଶ୍ୱ ବ୍ୟାଡ୍‌ମିଣ୍ଟନ ଇତିହାସରେ ୧୧ଜଣ ଭାରତୀୟ ୧୫ଟି ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ସେମାନଙ୍କ ମଧ୍ୟରୁ ପିଭି ସିନ୍ଧୁ ୨୦୧୯ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବିଶ୍ୱ ବ୍ୟାଡ୍‌ମିଣ୍ଟନର ଏହି ସମ୍ମାନଜନକ ପ୍ରତିଯୋଗିତାର ପରବର୍ତ୍ତୀ ସଂସ୍କରଣ ୨୦୨୬ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ।

## ବିସିବି ଅଧ୍ୟକ୍ଷ ପଦ ଲାଗି ଲଢ଼ିବେ ତାମିମ୍



ଢାକା, ୩୧।୮ (ଏଜେନ୍ସି): ବାଂଲାଦେଶ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ତାମିମ ଇକବାଲ ତାଙ୍କ କ୍ୟାରିୟର ଆଉ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି। ତାମିମ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)ର ଆଗାମୀ ନିର୍ବାଚନରେ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିସିବିର ନିର୍ବାଚନ ଅକ୍ଟୋବରରେ ଅନୁଷ୍ଠିତ ହେବ। ଏଥିରେ ୩୬ ବର୍ଷୀୟ ତାମିମ ଅଧ୍ୟକ୍ଷ ପଦରେ ଲଢ଼େଇ କରିବେ ବୋଲି ଜଣାପଡ଼ିଛି। ବାଂଲାଦେଶର ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ତାମିମ କହିଛନ୍ତି, 'ବିସିବି ନିର୍ବାଚନରେ ଅଂଶଗ୍ରହଣ କରିବାର ଏକ ଭଲ ସୁଯୋଗ ରହିଛି। କିନ୍ତୁ କେହି ଆଗୁଆ କହିପାରିବେ ନାହିଁ ଯେ ଅଧ୍ୟକ୍ଷ କିଏ ହେବ। ଯଦି ଆମେ ବାଂଲାଦେଶ କ୍ରିକେଟର୍ସ ୱେଲଫେୟର ସଂଘ କଥା କୁହାଯିବ ତେବେ ସେଠାରେ ସଭାପତି ସିଧାସଳଖ ନିର୍ବାଚିତ ହୁଅନ୍ତି। କିନ୍ତୁ ବିସିବି ନିର୍ବାଚନ ଅଲଗା ପ୍ରକାର ହୋଇଥାଏ। ସର୍ବପ୍ରଥମେ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହେବା ଆବଶ୍ୟକ। ଏହାପରେ ଯଦି ଅଧ୍ୟକ୍ଷ ପଦ ଲାଗି ୨ଜଣ ଠିଆ ହୁଅନ୍ତି ତେବେ ନିର୍ଦ୍ଦେଶକମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଭୋଟ୍ ଦେଇ ବାଛିବେ। ତେଣୁ ଏଥର ମୋ ନିକଟରେ ଭଲ ସୁଯୋଗ ରହିଛି ଏବଂ ମୁଁ ଅଧ୍ୟକ୍ଷ ଲାଗି ଲଢ଼ିବି।' ବାମହାତୀ ବ୍ୟାଟର୍ ବାଂଲାଦେଶ ଇତିହାସରେ ଦିନିକିଆ କ୍ରିକେଟରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଛନ୍ତି। ସେ ୨୪୩ ମ୍ୟାଚ୍ ଖେଳି ୮୩୫୭ ରନ ସଂଗ୍ରହ କରିଛନ୍ତି। ସେହିଭଳି ୭୦ ଟେଷ୍ଟ ଓ ୭୮ ଟି-୨୦ରେ ତାଙ୍କ ନାମରେ ଯଥାକ୍ରମେ ୫୧୩୪ ଓ ୧୭୫୮ ରନ ଲିପିବଦ୍ଧ ରହିଛି।

ଏସିଆ କପ୍ ହକି

# କ୍ରମାଗତ ୨ୟ ବିଜୟ ସହ ସୁପର୍-୪ରେ ଭାରତ

ରାଜଗିର, ୩୧।୮ (ଏଜେନ୍ସି)

ବିହାରରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣରେ ଘରୋଇ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ତୃତୀୟ ଦିବସରେ ଖେଳାଯାଇଥିବା ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୩-୨ ଗୋଲ୍‌ରେ ଜାପାନକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂହ ଡବଲ୍ ଗୋଲ୍ ଦେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଭାରତ ୪-୩ ଗୋଲରେ ଚାଇନାକୁ ମାତ୍ ଦେଇଥିଲା। ଫଳରେ ପୁଲ୍-ଏ'ରେ ସ୍ଥାନ ପାଇଥିବା ଭାରତ ୨ ମ୍ୟାଚରୁ ୬ ପଏଣ୍ଟ ପାଇ ସୁପର୍-୪ ନିକଟତର ହୋଇଛି। ଘରୋଇ ଦଳ ଏହାର ଶେଷ ପୁଲ୍ ମ୍ୟାଚରେ ସୋମବାର କାଜାଖସ୍ତାନକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

ରବିବାର ଜାପାନ ବିପକ୍ଷ ଦ୍ୱିତୀୟ ପୁଲ୍ ମ୍ୟାଚରେ ଭାରତୀୟ ଦଳ ଦମ୍‌ଦାର ଆରମ୍ଭ କରିଥିଲା। ପ୍ରଥମ କ୍ୱାର୍ଟରର ପ୍ରଥମ ୫ ମିନିଟ୍ ମଧ୍ୟରେ ୨ଟି ଗୋଲ୍ ଦେଇ ହରମନପ୍ରୀତ୍‌ଙ୍କ ଦଳ ଏହାର ଆଭିମୁଖ୍ୟ ସ୍ପଷ୍ଟ କରିଥିଲା। ମ୍ୟାଚର ୪ର୍ଥ ମିନିଟ୍‌ରେ ମନଦୀପ୍ ସିଂହ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଭାରତର ଖାତା ଖୋଲିଥିଲେ। ଏହାର ଠିକ୍ ପରବର୍ତ୍ତୀ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ସୁଯୋଗ ମିଳିଥିଲା। ଅଭିଜ୍ଞ ଡ୍ରାଗଫ୍ଲିକର ହରମନପ୍ରୀତ୍ ଏହାର ଭରପୁର ଫାଇଦା ଉଠାଇ ଅଗ୍ରଣୀକୁ ୨-୦କୁ ବୃଦ୍ଧି କରାଇଥିଲେ। ପ୍ରଥମ କ୍ୱାର୍ଟର ତଥା ୧୫ ମିନିଟ୍‌ରେ ଭାରତ ଏହି ଅଗ୍ରଣୀକୁ ବଜାୟ ରଖିଥିଲା। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ଜାପାନ ଲଢ଼ୁଆ ପ୍ରଦର୍ଶନ କରିବାରୁ ଭାରତ ଗୋଟିଏ ହେଲେ ଗୋଲ୍ ସ୍କୋର କରିପାରି ନ ଥିଲା। ଫଳରେ ଏହି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଜାପାନ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ କ୍ୱାର୍ଟର ତଥା ମ୍ୟାଚର ୩୮ତମ ମିନିଟ୍‌ରେ ହୟୋତା ୟାମାଦା ଭାରତୀୟ ଡିଫେଣ୍ଡରଙ୍କୁ ଚକ୍‌ମା ଦେଖାଇ ବଲ୍‌କୁ ନେଟ୍ସ ମଧ୍ୟକୁ ପଠାଇଦେଇଥିଲେ। ଫଳରେ ଜାପାନ ମ୍ୟାଚକୁ ୧-୨ ସ୍ଥିତିକୁ ଆଣିଥିଲା। କିନ୍ତୁ ୪ର୍ଥ କ୍ୱାର୍ଟରର ଆରମ୍ଭରୁ ଭାରତ ଆଉ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲା। ଏଥର ମଧ୍ୟ ଅଧିନାୟକ ହର୍‌ମନପ୍ରୀତ୍ କୌଣସି ତ୍ରୁଟି ନ କରି ଭାରତ ପାଇଁ ୩ୟ ଗୋଲ୍ ଦେଇଥିଲେ। ଫଳରେ ଭାରତ ୩-୧ରେ ଆଗୁଆ ରହିଥିଲା। ଏହାପରେ ଜାପାନ କିନ୍ତୁ ସହଜରେ ଭାରତକୁ ଛାଡ଼ିବା ସ୍ଥିତିରେ ନ ଥିଲା। ମ୍ୟାଚ ଶେଷ ହେବାକୁ ଆଉ ୨ ମିନିଟ୍ ଥିବାବେଳେ କୋଶେଇ କାୱାବେଙ୍କ ଗୋଲ୍ ମ୍ୟାଚରେ ରୋମାଞ୍ଚ ଭରିଦେଇଥିଲା। ଏହାସତ୍ତ୍ୱେ ଭାରତ ୩-୨ ଗୋଲ୍‌ରେ ଶେଷରେ ବିଜୟୀ ହୋଇ ୩ ପଏଣ୍ଟ ଅର୍ଜନ କରିଥିଲା।



**ତୃତୀୟ ଦିନର ଫଳାଫଳ**

ଭାରତ- ୩ : ଜାପାନ- ୨
ଚାଇନା- ୧୩ : କାଜାଖସ୍ତାନ- ୧

ହକି ଇଣ୍ଡିଆ ଲିଗ୍

## ଓହରିଲା ଟିମ୍ ଗୋନାସିକା, ଓଡ଼ିଶା ୱାରିୟର୍ସ

ରାଜଗିରି, ୩୧।୮ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ୍)ର ଆଗାମୀ ସଂସ୍କରଣରୁ ଟିମ୍ ଗୋନାସିକା ଓହରିଯାଇଛି। ସେହିଭଳି ମହିଳା ହକି ଇଣ୍ଡିଆ ଲିଗ୍ (ଡବ୍ଲ୍ୟୁଏଚଆଇଏଲ୍)ରୁ ମଧ୍ୟ ଓଡ଼ିଶା ୱାରିୟର୍ସ ଓହରିଯିବାକୁ ନିଷ୍ପତ୍ତି ନେଇଛି। ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ରବିବାର ଏହି ସୂଚନା ଦେଇଛନ୍ତି। ବିହାରରେ ଚାଲିଥିବା ଏସିଆ କପ୍ ଅବସରରେ ଦିଲୀପ ଗଣମାଧ୍ୟମକୁ କହିଛନ୍ତି, 'ଟିମ୍ ଗୋନାସିକା ଏଚ୍‌ଆଇଏଲ୍‌ରେ ଆଉ ଭାଗନେବ ନାହିଁ। ଫ୍ରାଞ୍ଚାଇଜର ମାଲିକ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ସମସ୍ତ ଖେଳାଳି ସେମାନଙ୍କ ବାକି ଥିବା ଦେୟ ଫ୍ରାଞ୍ଚାଇଜ ନିକଟରୁ ପାଇସାରିଛନ୍ତି। ଓଡ଼ିଶା ୱାରିୟର୍ସ ପକ୍ଷରୁ ଦେୟ ପ୍ରଦାନରେ ବିଳମ୍ବ ହୋଇଥିଲା। ଆମେ ସେମାନଙ୍କ ପୁରସ୍କାର ରାଶିରୁ କାଟି ଖେଳାଳିଙ୍କୁ ବକେୟା ଥିବା ପାଉଣା ପ୍ରଦାନ କରିଥିଲୁ। ୱାରିୟର୍ସ ମଧ୍ୟ ଆଗାମୀ ଡବ୍ଲ୍ୟୁଏଚ୍‌ଆଇଏଲ୍‌ରେ ଭାଗନେବ ନାହିଁ।' ହକି ଇଣ୍ଡିଆ ସଭାପତି ଆହୁରି ମଧ୍ୟ କହିଛନ୍ତି, ଖୁବ ଶୀଘ୍ର ଦୁଇ ଫ୍ରାଞ୍ଚାଇଜର ବଦଳ ଦଳ ଘୋଷଣା କରାଯିବ। ପୂର୍ବଭଳି ମହିଳା ଲିଗ୍‌ରେ ୪ଟି ଓ ପୁରୁଷରେ ୮ଟି ଦଳ ଅଂଶଗ୍ରହଣ କରିବେ। ସେହିଭଳି ଓହରି ଯାଇଥିବା ଦୁଇ ଦଳର ଖେଳାଳିମାନେ ବଦଳ ଫ୍ରାଞ୍ଚାଇଜକୁ ସିଧାସଳଖ ଯିବେ ନାହିଁ। ସେମାନେ ଏବେ ମୁକ୍ତ ହୋଇଛନ୍ତି। ଆଗାମୀ ନିଲାମୀରେ ସାମିଲ ହେବାପରେ କେଉଁ ଦଳରୁ ଖେଳିବେ ତାହା ସ୍ପଷ୍ଟ ହେବ। ଏହା ଏକ ପୂର୍ଣ୍ଣାଙ୍ଗ ନିଲାମୀ ହେବ ନାହିଁ। ଏହା କ୍ଷୁଦ୍ର ନିଲାମୀ ସଦୃଶ ହେବ।

ଉଲ୍ଲେଖଯୋଗ୍ୟ, ଏଚ୍‌ଆଇଏଲ୍‌ର ଗତ ସଂସ୍କରଣରେ ଟିମ୍ ଗୋନାସିକା ଭାଇଜାଗରୁ ପ୍ରତିନିଧିତ୍ୱ କରୁଥିଲା। କିନ୍ତୁ ଏହାର ମାଲିକ ଓଡ଼ିଶାର ଥିଲେ। କେଉଁଝରର ବିଶିଷ୍ଟ ଶିଳ୍ପପତି ତାରିଣୀ ପ୍ରସାଦ ମହାନ୍ତି ଦଳର ମାଲିକ ରହିଥିଲେ। ଗୋନାସିକା ଦଳ ଗତ ସଂସ୍କରଣରେ ୧୦ ମ୍ୟାଚ୍ ଖେଳି ମାତ୍ର ୩ଟି ଜିତିଥିବାବେଳେ ୫ଟି ହାରିଥିଲା। ଦଳ ୮ ଦଳୀୟ ଟେବଲ ତାଲିକାର ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସେହିଭଳି ଓଡ଼ିଶା ୱାରିୟର୍ସ ଦଳକୁ ନଭୋୟାମ ସ୍ପୋର୍ଟ୍ସ ଭେଞ୍ଚର୍ସ କିଣିଥିଲା। ସଞ୍ଜୀବ ଶ୍ରୀବାସ୍ତବ ଏହାର ନିର୍ଦ୍ଦେଶକ ରହିଥିଲେ। ମହିଳା ହକି ଲିଗ୍‌ର ପ୍ରଥମ ସଂସ୍କରଣରେ ନେହା ଗୋୟଲ ଓଡ଼ିଶା ୱାରିୟର୍ସ ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ଓଡ଼ିଶା ୱାରିୟର୍ସ ମଧ୍ୟ ଚାମ୍ପିଅନ ହୋଇଥିଲା।


ଗତ ସଂସ୍କରଣରେ ମହିଳା ହକି ଲିଗ୍ ଜିତିଥିବା ଓଡ଼ିଶା ୱାରିଅର୍ସ ଦଳ

## ଇଣ୍ଟରନ୍ୟାସନାଲ୍ ଲିଗ୍ ଟି-୨୦ରେ ଖେଳିବେ ଅଶ୍ୱିନ



ଚେନ୍ନଇ, ୩୧।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ରବିଚନ୍ଦ୍ରନ ଅଶ୍ୱିନ ନିକଟରେ ଆଇପିଏଲ୍‌ରୁ ଅବସର ଘୋଷଣା କରିଥିଲେ। ଏହାପରେ ସେ ବିଦେଶୀ ଟି-୨୦ ଲିଗ୍‌ରେ ଖେଳିବେ ବୋଲି ସୂଚନା ଦେଇଥିଲେ। ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୩୮ ବର୍ଷୀୟ ଅଶ୍ୱିନ ୟୁଏଇରେ ଖେଳାଯାଉଥିବା ଇଣ୍ଟରନ୍ୟାସନାଲ ଲିଗ୍ (ଆଇଏଲ୍) ଟି-୨୦ରେ ଖେଳିବାକୁ ମନ ବଳାଇଛନ୍ତି। ଏଥିଲାଗି ସେ ଖେଳାଳି ନିଲାମୀରେ ନାମ ପଞ୍ଜିକରଣ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏକ ସାକ୍ଷାତ୍‌କାରରେ ଅଶ୍ୱିନ କହିଛନ୍ତି, 'ହଁ ମୁଁ ଆଇଏଲ୍ ଟି-୨୦ ଆୟୋଜକଙ୍କ ସହ ଯୋଗାଯୋଗରେ ରହିଛି। ଆଶା ଅଛି ଯଦି ମୁଁ ନିଲାମୀକୁ ଯାଉଛି ତେବେ ମୋତେ କ୍ରେତା ନିଶ୍ଚିତ ମିଳିବେ।' ଉଲ୍ଲେଖଯୋଗ୍ୟ, ଆଇଏଲ୍ ଟି-୨୦ର ପରବର୍ତ୍ତୀ ସଂସ୍କରଣ ଡିସେମ୍ବର ୨ରୁ ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏଥିଲାଗି ଖେଳାଳି ନିଲାମ ସେପ୍ଟେମ୍ବର ୩୦ରେ ଅନୁଷ୍ଠିତ ହେବ। ଯେଉଁମାନେ ଖେଳାଳି ନିଲାମୀରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ସେପ୍ଟେମ୍ବର ୧୦ ସୁଦ୍ଧା ନାମ ପଞ୍ଜିକରଣ କରିବାକୁ ପଡ଼ିବ।

ଓସିଏର ଏଜିଏମ୍‌ରେ ନିଷ୍ପତ୍ତି

## ଷ୍ଟାର ସ୍ପୋର୍ଟ୍ସରେ ଓପିଟିଏଲ୍‌ର ସିଧାପ୍ରସାରଣ

କଟକ,୩୧।୮ (ସମିସ)



ଘରୋଇ ଲିଗ୍‌କୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ସେପ୍ଟେମ୍ବର ୧୫ରୁ କଟକରେ ଓଡ଼ିଶା ପ୍ରୋ ଟି-୨୦ ଲିଗ(ଓପିଟିଏଲ) ଆରମ୍ଭ ହେବ। ଯାହାର ବ୍ରାଣ୍ଡଆମ୍ବାସଡର ରହିବେ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ବୋଲର ବ୍ରେଟ୍ ଲି ଏବଂ ଅନ୍ତର୍ଜାତୀୟ ଓଡ଼ିଆ ଖେଳାଳି ଦେବାଶିଷ ମହାନ୍ତି। ଏହାଛଡ଼ା ଷ୍ଟାର ସ୍ପୋର୍ଟସ ଚ୍ୟାନେଲ ଏବଂ ଫ୍ୟାନକୋଡ୍(ଓଟିଟି)ରେ ସମ୍ପୂର୍ଣ୍ଣ ଲିଗ୍‌ର ସିଧାପ୍ରସାରଣ କରାଯିବ। ଆଜି ପୁରୀରେ ଆୟୋଜିତ ଓସିଏର ବାର୍ଷିକ ସାଧାରଣ ପରିଷଦ(ଏଜିଏମ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା, ଅନ୍ତର୍ଜାତୀୟ ମ୍ୟାଚ୍ ପରିଚାଳନା ଏବଂ ଓସିଏ କର୍ମକର୍ତ୍ତା ନିର୍ବାଚନ ବାବଦରେ ମଧ୍ୟ ଏହି ଅବସରରେ ଆଲୋଚନା ହୋଇଥିଲା।

ସଭାପତି ପଙ୍କଜ ଲୋଚନ ମହାନ୍ତି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ୬ଟି ଦଳକୁ ନେଇ ବାରବାଟୀ ଷ୍ଟାଡିୟମରେ ଓପିଟିଏଲ ଖେଳାଯିବ। ପ୍ରତ୍ୟେକ ଦିନ ଦୁଇଟି ଲିଗ୍ ମ୍ୟାଚ୍ ରହିବ। ଆରିଭା ସ୍ପୋର୍ଟସ ଲିଗ୍‌ର ପ୍ରାୟୋଜକ ରହିଛି। ତେବେ ଖୁବଶୀଘ୍ର ଲିଗ୍ ନିମନ୍ତେ ଖେଳାଳି କ୍ରୟ କରାଯିବ। ପ୍ରତ୍ୟେକ ଖେଳାଳି ଡ୍ରାଫ୍ଟ ଆକାରରେ କିଣାଯିବେ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି। ସମ୍ଭବତଃ ଆସନ୍ତା ୩ ତାରିଖରେ ପାଳି ଅନୁସାରେ ଫ୍ରାଞ୍ଚାଇଜ୍ ମାଲିକମାନେ ଖେଳାଳି କ୍ରୟ କରିବେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦ୍ୱାରା ଲିଗ୍ ଉଦ୍‌ଘାଟିତ ହେବ ବୋଲି ନିଷ୍ପତ୍ତି ହୋଇଛି।

### ଅନ୍ତର୍ଜାତୀୟ ମ୍ୟାଚ୍ ପରେ ହେବ ଓସିଏ ନିର୍ବାଚନ

ଅପରପକ୍ଷରେ ଆସନ୍ତା ଜାନୁଆରୀରେ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ ହେବ। ଡଃ ହରେକୃଷ୍ଣ ମହତାବ ଫିଡର ସେଣ୍ଟର ଓ ସଚିନ ତେନ୍ଦୁଲକର ସ୍ପୋର୍ଟସ ସାଇନ୍ସ ସେଣ୍ଟର ପ୍ରତିଷ୍ଠା ଦିଗରେ ଏଜିଏମ୍‌ରେ ଆଲୋଚନା ହୋଇଥିଲା। ଡିସେମ୍ବର ୯ ତାରିଖରେ ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ଖେଳାଯିବ। ଏହାର ପ୍ରସ୍ତୁତି ଦିଗରେ ଆଲୋଚନା ହୋଇଛି। ତେବେ ଏହି ଅନ୍ତର୍ଜାତୀୟ ମ୍ୟାଚ୍ ପରେ ଓସିଏ କର୍ମକର୍ତ୍ତା ନିର୍ବାଚନ ହେବ ବୋଲି ସ୍ଥିର କରାଯାଇଛି। ଅକ୍ଟୋବରରେ ସମସ୍ତ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବ। ପରେ ରାଜ୍ୟ ସରକାରଙ୍କ ସହଯୋଗରେ ମ୍ୟାଚ୍ ଆୟୋଜନ କରାଯିବ। ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

AISECT
RECRUITMENT OF VOCATIONAL TRAINERS & COORDINATORS

Applications are invited from eligible candidates for Implementing Vocational Education in Government Schools of Odisha under CSS-VHSE Samagra Shiksha. Terms of engagement is Contractual and Institutional positions. Candidates should be domicile of Odisha and must read & write Odia. **Gross Salary: Rs. 20,000/- per month. Age Limit: 18-45 years (As on 01/01/2025)** as per Govt. Rules. **Last Date of Application: 07.09.2025 (5:00 pm)**

Online Application Link https://www.aisect.org/Odisha-VT-VCrecruitment2025

Vocational Trainers' Qualifications & Experience:

| Sector | Districts | QUALIFICATIONS & EXPERIENCE |
|---|---|---|
| AGRICULTURE | Deogarh, Koraput, Kandhamal, Mayurbhanj & Kalahandi | Post-graduation in Horticulture from a recognized Institute/University, with at least 1 year work/teaching experience |
| TOURISM & HOSPITALITY | Deogarh, Koraput, Kandhamal, Mayurbhanj & Kalahandi | Diploma/Degree in Hotel Management from a recognized Institute/University, with at least 5 years work/teaching experience in Food and Beverage service including one year as supervisory capacity in a classified Hotel or Facility Management Company |
| APPAREL | Jharsuguda | Post-graduation in Textile and Clothing or Relevant area from a recognized Institute / University, with at least 1 year work/teaching experience in Textile and clothing. |
| BEAUTY & WELLNESS | Jharsuguda | Diploma in Cosmetology/Beauty Therapy/ Beauty Culture from a recognized Institution Minimum 1 year working experience in the profession. |
| IT/ITES | Deogarh, Jharsuguda & Kalahandi | Diploma in Computer Science/ Information Technology OR Bachelor Degree in Computer Application/ Science/ Information Technology (BCA, B. Sc. Computer Science/Information Technology) OR Graduate with PGDCA OR DOEACC A or B Level Certificate |
| RETAIL | Jharsuguda & Mayurbhanj | Graduate or Diploma in Retail Management, P.G. Diploma in Marketing with at least 50% marks and 1 year teaching/work experience. Preference will be given to higher education with MBA (Retail Marketing) and PG Diploma in Retail Management. |
| AUTOMOTIVE | Deogarh, Jharsuguda & Kandhamal | Degree in Automobile Engineering /Mechanical Engineering from a recognized Institute /University, with at least 1 year work / teaching experience. Diploma in Automobile Engineering /Mechanical Engineering from a recognized Institute /University, with at least 3 year work/teaching experience or B.VOC in Automotive Engg.from the recogined Institute. |
| ELECTRONICS | Deogarh & Jharsuguda | B.E./B.Tech. in Electrical/Electronics/Telecommunication with 1 year experience in the relevant field. Or Diploma in Electrical/ Electronics/ Electronics/ Telecommunication from recognized board of technical education with 2 years experience in relevant field. |

**VOCATIONAL COORDINATOR: QUALIFICATION & EXPERIENCE :** Minimum 03 years of work experience post qualification of professional degree (Masters Degree) in related any one of above Domains(Sectors)/Rural Development/Management/MSW/Sociology. Preference should be given to exposure of Candidate on skill & entrepreneurship Development / Education Sector having requisite qualification.

**DISTRICTs OF POSTING:** Kalahandi, Koraput, Kandhamal, Mayurbhanj, Deogarh & Jharsuguda. **Gross Salary : Rs.30,000/- PM**

**NOTE:** Candidates shortlisted on the basis of details filled ONLINE will have to go through On Line Test followed by an Interview. Existing VT & VC will be given priority as per the Dept. Guidelines. Selected candidate will be asked to join within short notice of one week.

This is not a government job. Positions are purely contractual. Please do not use any unfair means, Apply fairly.

To Apply, Scan The QR Code

8260186138
Call Between 10:00 AM To 06:00 PM

REQUIREMENT OF VOCATIONAL TRAINERS IN ODISHA
BNSS
Bhagini Nivedita Shiksha Samiti

**Bhagini Nivedita Shiksha Samiti, Bhopal** Partner of NSDC, invites application for the role of **Vocational Trainer & Vocational Coordinator on Contractual basis** under **CSS-VHSE Program (NSQF)** in Odisha. **Candidates must be Odisha domicile.**

| Sector & Post | Qualification for Vocational Trainer |
|---|---|
| Apparel (14) | PG in Textile and Clothing or Relevant Area. **With** 1 year work/teaching experience in Textile and Clothing. |
| Beauty & Wellness (12) | Diploma in Cosmetology/Beauty Therapy/ Beauty Culture from a recognized Institution **with** Minimum 1 Year Experience in the profession. |
| Organised Retail (39) | Graduate or Diploma in Retail Management, P.G. Diploma in Marketing with at least 50% marks **with** 1 year work/teaching experience. |
| Tourism & Hospitality (37) | Diploma/Degree in Hotel Management from a recognized Institute /University **with** 5 yrs work/teaching experience in Food and Beverage service including one year as supervisory capacity in a classified Hotel. |
| Power (01) | B. Tech/Diploma in Electrical Engineering from a recognized Institute/University **with** 1-3 year work/teaching experience |

**Qualification for Vocational Coordinator:-** PG (Master's Degree in Related Domain / Rural Development / Management / MSW / Sociology. **With** 3 Year Experience in Skill/Education Sector

**Age Limit:** 18 to 45 Years (Age relaxation to be provided as per Govt. rules)

**Gross salary 20000/- per month for Vocational Trainers and Rs. 30000/- per month for Vocational Coordinator inclusive of all applicable deduction**

**How to apply :- Eligible candidates can submit applications by scanning QR code or given Google Form Link https://forms.gle/PwMBNmRGRK6iffBk9 from 29-08-2025 to 04-09-2025 till 6 PM. Application accepted on link or QR Code only.**
**For Queries call between 11 AM to 05 PM - +917974047935, +919352849238**

Scan QR for Apply

*Short listed candidates will be intimated within short notice for Interview through email.For more information contact above given number.*
**This is not a Govt. Job Management reserve the rights to accept or reject any application.**

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS